OCTOBER 12, 2026
MONDAY, BHUBANESWAR

ଅକ୍ଟୋବର ୧୨, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 2 ● ISSUE- 40 | ବର୍ଷ- ୨ ● ସଂଖ୍ୟା-୪୦ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

### ଛାତ୍ର ସଂସଦ ନିର୍ବାଚନ ଏବିଭିପିର ବଡ଼ ସଫଳତା

## ମଇଦାନରେ ୬୦୦୦ରୁ ଅଧିକ ପ୍ରାର୍ଥୀ



- ୧୩ ବିଶ୍ୱବିଦ୍ୟାଳୟ,୩୪୭ ମହାବିଦ୍ୟାଳୟରେ ନିର୍ବାଚନ
- କଲେଜ କ୍ୟାମ୍ପସରେ ନିର୍ବାଚନୀ ଉଷ୍ମତା
- ମଇଦାନରେ ଏବିଭିପି ଆଗରେ

ଭୁବନେଶ୍ୱର୧୧/୧୦ ; ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ଏହାପରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ କେତେଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ ସେନେଇ ଚୂଡ଼ାନ୍ତ ତାଲିକା ଜାରି ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୬୬୦୦ରୁ ଅଧିକ ପ୍ରାର୍ଥୀ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡୁଛି। ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ ୪୨୯ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ବିଭିନ୍ନ କାରଣରୁ ୪୯ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ୩୮୦ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବାବେଳେ ୩୪ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ୩୪୭ଟି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେବ। ଏନେଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ୩୪୭ଟି ମହାବିଦ୍ୟାଳୟରେ ୮୩୭୦ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ୧୧୯୬ଜଣଙ୍କର ବିଭିନ୍ନ କାରଣରୁ ପ୍ରାର୍ଥିପତ୍ର ନାକଚ ହୋଇଛି। ୭୧୭୪ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର କାଏମ ରହିଥିଲା। ଆଜି ୪୦୫ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବାବେଳେ ୬୩୬୨ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଏହା ଚୂଡ଼ାନ୍ତ ତାଲିକା ନୁହେଁ। ପ୍ରାର୍ଥିପତ୍ର ପ୍ରତ୍ୟାହାର ସଂଖ୍ୟା ଆହୁରି ବଢ଼ିପାରେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ତଥ୍ୟ ଅପ୍ ଟୁ ଡେଟ୍ କରୁଥିବାରୁ ରବିବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଅପରପକ୍ଷେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହେବା ଘଟଣାକୁ ନେଇ ଆନ୍ଦୋଳନ ଜାରି ରହିଛି। ଛାତ୍ରଛାତ୍ରୀମାନେ କ୍ୟାମ୍ପସରେ ନାରାବାଜି କରିବା ସହ ନିର୍ବାଚନ ବାତିଲ କରିବାକୁ ଦାବି କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ପରିସ୍ଥିତି ଅଣାୟତ୍ତ ହେଉଥିବାରୁ ଆସନ୍ତା ଦିନେ ଦୁଇ ଦିନ ଭିତରେ କେତୋଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନ ହେବ ତାହା ସ୍ପଷ୍ଟ ହୋଇଯିବ।



ମା କଟକଚଣ୍ଡୀଙ୍କ ଜୟଦୁର୍ଗା ବେଶ ଦର୍ଶନ

### ଚେନ୍ନାଇରେ ପ୍ରଧାନମନ୍ତ୍ରୀଙ୍କ ମେଗା ରୋଡ୍ ଶୋ

## ଏକାଠି ଯାତ୍ରା କଲେ ମୋଦୀ ଓ ମୁଖ୍ୟମନ୍ତ୍ରୀ ବିଜୟ



### ୧୩ ହଜାର କୋଟିର ପ୍ରକଳ୍ପ ଭେଟି

ଚେନ୍ନାଇ୧୧/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଚେନ୍ନାଇରେ ୧୩ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବା ପାଇଁ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ୧୧ଟାରେ ବିମାନବନ୍ଦରରେ ପହଞ୍ଚିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ତାଙ୍କୁ ସ୍ୱାଗତ କରିଥିଲେ। ବିଜୟ ସରକାର କ୍ଷମତାକୁ ଆସିବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଚେନ୍ନାଇ ଗସ୍ତ ।ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର, ମୁଖ୍ୟମନ୍ତ୍ରୀ ବିଜୟ, ଏଆଇଏଡିଏମକେ ମହାସଚିବ ଏଡାପ୍ପାଡି କେ. ପଲାନିସ୍ୱାମୀ ଏବଂ ବିଜେପି ନେତା ନୈନାର ନାଗେନ୍ଦ୍ରନ ମଧ୍ୟ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଚେନ୍ନାଇରେ ଏକ ମେଗା ରୋଡ୍ ଶୋ ମଧ୍ୟ କରିଥିଲେ ଏବଂ ତାଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିବା ବିଜେପି କର୍ମୀ ଏବଂ ସମର୍ଥକମାନଙ୍କୁ ହାତ ହଲାଇ ଅଭିବାଦନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାଫଲା ବିମାନବନ୍ଦରରୁ ବାହାରିବା ମାତ୍ରେ ବହୁ ସଂଖ୍ୟକ ବିଜେପି କର୍ମୀ ଏବଂ ସମର୍ଥକ ତାଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତା କଡ଼ରେ ଠିଆ ହୋଇ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଉଥିବାର ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବିଜେପିର ତାମିଲନାଡୁ ୟୁନିଟ୍ ବିମାନବନ୍ଦର ନିକଟରେ ନିର୍ଦ୍ଦିଷ୍ଟ ରାସ୍ତା କଡ଼ରେ ପାରମ୍ପରିକ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥିଲା ।ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ପୋରୁର ମେଟ୍ରୋ ଷ୍ଟେସନକୁ ଯାଇଥିଲେ, ଯେଉଁଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଭିଡ଼ ଜମିଥିଲା। ପୃଷ୍ଠା ୨...

### ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

## ଡେବ୍ରିଗଡ଼ ଅଭୟାରଣ୍ୟ ପ୍ରକୃତିର ଅପୂର୍ବ ସୃଷ୍ଟି

ସମ୍ବଲପୁର ୧୧/୧୦ : ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଶନିବାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପତିଙ୍କ ସହ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି ।ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ରାଜ୍ୟପାଳ ଭୂୟସୀ ପ୍ରଶଂସା କରିଛନ୍ତି। ପରିଦର୍ଶନ ସମୟରେ ସେ ଜଙ୍ଗଲ ଭ୍ରମଣ କରି ବନ୍ୟପ୍ରାଣୀ ମାନଙ୍କୁ ଦେଖିଥିଲେ। ସେଠାରେ ପର୍ଯ୍ୟଟକଙ୍କ ପାଇଁ ଥିବା ସୁବିଧା, ଭିତ୍ତିଭୂମି ବିକାଶ ଏବଂ ଜୈବ ବିବିଧତା ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିଛନ୍ତି ।ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ବିସ୍ତୃତ ଡେବ୍ରିଗଡ଼ ଅଭୟାରଣ୍ୟ ଏହାର ବିବିଧ ବନ୍ୟପ୍ରାଣୀ, ମନୋରମ ଜଙ୍ଗଲ ଓ ହୀରାକୁଦ ଜଳଭଣ୍ଡାରର ନିକଟତା ପାଇଁ ପ୍ରସିଦ୍ଧ। ଏହା ପଶ୍ଚିମ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଇକୋ-ଟୁରିଜିମ୍ ସ୍ଥଳ ।ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ସ୍ଥାନୀୟ ସମୁଦାୟର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଏଭଳି ପଦକ୍ଷେପ ବନ୍ୟପ୍ରାଣୀ ସଂରକ୍ଷଣକୁ ସମର୍ଥନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ସେ କହିଛନ୍ତି ।ବିଦେଶ ଭ୍ରମଣ ପରିବର୍ତ୍ତେ ଦେଶ ଭିତରର ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ରାଜ୍ୟପାଳ ଲୋକଙ୍କୁ ଉତ୍ସାହିତ କରିଛନ୍ତି। ଭାରତର ପ୍ରାକୃତିକ ଆକର୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଜୀବିକାକୁ ସମର୍ଥନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପୃଷ୍ଠା ୨...



### 'ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଲେ ରାଜ୍ୟପାଳ

ସମ୍ବଲପୁର ୧୧/୧୦ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ଶନିବାର ଦିନ ମହାଳୟା ଅବସରରେ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ରାଜ୍ୟର ଜନସାଧାରଣଙ୍କ ସମୃଦ୍ଧି, ସୁଖ ଓ ମଙ୍ଗଳ କାମନା କରିଛନ୍ତି। ପୃଷ୍ଠା ୨...

## ୟୁପିରେ ବଢ଼ିବ ପେନ୍‌ସନ୍ ମାସିକ ମିଳିବ ୧୫୦୦ ଟଙ୍କା

ଲକ୍ଷ୍ନୌ୧୧/୧୦ : ଉତ୍ତରପ୍ରଦେଶର ବୟସ୍କ ନାଗରିକ, ନିରାଶ୍ରୟ ମହିଳା ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଆସିଛି ଏକ ବଡ଼ ଖବର। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ଏହି ବର୍ଗର ହିତାଧିକାରୀଙ୍କ ମାସିକ ପେନ୍‌ସନ୍

### ଯୋଗୀ ସରକାରଙ୍କ ବଡ଼ ପଦକ୍ଷେପ

ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ମିଳୁଥିବା ୧,୦୦୦ ଟଙ୍କା ପେନ୍‌ସନ୍‌କୁ ବଢ଼ାଇ ୧,୫୦୦ ଟଙ୍କା କରିବା ପ୍ରସ୍ତାବ ରହିଛି ।ସରକାରଙ୍କ ଏହି ପ୍ରସ୍ତାବକୁ ନୀତିଗତ ସହମତି ମିଳିଥିବା ଜଣାପଡ଼ିଛି। ତେବେ ଏହାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ରାଜ୍ୟ କ୍ୟାବିନେଟ୍ ସମ୍ମୁଖରେ ଉପସ୍ଥାପନ କରାଯିବ। କ୍ୟାବିନେଟ୍‌ର ଅନୁମୋଦନ ଏବଂ ଆବଶ୍ୟକ ପ୍ରକ୍ରିୟା ପୂରଣ ପରେ ହିଁ ନୂଆ ପେନ୍‌ସନ୍ ଲାଗୁ ହୋଇପାରିବ। ପ୍ରସ୍ତାବ ଅନୁଯାୟୀ, ପେନ୍‌ସନ୍ ରାଶିରେ ମାସିକ ୫୦୦ ଟଙ୍କା ବୃଦ୍ଧି ହେବ। ଏହା ଲାଗୁ ହେଲେ ଯୋଗ୍ୟ ହିତାଧିକାରୀମାନେ ବର୍ତ୍ତମାନ ତୁଳନାରେ ଅଧିକ ଆର୍ଥିକ ସହାୟତା ପାଇବେ। ବିଶେଷକରି ନିୟମିତ ରୋଜଗାରର ସୁଯୋଗ ନଥିବା ବୟସ୍କ ଓ ନିରାଶ୍ରୟ ମହିଳାଙ୍କ ଦୈନନ୍ଦିନ ଖର୍ଚ୍ଚ ପରିଚାଳନାରେ ଏହା ସହାୟକ ହୋଇପାରେ ।ପେନ୍‌ସନ୍ ବୃଦ୍ଧି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅତିରିକ୍ତ ବଜେଟ୍ ବ୍ୟବସ୍ଥା କରିବାକୁ ପଡ଼ିବ। ପୃଷ୍ଠା ୨...

## ନେପାଳରେ ବନ୍ୟା ବିପର୍ଯ୍ୟୟ

### ୬ ସେତୁ ଭାସିଗଲା, ୧୦ ନିଖୋଜ

କାଠମାଣ୍ଡୁ:୧୧/୧୦ ; ନେପାଳର ଗୋର୍ଖା ଜିଲ୍ଲାରେ ବୁଢ଼ୀ ଗଣ୍ଡକୀ ନଦୀରେ ରବିବାର ପୁଣି ଥରେ ଭୟଙ୍କର ବନ୍ୟା ଆସି ବନ୍ୟାଜଳରେ ୬ଟି ସେତୁ ଭାସି ଯାଇଥିବାବେଳେ ୧୦ ଜଣ ଲୋକ ନିଖୋଜ ହୋଇଯାଇଛନ୍ତି। ଅନେକ ଜନବସତିରେ ବନ୍ୟାଜଳ ପଶିଯାଇ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିବାବେଳେ ଲୋକମାନେ ଭୟରେ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଛନ୍ତି। ପ୍ରଭାବିତ ଅଞ୍ଚଳ ରାଜଧାନୀ କାଠମାଣ୍ଡୁରୁ ପ୍ରାୟ ୧୮୪ କିଲୋମିଟର ଦୂରରେ ଅବସ୍ଥିତ ।ବନ୍ୟା ଭୋର ୪ଟାରେ ଜିଲ୍ଲାର ଉତ୍ତର ଭାଗରେ ଆସିଥିଲା। ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବାବେଳେ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିଛନ୍ତି। ନିଖୋଜ ଲୋକଙ୍କ ସନ୍ଧାନ, ଉଦ୍ଧାର ଓ



ସ୍ଥାନାନ୍ତରଣ ପାଇଁ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ସହକାରୀ ମୁଖ୍ୟ ଜିଲ୍ଲା ଅଧିକାରୀ ନେତ୍ର ପ୍ରସାଦ ଶର୍ମା କହିଛନ୍ତି, ବନ୍ୟାରେ ଛଅଟି ସେତୁ ଭାସିଯାଇଛି। ଭାସି ଯାଇଥିବା ସେତୁଗୁଡ଼ିକ ମଧ୍ୟରେ ଯାନବାହନ ଚଳାଚଳ କ୍ଷମ ଦୁଇଟି ସେତୁ ଓ ଚାରିଟି ଝୁଲନ୍ତା ପୋଲ ରହିଛି। ଶର୍ମା କହିଛନ୍ତି ଯେ, ଆରୁଘାଟ, ତ୍ରିପୁରାସୁନ୍ଦରୀ ଓ ସୋଟି-ମାନ୍ଦୁରେ ଥିବା ପୋଲଗୁଡ଼ିକ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଥିବା ରିପୋର୍ଟ କରାଯାଇଛି। ଧାରଚେ ଗ୍ରାମୀଣ ପୌରପାଳିକାର ୱାର୍ଡ ୧ ଓ ୩ କୁ ସଂଯୋଗ କରୁଥିବା ଏକ ବେଲି ବ୍ରିଜ୍ ମଧ୍ୟ ଭାସି ଯାଇଛି। ପୃଷ୍ଠା ୨...



## ଅକ୍ଷର ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

କଲେଜର ଚୂଡାନ୍ତ ପାର୍ଥୀ ତାଲିକା
ପ୍ରକାଶ ପାଇଲା ଆଜି
ଭୋଟ ସରିଲେ ଜଣା ପଡ଼ିବ
କିଏସେ ମାରିବ ବାଜି
ସବୁ ହିରୋ ହିରୋଇନ ସାଜି
ମାର୍କେଟକୁ ସବୁ ବାହାରି ପଡ଼ିଲେ
ବାଜା ଓ ବାଣକୁ ଖୋଜି

### ବାଜି ରାଉତଙ୍କ ବଳିଦାନର ଗାଥାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ସରକାରଙ୍କ ସଂକଳ୍ପ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

## ବ୍ରାହ୍ମଣୀ କୂଳରେ ନିର୍ମାଣ ହେବ ବିଶାଳ ପ୍ରତିମୂର୍ତ୍ତି




- ବ୍ରାହ୍ମଣୀ ନଦୀକୂଳରେ ତିଳତର୍ପଣ, ବୀର ସହିଦଙ୍କୁ ଗାର୍ଡ ଅଫ୍ ଅନର୍
- ମନ୍ତ୍ରୀ, ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି
- ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍‌କୁ ଆଧୁନିକ ସ୍ମାରକୀ ପରିସର ନିର୍ମାଣ ଦାୟିତ୍ୱ
- ବୀର ବାଜି ରାଉତଙ୍କ ସ୍ମୃତିକୁ ମିଳିବ ବିଶ୍ୱସ୍ତରୀୟ ପରିଚୟ

ଭୁବନ ୧୧/୧୦ (ନନ୍ଦ କିଶୋର ନାଏକ/ ସୁଶାନ୍ତ କୁମାର ପାଣି ) : ଅମର ସହିଦ ବୀର ବାଜି ରାଉତଙ୍କ ୮୯ତମ ଶ୍ରାଦ୍ଧବାର୍ଷିକୀ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁରଠାରେ ରବିବାର ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ରାହ୍ମଣୀ ନଦୀକୂଳରେ ତିଳତର୍ପଣ କରାଯିବା ସହ ବୀର ସହିଦଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ବାଜି ରାଉତଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମର ସ୍ମୃତିଚାରଣ କରି ଉପସ୍ଥିତ ଅତିଥିମାନେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଢେଙ୍କାନାଳ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାଜି ରାଉତ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୃଷ୍ଠା ୨...

### ସେବା ସଂକଳ୍ପ ଅଭିଯାନରେ ଭାପୁରରେ ରକ୍ତଦାନ ଶିବିର

## ୯୧ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ, ୧୧/୧୦ (ବିଜ୍ଞାନ ମହାନ୍ତି ): ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ଭାପୁର କଲ୍ୟାଣ ମଣ୍ଡପ ଠାରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ବିଷ୍ଣୁ ପ୍ରସାଦ ଲେଙ୍କା ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ସେପଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ସେବା କାର୍ଯ୍ୟକ୍ରମ ଜାରି ରହିଛି। ପୃଷ୍ଠା ୨...

ସୋମବାର ୧୨|୧୦|୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ହିନ୍ଦୋଳ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦଘାଟିତ



ଖଜୁରିଆକଟା ୧୧/୧୦(ନିଳକଣ୍ଠ ଦାସ)ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚ ର ଦ୍ୱିତୀୟ ବାର୍ଷିକଉତ୍ସବ ହିନ୍ଦୋଳ ବ୍ଲକ୍ ବାଙ୍କଟିଆ ସ୍ଥିତ ଗଣେଶ୍ୱର କ୍ଲବ ପରିସରରେ ଉଦଘାଟନ ହୋଇ ଯାଇଛି ।ପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ଜିଲ୍ଲା ବରିଷ୍ଠ ନାଗରିକ ଦୁର୍ଗାଚରଣ ମିଶ୍ର ।ମଞ୍ଚର ବରିଷ୍ଠ ସଦସ୍ୟ ରବି ନାରାୟଣ ପତି ଓ ଉପଦେଷ୍ଟା ନିରାକାର ବିଶ୍ୱାଳ ଙ୍କ ଦ୍ୱାରା ଯୋଗ ଶିବିରର ଆୟୋଜନ ହୋଇଥିଲା ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଦ୍ୱିପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ର ଆରମ୍ଭ ହୋଇଥିଲା । ସଭାକାର୍ଯ୍ୟ ର ପ୍ରାରମ୍ଭରେ ମାୟାଧର ପାଲ ଙ୍କ ଦ୍ୱାରା ମଙ୍ଗଳା ଚରଣ ପାଠ ଓ ଗଣେଶ୍ୱର କ୍ଲବ ର ସମ୍ପାଦକ ରାଜେନ୍ଦ୍ର ପାଲ ସ୍ୱାଗତ ଅଭିଭାଷଣ ରଖିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ ।ସଂପାଦକୀୟ ବିବରଣୀ ପାଠ କରିବା ସହିତ ବରିଷ୍ଠ ନାଗରିକ ମଞ୍ଚ ର ସମ୍ପାଦକ ବିନୟ କୁମାର ସାମଲ,ଗଣେଶ୍ୱର କ୍ଲବର ଅଭୁତ ପୂର୍ବ ସହଯୋଗ ପାଇଁ ବରିଷ୍ଠ ନାଗରିକ ମଞ୍ଚ ସ୍ଥିତି ର ଦୃଢ଼ତା ବଜାୟ ରହିଛି ବୋଲି ନିଜର ସ୍ୱକୀୟ ବକ୍ତବ୍ୟରେ କହିଥିଲେ ।ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ତଥା ଗଣେଶ୍ୱର କ୍ଲବ ର ପ୍ରତିଷ୍ଠାତା ସଭ୍ୟ ଶ୍ରୀଯୁକ୍ତ ଶ୍ରୀନିବାସ ମିଶ୍ର ଙ୍କର ସଭାପତିତ୍ୱ ରେ ଆଜି ର ସଭା ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ (ଭା.ପ୍ର.ସେ) କେନ୍ଦ୍ର ଶିକ୍ଷା ସଚିବ ଅରୁଣ କୁମାର ପତି, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଜିଲ୍ଲା ଦୌରାଜଜ୍ ତଥା ବରିଷ୍ଠ ନାଗରିକ ପରିଷଦ ର ସଭାପତି ଦୁର୍ଗା ଚରଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଓଡ଼ିଶା ହାଇକୋର୍ଟ, ସୁଚନା ପ୍ରସାରଣ ଓ ଅଧିକାର ଆଇନ ବିଶେଷଜ୍ଞ ଲଳିତ ମୋହନ ମିଶ୍ର,ଆଇ.ଏସ.ଟି.ଡି ଅଧକ୍ଷ କଟକ ଶାଖା ଜୀବିତେଶ ମିଶ୍ର, ମୁଖ୍ୟ ଯନ୍ତ୍ରୀ ବିରଞ୍ଚି ନାରାୟଣ ମିଶ୍ର,ହିନ୍ଦୋଳ ଏସ୍.ଡି.ପି.ଓ ଦାୟିତ୍ୱ ରେ ଥିବା ସୁଷମା ପଧାନ, ବରିଷ୍ଠ ସମାଜସେବୀ ତଥା ଡାକ୍ତର ଚୈତନ୍ୟ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।୭୨ଜଣ ବରିଷ୍ଠ ଜନଙ୍କୁ ପରିଚୟ ପତ୍ର ପ୍ରଦାନ ସହିତ ଦ୍ୱିତୀୟ ଅଧିବେଶନ ରେ ମଞ୍ଚ ପରିଚାଳକ ତଥା ସଂଯୋଜକ ରତିକାନ୍ତ ଗଡ଼ନାୟକ ଓ ସହଯୋଗୀ ଶ୍ରୀମତି ସତ୍ୟଭାମା ମିଶ୍ର,ଓ ଅଭୟ କୁମାର ସାହୁ ଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠ ହୋଇଥିଲା.ବରିଷ୍ଠ ନାଗରିକ ମଞ୍ଚ ର ସମ୍ପାଦକ ଶ୍ରୀଯୁକ୍ତ ବିନୟ କୁମାର ସାମଲ ଉପସ୍ଥିତ ସମସ୍ତ ଅତିଥି, ବରିଷ୍ଠ ଜନ,ଗଣ ମାଧ୍ୟମ ପ୍ରତିନିଧି, ଶୁଭେଚ୍ଛା ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ

# ଢେଙ୍କାନାଳରେ ଆନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ପାଳିତ




ଢେଙ୍କାନାଳ,୧୧/୧୦(ସୁଶାନ୍ତ କୁମାର ପାଣୀ): ଆଜି ଢେଙ୍କାନାଳରେ ଆନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ପାଳିତ ହୋଇଯାଇଛି ।ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସି.ବି.ଆଇ. ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଥିଲେ ଯେ, ଶିଶୁମାନେ ରାଷ୍ଟ୍ରର ଶ୍ରେଷ୍ଠ ସମ୍ବଳ । ସେମାନଙ୍କ ପ୍ରତି ବିଶେଷ ଯତ୍ନବାନ ହେବା ଆମର ପ୍ରଥମ ଦାୟିତ୍ୱ । ଶିଶୁଙ୍କୁ ଶିକ୍ଷା ପ୍ରଦାନ ସହ ନ୍ୟାର୍ଯ୍ୟ ଅଧିକାର ଦେବା ଏବଂ ବାଲ୍ୟ ବିବାହ ନିରୋଧ ପ୍ରତି ସଜାଗ ରହିବାକୁ ସେ ପରାମର୍ଶ ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ କହିଥିଲେ, ସମାଜରେ ପ୍ରତିଷ୍ଠା ପାଇଁ ଶିକ୍ଷା ଓ ଜ୍ଞାନ ହିଁ ମୁଖ୍ୟ ଅସ୍ତ୍ର । ଅଭିଭାବକମାନେ ପୁଅ-ଝିଅ ମଧ୍ୟରେ ପାର୍ଥକ୍ୟ ନ ରଖି ସମାନ ଦୃଷ୍ଟିରେ ଗଢ଼ିବା ଉଚିତ୍ । ଶିଶୁଙ୍କୁ ଉଚିତ ଶିକ୍ଷା ଓ ସୁଯୋଗ ମିଳିଲେ ସେମାନେ ଦେଶର ଉନ୍ନତିରେ ସହାୟକ ହେବେ ।ଏହି ଅବସରରେ ଏ.ଏସ୍.ପି. (ଡି.ଆଇ.ବି.) ନିରଞ୍ଜନ ପାଢ଼ୀ, ଡି.ଡି. (ପ୍ରୋସିକ୍ୟୁସନ୍) ଗଣେଶ୍ୱର ବେହେରା ଏବଂ ସି.ଡବ୍ଲୁ.ସି. ଚେୟାରପର୍ସନ ଗୋଲକ ବିହାରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅଧିକାର, ସୁରକ୍ଷା, ବାଲ୍ୟ ବିବାହର ସମସ୍ୟା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିଥିଲେ ।ପ୍ରାରମ୍ଭରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦୁରେଖା ପଶ୍ଚିମକବାଟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶେଷରେ ସଦର ଏସ୍.ଡି.ପି.ଓ. ରମେଶ ଚନ୍ଦ୍ର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏରୋସ୍କା କ୍ରୀଡାରେ ସାଇଅଂଶିକା ଜାତୀୟ ସ୍ତରକୁ ମନୋନୀତ



ଖଜୁରିଆକଟା ୧୧/୧୦(ନିଳକଣ୍ଠ ଦାସ) ଏରୋସ୍କା କ୍ରୀଡାରେ ଜାତୀୟ ସ୍ତରକୁ ମନୋନୀତ ହୋଇ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳର ଗୌରବ ବଢ଼ାଇଲେ ସାଇ ଅଂଶୀକା । ହିନ୍ଦୋଳ ଉପଖଣ୍ଡରେ କାର୍ଯ୍ୟରତ୍ତ ଶିକ୍ଷକ ଚିନ୍ମୟ କର ଓ ଶିକ୍ଷୟିତ୍ରୀ ସ୍ମୃତିପ୍ରିୟା ନନ୍ଦଙ୍କ ଝିଅ(୯) ଟାଇକୋଣ୍ଡ ରାଣୀ ଏରୋସ୍କା କ୍ରୀଡାରେ ୧୧ବର୍ଷରୁ କମରେ ଢେଙ୍କାନାଳ ଜିଲ୍ଲାରୁ ପ୍ରତିନିଧିତ୍ୱକରି ଅନୁଗୋଳ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ କଟକର ଏହେସାନ ଖାତୁନ କୁ ହରାଇ ଫାଇନାଲରେ ଗୋଲଡ ମେଡାଲ ହାସଲ କରିଥିଲେ ।ଏହାପରେ ଜାତୀୟ ସ୍ତରରେ ଖେଳିବାକୁ ସେ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି । ସାଇ ଅଂଶୀକା ଙ୍କ ପୈତୃକ ଗ୍ରାମ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ହୋଇଥିବାବେଳେ ପରଜଙ୍ଗ ଓ ହିନ୍ଦୋଳ ଉପଖଣ୍ଡରେ ତାଙ୍କ କୃତିତ୍ୱପାଇଁ ଅନେକ ଶୁଭେଚ୍ଛା ଶୁଭକାମନା ଛୁଟିବାରେ ଲାଗିଛି ।

# ଆଦର୍ଶ ଶିକ୍ଷକ କୈଳାଶ ଚନ୍ଦ୍ର ରାଉତଙ୍କ ପରଲୋକ



କାମାକ୍ଷାନଗର,୧୧/୧୦ (ସୁମନ୍ତ ଜେନା)କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ଭାଗୀରଥୀପୁର ଗ୍ରାମର ବିଶିଷ୍ଟ ତଥା ଆଦର୍ଶ ଶିକ୍ଷକ କୈଳାଶ ଚନ୍ଦ୍ର ରାଉତଙ୍କ ୭୪ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ କାରଣରୁ ନିଜ ବାସଭବନରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ କାମାକ୍ଷାନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ସ୍ୱର୍ଗତ ରାଉତ ଜଣେ ନିଷ୍କପଟ, ଅମାୟିକ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ସେ ବଡ଼ସୁଆଁଳ ଉଚ୍ଚ ବିଦ୍ୟାଳୟ, ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ଓ ମହୁଲପାଳରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ । ଅବସର ପରେ ମଧ ସେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅତିଥି ଶିକ୍ଷକ ଭାବେ ଶିକ୍ଷାଦାନ ଜାରି ରଖିଥିଲେ । ତାଙ୍କ ଶିକ୍ଷାଦାନରେ ଅନୁପ୍ରାଣିତ ହୋଇ ଅଞ୍ଚଳର ଅନେକ ଛାତ୍ରଛାତ୍ରୀ ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି ।ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ କାମାକ୍ଷାନଗର ଓକିଲ ସଂଘ, କଳ୍ପନା କ୍ଲବ୍, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଓଷ୍ଟା ସଂଘ ଓ ମହିଳା ମହାବିଦ୍ୟାଳୟର କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ ।ଏହି ଅବସରରେ କଳ୍ପନା କ୍ଲବ୍‌ର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ଓକିଲ ସଂଘର ସଭାପତି ରଞ୍ଜନ କୁମାର ରାଉତ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା ସଭାପତି ଧର୍ମାନନ୍ଦ ମଲ୍ଲିକ, ସମ୍ପାଦକ ଶେଷ ରଞ୍ଜନ ଦାସ, ଓଷ୍ଟାର ଜିଲ୍ଲା ସଭାପତି ଶ୍ରୀରାମ ରାଉତ ଓ ଶିକ୍ଷକ ସଂଘର ବ୍ଲକ୍ ସଭାପତି ଗଜେନ୍ଦ୍ର ନାୟକ ପ୍ରମୁଖ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଜ୍ୟୋତି ରଞ୍ଜନ ରାଉତ, କନ୍ୟା ଜ୍ୟୋତିର୍ମୟୀ ରାଉତ ଓ ଜ୍ୟୋତିପ୍ରଭା ରାଉତଙ୍କ ସମେତ ପରିବାରବର୍ଗ, ବୋହୂ, ଦୁଇ ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ ।ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଜଣେ ଆଦର୍ଶ ଶିକ୍ଷକ ଓ ଦରଦୀ ମଣିଷ ଭାବେ କୈଳାଶ ଚନ୍ଦ୍ର ରାଉତଙ୍କ ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ।

# ବେଲବସନ୍ତ ମଠରେ ଅଖଣ୍ଡ ବତୀ ଯଜ୍ଞ



ପରଜଙ୍ଗ,୧୧।୧୦(ଅକ୍ଷର ଓଡ଼ିଶା):ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ ବେଲବସନ୍ତ ଅଲେଖ ମହିମା ମଠରେ ଭକ୍ତିମୟ ପରିବେଶରେ ଅଖଣ୍ଡ ବତୀ ଯଜ୍ଞ ସମ୍ପନ୍ନ ହୋଇଯାଇଛି । ବାବା ସଞ୍ଜୟ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୂରଦୂରାନ୍ତରୁ ମହିମା ସାଧୁମାନେ ପହଞ୍ଚିଥିଲେ । ଅଲେଖ ଗୋସାଇଁଙ୍କ ଭଜନକୀର୍ତ୍ତନ ସହ ଅମୁଣିଆ ଓ ବାଲ୍ୟଲୀଳା ପରମ୍ପରା ଅନୁଯାୟୀ ନୂତନ ହାଣ୍ଡିରେ ମହିମା ସ୍ୱାମୀଙ୍କୁ ଭୋଗ ଲାଗି କରାଯାଇଥିଲା । ଶେଷରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ । ଧାର୍ମିକ ଆୟୋଜନକୁ ନେଇ ମଠ ପରିସରରେ ଉତ୍ସାହ ଦେଖିବାକୁ ମିଳିଥିଲା ।

## ବିଦ୍ୟୁତ ଠିକା କର୍ମଚାରୀ ସଙ୍ଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

# ବିଦ୍ୟୁତ କାର୍ଯ୍ୟାଳୟ ଆଗେ ଧାରଣା



ଅସ୍ତରଙ୍ଗ୧୧/୧୦(ଅକ୍ଷର ଓଡ଼ିଶା)ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଛଟେଇ ବନ୍ଦ ଡାକରା .ଚାକିରିର ସୁରକ୍ଷା ଓ ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନେଇ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି । ମଞ୍ଚ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ ଦୀର୍ଘଦିନ ଧରି କାର୍ଯ୍ୟରତ ଠିକା ଶ୍ରମିକମାନେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି । ତେବେ ବିଭିନ୍ନ କାରଣ ଦର୍ଶାଇ କର୍ମଚାରୀଙ୍କୁ ଛଟେଇ କରାଯିବା ଏବଂ ନୂଆ କର୍ମଚାରୀ ନିଯୁକ୍ତି ଦେବା ଫଳରେ ଦୀର୍ଘଦିନର ଅଭିଜ୍ଞତା ଓ ଦକ୍ଷତା ଥିବା ଶ୍ରମିକମାନେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛନ୍ତି । ମଞ୍ଚର ଅଭିଯୋଗ ଅନୁଯାୟୀ, ଠିକା ବିଦ୍ୟୁତ ଶ୍ରମିକଙ୍କ ସମସ୍ୟା ନେଇ ପୂର୍ବରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା । ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ନେଇ ଆଶ୍ୱାସନ ଦିଆଯାଇଥିଲେ ମଧ ଛଟେଇ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ମଞ୍ଚ ଅଭିଯୋଗ କରିଛି । ବିଦ୍ୟୁତ ବ୍ୟବସ୍ଥାର ସୁଚାରୁ ପରିଚାଳନାରେ ଠିକା କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନଙ୍କ ଚାକିରିର ସୁରକ୍ଷା ସହ ସେବା ସର୍ତ୍ତରେ ସୁଧାର ଆଣିବା ଆବଶ୍ୟକ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି । ଉକ୍ତ ଦାବୀ ଗୁଡିକ ପୁରଣ ନହେବାରୁ ରାଜ୍ୟ ମିଳିତ ମଞ୍ଚ ଆବାହନରେ ଅସ୍ତରଙ୍ଗ ଉକୁଳେଇ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ଠିକା ଶ୍ରମିକ କର୍ମଚାରୀ ହାତରେ ଫ୍ଲାଗ କାର୍ଡ ଧରି ଟାଟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ଧାରଣାରେ ବସିରହିଛନ୍ତି, ଯଦି ଟାଟା ପାୱାର ଓ ସରକାରଙ୍କ ତରଫରୁ ସେମାନଙ୍କ ଦାବୀ ପୂରଣ ନହୁଏ ତେବେ ଏହା ତୀବ୍ର ହେବ ବୋଲି ଅସ୍ତରଙ୍ଗ ଠିକା ବିଦ୍ୟୁତ କର୍ମଚାରୀ ସଙ୍ଘ ଚେତାବନୀ ଦେଇଛି । ସୂଚନାଯୋଗ୍ୟ, ରାଜ୍ୟରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ ଠିକା ଶ୍ରମିକ ଓ କର୍ମଚାରୀ ବିଭିନ୍ନ ସଂସ୍ଥା ଅଧୀନରେ କାର୍ଯ୍ୟରତ ଥିବା ମଞ୍ଚ ପକ୍ଷରୁ ଦାବି କରାଯାଇଛି । ତେଣୁ ଏହି ବର୍ଗର ଶ୍ରମିକଙ୍କ ଚାକିରି ସୁରକ୍ଷା ଓ ନ୍ୟାର୍ଯ୍ୟ ଦାବି ପ୍ରତି ସରକାର ଓ ସମ୍ପୃକ୍ତ ବିଦ୍ୟୁତ ବଣ୍ଟନ ସଂସ୍ଥାଗୁଡ଼ିକ ଗୁରୁତ୍ୱ ଦେଇ ଆଲୋଚନା ମାଧ୍ୟମରେ ସମାଧାନର ବାଟ ବାହାର କରିବାକୁ ମଞ୍ଚ ଦାବି କରିଛି ।

## ଦୁଧିଆନାଳି ଓ ଲଇମୁରା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ



ଦେବଗଡ଼,୧୧।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ ଅନ୍ତର୍ଗତ ଦୁଧିଆନାଳି ଓ ଲଇମୁରାଠାରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଆୟୋଜକ ଏବଂ ଉପସ୍ଥିତ କ୍ରୀଡ଼ାପ୍ରେମୀଙ୍କ ସହ ଭାବ ବିନିମୟ କରିଥିଲେ ।ଖେଳ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଶୃଙ୍ଖଳା, ଏକତା, ଭାଇଚାରା ଓ ଦଳଗତ ମନୋଭାବର ପ୍ରତୀକ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବୃଦ୍ଧି କରିବା ଦିଗରେ ସମସ୍ତେ ମିଳିତ ଭାବେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।ଦେବଗଡ଼ ଜିଲ୍ଲାର ଯୁବପିଢ଼ି କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ସହ ଜିଲ୍ଲା ପାଇଁ ନୂତନ ପରିଚୟ ସୃଷ୍ଟି କରନ୍ତୁ ବୋଲି ବିଧାୟକ ଆଶାବ୍ୟକ୍ତ କରିଥିଲେ । ଏଭଳି କ୍ରୀଡ଼ା ଆୟୋଜନ ଗ୍ରାମାଞ୍ଚଳରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଆଗକୁ ଆଣିବା ସହ ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ବୃଦ୍ଧି କରିବାରେ ସହାୟକ ହେବ ।

## ଦୁଇ ଦିନର ନିଖୋଜ ପରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଗଁଡିଆ, ୧୧/୧୦(ବେତୁଜୀ ପ୍ରସାଦ) :ଢେଙ୍କାନାଳ ଜିଲ୍ଲା ଗଁଡିଆ ଏନ୍.ଏ.ସି. ଅନ୍ତର୍ଗତ ଦଣ୍ଡେଇବେରେଣି (ଠାକୁରାପାଳ)ଗ୍ରାମରୁ ଏକ ମର୍ମନ୍ତୁଦ ଖବର ସାମ୍ନାକୁ ଆସିଛି । ଗତ ଦୁଇ ଦିନ ହେଲା ନିଖୋଜ ଥିବା ୭୨ ବର୍ଷୀୟ ବୃଦ୍ଧ ଶଙ୍କର୍ଷଣ ପୁହାଣଙ୍କ ମୃତଦେହ ଏକ ବିଲରୁ ଉଦ୍ଧାର ହୋଇଛି ।ପ୍ରକାଶ ଯେ, ଗତ ଅକ୍ଟୋବର ୯ ତାରିଖ ସକାଳେ ପୁହାଣ ଘରୁ ଚା' ପିଇ ନିଜ ଧାନ କ୍ଷେତକୁ ଯାଇଥିଲେ । କିନ୍ତୁ ମଧ୍ୟାହ୍ନ ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଗ୍ରାମ ଆଖପାଖରେ ଥିବା ବେଆଇନ ମାଙ୍କଡ଼ା ପଥର ଖାଦାନ ଓ ଜଳାଶୟ ଗୁଡ଼ିକରେ ସନ୍ଦେହ କରି ପରିବାର ପକ୍ଷରୁ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍‌କୁ ଖବର ଦିଆଯାଇଥିଲା ।ଦୁଇ ଦିନ ଧରି ବିଭିନ୍ନ ସ୍ଥାନ ଓ ମାଙ୍କଡା ପଥର ଖାଦନରେ ଅଗ୍ନିଶମ ଅଧିକାରୀ ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ ଜୋରଦାର ଉଦ୍ଧାର ଅଭିଯାନ ଜାରି ରହିଥିବାବେଳେ ଶେଷରେ ଏକ ବିଲରୁ ତାଙ୍କ ମୃତଦେହ ମିଳିଛି । ଏହି ଅଘଟଣ ପରେ ଶୋକାକୁଳ ପରିବାରରେ ଗଭୀର ଶୋକର ଛାୟା ଖେଳିଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ମା' ତାରିଣୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ

ଢେଙ୍କାନାଳ୧୧/୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ସହର ଗାନ୍ଧିମନ୍ଦିରସ୍ଥିତ ମା' ତାରିଣୀଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଯାଇଅଛି । ଏହି ପୂଜା ୯ଦିନ ଧରି ମା'ଙ୍କର ପୂଜାର୍ଚ୍ଚନା ସହ ବିଭିନ୍ନ ବେଶରେ ଶୋଭା ପାଇବେ । ପ୍ରଥମ ଦିବସରେ ମା' ଶୈଳପୁତ୍ରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଗୋ-ପୂଜା, କଳସ ପୂଜା, ମଣ୍ଡଳ ପୂଜା, ଶୋଡଷ ଉପଚାର ପୂଜା, ୧୦୦୮ ବେଲପତ୍ର ଲାଗି, ବିଭିନ୍ନ ପ୍ରକାର ଭୋଗ, ଚଣ୍ଡି ପାଠ, ସପ୍ତଚଣ୍ଡୀ ଆହୁତି ପ୍ରଦାନ କରାଯାଉଅଛି । ପୂଜକ ଲିଙ୍ଗରାଜ ପତିଶର୍ମା ଓ ମନ୍ଦିରର ପୂଜକ ଆପୁଲ୍ ରଣା ସମସ୍ତ ପୂଜାକୁ ସମ୍ପାଦନ କରୁଛନ୍ତି ।

## ପଲସମା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ

### ସଭାପତି ପାଇଁ ପ୍ରାର୍ଥୀ, ସାଧାରଣ ସମ୍ପାଦକ ପଦରେ ଦ୍ୱିମୁଖୀ ଲଢ଼େଇ

ରିଆମାଳ,୧୧।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ପଳସମା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବା ପରେ ମହାବିଦ୍ୟାଳୟ ପରିସରରେ ନିର୍ବାଚନୀ ଉତ୍ସାହ ବୃଦ୍ଧି ପାଇଛି ।ସଭାପତି ପଦ ପାଇଁ ସର୍ବାଧିକ ୨ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ ସଭାପତି ପଦ ପାଇଁ ଟିନା ବସନ୍ତରା ଓ ବିଷ୍ଣୁପ୍ରିୟା ବେହେରାଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି ।ସେହିପରି ସହସମ୍ପାଦକ ପଦ ପାଇଁ ଅଲିଭା ସାହୁ, ଗାୟତ୍ରୀ ସାହୁ, ପିନୁମୟୀ ବେହେରା, ରାଜେଶ ବେହେରା ଓ ଚିନ୍ମୟୀ ନାୟକଙ୍କ ସମେତ ପ୍ରାର୍ଥୀମାନେ ନିର୍ବାଚନ ଲଢୁଛନ୍ତି । ସଂସଦ ଉପସମ୍ପାଦକ ପଦ ପାଇଁ ସବ୍ୟସାଚୀ ମାଝି ଓ କାଜଲ ଦୀପଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି ।ଅନ୍ୟପକ୍ଷରେ ଉପସଭାପତି, କ୍ରୀଡ଼ା ସମ୍ପାଦକ, ଓଡ଼ିଆ ସାହିତ୍ୟ ସମାଜ ସମ୍ପାଦକ ଓ ସାଇନ୍ସ କ୍ଲବ୍ ସମେତ ଅନ୍ୟ କେତେକ ପଦବୀରେ ପ୍ରାର୍ଥୀମାନେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି ।

ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସମୟରେ ପଳସମା ପୋଲିସ ମହାବିଦ୍ୟାଳୟ ପରିସରରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲା । ପୋଲିସର ଉପସ୍ଥିତିରେ ସମଗ୍ର ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ।ସଭାପତି ପଦ ପାଇଁ ୧୦ ଜଣ ପ୍ରାର୍ଥୀ ମଇଦାନରେ ଥିବାରୁ ଏହି ପଦବୀର ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଦେଇଛି । ଏବେ ସମସ୍ତଙ୍କ ନଜର ନିର୍ବାଚନ ଫଳାଫଳ ଉପରେ ରହିଛି ।

## ମାହେଶ୍ୱରୀ ମନ୍ଦିରରେ ମହାଳୟା ତଥା ଖଣ୍ଡା ଲେଉଟା ପର୍ବ ଅନୁଷ୍ଠିତ

ବଲାଙ୍ଗିର ୧୧/୧୦ ( ଦେବେନ୍ଦ୍ର ପୋଡ଼)ମୁରିବାହାଲ ବ୍ଲକରେ ଥିବା ବିଭିନ୍ନ ମାହେଶ୍ୱରୀ ମନ୍ଦିର/ପୀଠ/ଗୁଡ଼ି/ଡାଳତଳ ଗୁଡ଼ିକରେ ଦଶହରା ପାର୍ବଣ ପାଇଁ ଚାଲିଥିବା ମାଁ ମାହେଶ୍ୱରୀଙ୍କ ଷୋଳ ଦିନାତ୍ମକ ଖଣ୍ଡାବସା ପୂଜାରେ ଶନିବାର ମହାଳୟା ଅମାବାସ୍ୟା ତଥା ଖଣ୍ଡା ଲେଉଟା ପର୍ବ ଅନୁଷ୍ଠିତ ହୋଇଯାଇଛି ।ବ୍ଲକର ସମସ୍ତ ମାହେଶ୍ୱରୀ ପୀଠଗୁଡ଼ିକରେ ଡୁମାଳ ସମାଜର ଇଷ୍ଟ ତଥା କୁଳଦେବୀ ମାଁ ମାହେଶ୍ୱରୀଙ୍କ ପୂଜାପାର୍ବଣ ଅତି ଶୃଙ୍ଖଳାର ସହିତ ପାଳନ କରାଯାଉଛି । ଏହି ଦଶହରା ପାର୍ବଣ ହେଉଛି ଶାନ୍ତି, ମୈତ୍ରୀ ଓ ଭାଇଚାରାର ପର୍ବ, ତା ସହିତ ଜାତିର ସଂସ୍କୃତି, ପରମ୍ପରା, ଗର୍ବ ଓ ଗୌରବର ପ୍ରତୀକ ଅଟେ ।ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ସର୍ବପୁରାତନ ମାହେଶ୍ୱରୀ ମନ୍ଦିର (ଗୁଡ଼ି)ରେ ବିଭିନ୍ନ ରୀତିନୀତି ଅନୁସାରେ ମୂଳାଷ୍ଟମୀ ଦିନଠାରୁ ଷୋହଳ ଦିନ ଧରି ମାଁଙ୍କ ପୂଜାର୍ଚ୍ଚନା କରାଯାଉଛି । ସେଦିନ ମାଁଙ୍କ ଛତର, ବାଡ଼ି, ଶାଳକା ଆଦି ଗ୍ରାମରେ ଥିବା ପୋଖରୀରେ ସ୍ନାନ ପରେ ଗ୍ରାମର ଅନ୍ୟ ଦେବାଦେବୀ ପୀଠରେ ମଧ ପୂଜାର୍ଚ୍ଚନା କରାଯାଇଥିଲା ।ଯମୁନା ମାହେଶ୍ୱରୀ ମନ୍ଦିରରେ ପୂଜକ ରୂପେ ଦୁର୍ଯ୍ୟୋଧନ ପାଣିଗ୍ରାହୀ, ଦେହୁରୀ ଭାବେ ଶିବାନନ୍ଦ ମହାକୁର, ପ୍ରକାଶାନନ୍ଦ ମହାକୁର, ନୂଆ ବରୁଆ କୃଷ୍ଣଚନ୍ଦ୍ର ପାତ୍ର, ଜୟରାମ ଥନାପତି, ଚରଣ ମହାକୁର, ନିତ୍ୟାନନ୍ଦ ମହାକୁର, ଡଗର ମହାକୁର, ଚୈତନ୍ୟ ଛନ୍ଦ, ଦେବେନ୍ଦ୍ର ପ୍ରଧାନ, ଭିକାରୀ ପାତ୍ର, ଲୋଚନ ମହାକୁର, ମଧୁସୂଦନ କର୍ମୀ, ଉଦ୍ଧାଧର ମହାକୁର, ଜେହେରୁ ମହାକୁର, ଦିଲ୍ଲୀପ କର୍ଣ୍ଣ, ସୁରକାର ଚାଉଳିଆ, ନଟବର ମେର୍ଲି, ଗାନ୍ଧୀଲାଲ ମହାକୁର, ଗୌତମ ଡାଙ୍ଗ, ସୁରେଶ ପ୍ରଧାନ, ମକାରୁ ମହାକୁର, ସଚ୍ଚିଦାନନ୍ଦ ମହାକୁର, ଭବାନାନନ୍ଦ ମହାକୁର ଓ ଲୋକେଶ ମହାକୁରଙ୍କ ସହ ଯମୁନା ଓ ଡଙ୍ଗରପଡ଼ା ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସହାୟତା ଏବଂ ସଚେତନ ଶିବିର ଅନୁଷ୍ଠିତ




ନୂଆପଡା -୧୧/୧୦( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଗୁରୁକୁଳ ଆଶ୍ରମ ପରିସର ମଧ୍ୟରେ ଅଗଷ୍ଟ ୨୫ ତାରିଖ ଠାରୁ ୨୩ ଅକ୍ଟୋବର ପର୍ଯ୍ୟନ୍ତ ଆଇନ ସହାୟତା କ୍ଲିନିକ୍ ସେବା ଆରମ୍ଭ କରିଛନ୍ତି । ଆଇନ ରେ ସଚେତନ ହେବା ସହ ଅପରାଧ ନିୟନ୍ତ୍ରଣ କରିବାର ମୂଳ ଲକ୍ଷ୍ୟ ଅଟେ । ଲୋକଙ୍କୁ ତାଙ୍କ ଅଧିକାର ପ୍ରଦାନ ସହ ତାଙ୍କ ନୈତିକ କର୍ତ୍ତ୍ୱ୍ୟ ଉପରେ ଅବଗତ କରିଛନ୍ତି । ସଭାରେ ଆଇନ ସେବା ପ୍ରାଧିକରଣ ସଚିବ ନବନିତା ଦାସ ଅଧକ୍ଷତା କରିଥିବା ବେଳେ ଓଡ଼ିଶା ବାର କାଉନସିଲ ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ସୁପ୍ରିମ କୋର୍ଟ ଓକିଲ ସଞ୍ଜୀବ କୁମାର ମହାନ୍ତି, ଖଡ଼ିଆଳ ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ସୁନା, ମହାମାୟା ଆଇନ ମହାବିଦ୍ୟାଳୟ ଅଧକ୍ଷ ଡଃ. ଅନିଲ କୁମାର ତାଣ୍ଡି, ଆଇନଜୀବୀ ଘାସିରାମ ମାଝୀ, ଦେବଦତ୍ତ ଦୀକ୍ଷିତ, ରବୀନ୍ଦ୍ର କୁମାର ସହ ବହୁ ଆଇନ ଯିବି ଯୋଗ ଦେଇଥିଲେ । ବିଭୁ ପ୍ରସାଦ ତ୍ରିପାଠୀ ଆଇନ ସମସ୍ତଙ୍କୁ ସମାନ ଅଧିକାର ଦେଇଥିବା ବେଳେ କିପରି ସମସ୍ତଙ୍କୁ ସମ୍ମାନ ସୁବିଧା ଏବଂ ସୁଯୋଗ ପ୍ରଦାନ ପାଇଁ ଉପାନ୍ତ ଅଞ୍ଚଳ ରେ ଆଇନ ସେବା ଏକ ଅଭିନବ ଉପାୟ ବୋଲି କହିଥିଲେ । ସେହିପରି ସୁପ୍ରିମ କୋର୍ଟ ଆଇନଜୀବୀ ସଞ୍ଜୀବ କୁମାର ମହାନ୍ତି ସମାଜ ର ଅନ୍ତିମ ବ୍ୟକ୍ତିଙ୍କୁ ସେବା ଏବଂ ଆଇନ ସଚେତନତା ପହଞ୍ଚିବା ଦ୍ୱାରା ବିକଶିତ ଭାରତ ବିକଶିତ ଓଡ଼ିଶା ଗଠନ ହେବ ବୋଲି ମତବ୍ୟକ୍ତ କରିଥିଲେ ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ପରିବର୍ତ୍ତନ

ବିଗତ ଏକ ଦଶନ୍ଧି ମଧ୍ୟରେ, ଭାରତର ନିର୍ମାଣ ପରିଦୃଶ୍ୟରେ ଏକ ବିରାଟ ଗଠନମୂଳକ ପରିବର୍ତ୍ତନ ଘଟିଛି- ଏଭଳି ପରିବର୍ତ୍ତନ, ଯାହା କେବଳ ଭିତ୍ତିଭୂମି କ୍ଷେତ୍ରର ନିର୍ମାଣ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ପ୍ରଶାସନ ଏବଂ ସେବା ଭଳି କ୍ଷେତ୍ରର ସଂରଚନା ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ ହୋଇଛି । ବିଗତ ପର୍ଯ୍ୟାୟ ତୁଳନାରେ ଚଳିତ ପର୍ଯ୍ୟାୟର ବିଶେଷତା କେବଳ ନିବେଶ ମାତ୍ରାର କିମ୍ବା କାର୍ଯ୍ୟାନ୍ୱୟନର ଗତି ସହିତ ସମ୍ବନ୍ଧିତ ନୁହେଁ, ବରଂ ଏହି ଘଟଣା ମଧ୍ୟ ଦର୍ଶାଉଛି ଯେ ଏକ ସୁସଙ୍ଗତ, ପରିଣାମ ଉନ୍ମୁକ୍ତ ପଦ୍ଧତି ସେଥିରୁ ମୁଣ୍ଡ ଟେକିଛି, ଯାହା ନୀତିଗତ ଉଦ୍ଦେଶ୍ୟ, ସଂଘୀୟ ସହଯୋଗ ଏବଂ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟାନ୍ୱୟନ ଅନୁରୂପ ଭାବେ ସାବ୍ୟସ୍ତ ହୋଇଛି । ଆଜି, ଭାରତ ନିର୍ଣ୍ଣାୟକ ଭାବେ ଏକ ଢାଞ୍ଚା ଆଧାରିତ ପ୍ରଶାସନ ମଡେଲ ଦିଗରେ ଆଗକୁ ଅଗ୍ରସର ହେଉଛି । ଏହା ଏଭଳି ଏକ ମଡେଲ, ଯାହା ନିର୍ମାଣକୁ ଭିନ୍ନ ଭିନ୍ନ ପରିଯୋଜନା ସମୂହ ପରିବର୍ତ୍ତେ ଏକୀକୃତ ରାଷ୍ଟ୍ରୀୟ ପଦ୍ଧତି ଭାବରେ ହିଁ ଦେଖୁଛି ।

ଭିନ୍ନ ଭିନ୍ନ ପରିଯୋଜନା ପରିବର୍ତ୍ତେ, ପଦ୍ଧତିର ସହାୟତା ଦ୍ୱାରା ପରିଣାମର ବିସ୍ତାର ଏଭଳି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ହେଉଛି  ରାଷ୍ଟ୍ରୀୟ ରାଜମାର୍ଗ ନେଟୱାର୍କର ବିସ୍ତାରଣ ଯାହା ୨୦୧୪ ମସିହାରେ ହାରାହାରି ୯୧,୦୦୦ କିଲୋମିଟର ଥିଲା ଏବଂ ତାହା ୨୦୨୪ ମସିହାରେ ବୃଦ୍ଧି ପାଇ ୧.୪୬ ଲକ୍ଷ କିଲୋମିଟରରୁ ଅଧିକ ହୋଇପାରିଛି । ନିର୍ମାଣର ଗତିରେ ହୋଇଥିବା ଏହି ଅଭିବୃଦ୍ଧି ମଧ୍ୟ ସମାନ ମହତ୍ତ୍ୱ ବହନ କରେ, ଯାହା ପ୍ରତିଦିନ ହାରାହାରି ୧୨ କିଲୋମିଟରରୁ ବୃଦ୍ଧି ପାଇ ବର୍ତ୍ତମାନ ୩୪ କିଲୋମିଟରରୁ ଅଧିକ ହୋଇପାରିଛି। ଏଭଳି ଗତିକୁ ସାଧାରଣତଃ ପ୍ରଯୁକ୍ତିର ଉପଲବ୍ଧି ବୋଲି ବିବେଚନା କରାଯାଇଥାଏ । ବାସ୍ତବ ପକ୍ଷେ, ଏହିସବୁ ପରିଯୋଜନାଗୁଡ଼ିକ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ସହଜ ଭାବରେ ସମନ୍ୱିତ କରିବା ସହ ଜଡ଼ିତ । ଏହା ଏଭଳି ଏକ ପଦ୍ଧତିକୁ ପ୍ରତିବିମ୍ବିତ କରେ, ଯେଉଁଠାରେ ସକଳ ପ୍ରକାର ବାଧାବିଘ୍ନର ପୂର୍ବାନୁମାନ କରାଯାଇ ପାରିବ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେସବୁର ସମାଧାନ ମଧ୍ୟ କରାଯାଇହେବ ।

ସାର୍ବଜନୀନ ନୀତି ଦୃଷ୍ଟିକୋଣରୁ, ଏହି ସବୁ ପରିଯୋଜନାଗୁଡ଼ିକ କ୍ଷିପ୍ରତାର ସହିତ ସମ୍ପୂର୍ଣ୍ଣ ହେବାର ସିଧାସଳଖ ଉଦ୍ଦେଶ୍ୟ ହେଲା ଏହା  ସାମାଜିକ ଏବଂ ଆର୍ଥିକ ଫାଇଦା ଯଥା ଶୀଘ୍ର ପ୍ରାପ୍ତ ହେବା  ଗାଁ, ବଜାରଘାଟ ସହିତ ଜ?ିତ ଏହିସବୁ ପ୍ରକଳ୍ପ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରିବାର ସୁବିଧା ପ୍ରାପ୍ତି ଏବଂ ଆପଦ ବିପଦରୁ ସୁରକ୍ଷା ପାଇବାର ଗତିବିଧି ତଥା ରାଷ୍ଟ୍ରୀୟ ସହନୀୟତା ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା । ଏଭଳି ଲଜିଷ୍ଟିକ୍ସ ନିମନ୍ତେ ଖର୍ଚ୍ଚକୁ କମ୍ କରିବା ପାଇଁ ଔଦ୍ୟୋଗିକ ବିକାଶ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

ଉତ୍ତରଦାୟିତ୍ୱକୁ ସଂସ୍ଥାଗତ ରୂପ ପ୍ରଦାନ: ସମୀକ୍ଷା ଠାରୁ ସମାଧାନ ପର୍ଯ୍ୟନ୍ତ ଚଳିତ ଦଶକର ଏକ ପ୍ରମୁଖ ବିଶେଷତା ହେଉଛି- ସମୟବଦ୍ଧ ଭାବେ ଉତ୍ତର ଦାୟିତ୍ୱକୁ ସଂସ୍ଥାଗତ ରୂପ ପ୍ରଦାନ କରିବା । ପ୍ରଗତି (ସକ୍ରିୟ ଶାସନ ଏବଂ ସମୟବଦ୍ଧ ଭାବରେ କାର୍ଯ୍ୟାନନ୍ୱୟନ)ର ଆରମ୍ଭ ଠାରୁ ନେଇ ଜଟିଳ, ଆନ୍ତଃ ମନ୍ତ୍ରାଳୟସ୍ତରୀୟ ପରିଯୋଜନାଗୁ?ିକର ପ୍ରବନ୍ଧନକୁ ଏକ ନୂତନ ଦିଗ ପ୍ରାପ୍ତ ହୋଇପାରିଛି ।

ଏଠାରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ନୀତି ସଙ୍କେତ ହେଉଛି ସାଂସ୍କୃତିକ: ବିଳମ୍ବକୁ ବର୍ତ୍ତମାନ ସାମାନ୍ୟ ବୋଲି ଆଉ ବିବେଚନା କରାଯାଉନାହିଁ ଏବଂ ଦାୟିତ୍ୱକୁ ସ୍ପଷ୍ଟ ଭାବେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅବା ସଂସ୍ଥା ଉପରେ ସମର୍ପଣ କରାଯାଉଛି । ଏହାର ପରିଣାମ ସ୍ୱରୂପ, ବଡ଼ ବଡ଼ ଏବଂ ପ୍ରଯୁକ୍ତିଯୁକ୍ତ ସ୍ୱରୂପ ଠାରୁ ନେଇ ଆହ୍ୱାନପୂର୍ଣ୍ଣ ପରିଯୋଜନା ପର୍ଯ୍ୟନ୍ତ - ଯାହା କେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧାରେ ପଡ଼ି ରହିଥିଲା- ବର୍ତ୍ତମାନ ପୂର୍ବାନୁମାନ ଏବଂ ଅନୁଶାସନ ସହିତ ପ୍ରଗତି କରିବାକୁ ଆରମ୍ଭ କରିଛି । ଏହାର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ନିର୍ମାଣାଧୀନ ପରିଯୋଜନାଗୁଡ଼ିକରେ ସହଯୋଗାତ୍ମକ ସଂଘବାଦକୁ ଅଧିକ ମଜଭୁତ କରାଯାଇଛି । କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ନିୟମିତ ଭାବେ ବିଭିନ୍ନ ସ୍ତରରେ ଆଲୋଚନା ଠାରୁ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ସୃଷ୍ଟି କରାଯାଇଥିବା ବାତାବରଣ ଏଭଳି ପରିବର୍ତ୍ତନ ଘଟାଇଛି । ବିଶେଷ କରି ସେହିସବୁ ପରିଯୋଜନାଗୁ?ିକ ନିମନ୍ତେ, ଯାହା ଏକାଧିକ କ୍ଷେତ୍ରରେ ବିସ୍ତାରିତ ହୋଇ ରହିଛି । ଏହି ମଡେଲ ସାମ୍ବିଧାନିକ ଭୂମିକା ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥାଏ ଏବଂ ରାଷ୍ଟ୍ରୀୟ ପ୍ରାଥମିକତାଗୁଡ଼ିକ ନିମନ୍ତେ ସାମଞ୍ଜସ୍ୟ ସୁନିଶ୍ଚିତ ମଧ୍ୟ କରିଥାଏ । ରାଜ୍ୟମାନେ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପରିଯୋଜନାଗୁଡ଼ିକର ନିଷ୍କ୍ରିୟ ପ୍ରାପ୍ତକର୍ତ୍ତା ହୋଇ ରହୁ ନାହାନ୍ତି ବରଂ ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ପରିଣାମ ପ୍ରବନ୍ଧନରେ ସକ୍ରିୟ ସହଭାଗିତାର ଭୂମିକା ନିର୍ବାହ କରୁଛନ୍ତି । ଏହାର ପରିଣାମ ହେଉଛି  କ୍ଷିପ୍ରତାର ସହିତ ସହମତିର ଢାଞ୍ଚା ଗଠନ, ସ୍ୱଳ୍ପ ଆଇନଗତ ବିବାଦ ଏବଂ ପ୍ରବର୍ତ୍ତନ ଉପରେ ସୁଚାରୁ ରୂପେ ସେସବୁର କାର୍ଯ୍ୟାନ୍ୱୟନ । ଉଦ୍ୟୋଗ ଜଗତ ଦୃଷ୍ଟିକୋଣରୁ, ଏହି ପୂର୍ବାନୁମାନ କ୍ଷମତା କାର୍ଯ୍ୟାନ୍ୱୟନ ସମସ୍ୟାଗୁଡ଼ିକ ହ୍ରାସ କରୁଛି । ନୀତିଗତ ଦୃଷ୍ଟିକୋଣରୁ ଏହା ଭାରତର ସଂଘୀୟ କାର୍ଯ୍ୟାନ୍ୱୟନ କ୍ଷମତା ପ୍ରତି ଥିବା ବିଶ୍ୱାସକୁ ଅଧିକ ମଜଭୁତ କରିଥାଏ ।

# କଲେଜ ନିର୍ବାଚନ: ଗଣତନ୍ତ୍ରର ପାଠଶାଳା ନା ହିଂସାର ମଞ୍ଚ ?




**ଡ. ଗିରୀଶ ରଂଜନ ସାହୁ**
ସେଞ୍ଚୁରିଅନ୍ ବିଶ୍ୱ ବିଦ୍ୟାଳୟ,
ଭୁବନେଶ୍ୱର, ୯୪୩୮୩୨୧୫୫୧


ଭାରତ ଏକ ବିଶାଳ ଗଣତାନ୍ତ୍ରିକ ଦେଶ। ଗଣତନ୍ତ୍ରର ମୂଳ ଆଧାର ହେଉଛି ଜନସାଧାରଣଙ୍କ ଅଂଶଗ୍ରହଣ, ମତ ପ୍ରକାଶର ସ୍ୱାଧୀନତା, ମତଭେଦକୁ ସମ୍ମାନ, ସମାନତା ଏବଂ ଆଇନର ଶାସନ। ଏହି ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରାଥମିକ ଅଭ୍ୟାସ ଶିକ୍ଷାନୁଷ୍ଠାନରୁ ଆରମ୍ଭ ହୋଇଥାଏ। କଲେଜ ଓ ବିଶ୍ୱବିଦ୍ୟାଳୟ କେବଳ ଶିକ୍ଷା ପ୍ରଦାନର କେନ୍ଦ୍ର ନୁହେଁ, ଏଗୁଡ଼ିକ ଯୁବପିଢ଼ିର ଚିନ୍ତାଧାରା, ନେତୃତ୍ୱ, ଦାୟିତ୍ୱବୋଧ ଓ ସାମାଜିକ ସଚେତନତା ଗଢ଼ି ତୋଳିବାର ମୁଖ୍ୟ କ୍ଷେତ୍ର। ସେହି ଦୃଷ୍ଟିରୁ ଛାତ୍ର ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ଛୋଟ ପରୀକ୍ଷାଶାଳା। ଏଠାରେ ଛାତ୍ରଛାତ୍ରୀ ନେତୃତ୍ୱ ଶିଖନ୍ତି, ମତ ରଖନ୍ତି, ଅନ୍ୟର ମତ ଶୁଣନ୍ତି ଏବଂ ଭୋଟ ମାଧ୍ୟମରେ ପ୍ରତିନିଧି ଚୟନ କରନ୍ତି। କିନ୍ତୁ ଯେତେବେଳେ ଏହି ପ୍ରକ୍ରିୟାରେ ହିଂସା, ଧମକ, ଗୋଷ୍ଠୀବାଦ, ଅର୍ଥବଳ, ପେଶୀବଳ ଓ ବାହ୍ୟ ରାଜନୈତିକ ପ୍ରଭାବ ପ୍ରବେଶ କରେ, ସେତେବେଳେ ଗଣତନ୍ତ୍ରର ପାଠଶାଳା ହିଂସାର ମଞ୍ଚରେ ପରିଣତ ହେବାର ଆଶଙ୍କା ରହିଥାଏ।

କଲେଜ ନିର୍ବାଚନର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ଗୁଣ, ଦାୟିତ୍ୱବୋଧ, ସାମାଜିକ ସଚେତନତା ଓ ଗଣତାନ୍ତ୍ରିକ ମନୋଭାବ ବିକଶିତ କରିବା। ଏକ ଛାତ୍ର ନିର୍ବାଚନରେ ପ୍ରାର୍ଥୀ ହୋଇ ନିଜ ଚିନ୍ତାଧାରା, ଯୋଜନା ଓ ଛାତ୍ର ସମାଜ ପାଇଁ ନିଜ ଦୃଷ୍ଟିକୋଣ ଉପସ୍ଥାପନ କରେ। ମତଦାତାମାନେ ବିଭିନ୍ନ ପ୍ରାର୍ଥୀଙ୍କ ଯୋଗ୍ୟତା, ଚରିତ୍ର, ନୀତି ଓ କାର୍ଯ୍ୟକ୍ରମ ବିଚାର କରି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତି। ଏହି ପ୍ରକ୍ରିୟା ଭବିଷ୍ୟତରେ ଦେଶର ଗଣତାନ୍ତ୍ରିକ ପ୍ରଣାଳୀରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରେ।

ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ। ଦୁଇ ଜଣଙ୍କ ମତ ସମାନ ନ ହେବା ସ୍ୱାଭାବିକ। ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ଛାତ୍ର ଅନ୍ୟ ପ୍ରାର୍ଥୀଙ୍କ ସମର୍ଥକଙ୍କ ସହିତ ମତଭେଦ ରଖିପାରନ୍ତି। କିନ୍ତୁ ମତଭେଦକୁ ଶତ୍ରୁତାରେ ଏବଂ ଶତ୍ରୁତାକୁ ହିଂସାରେ ପରିଣତ କରିବା ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୋଧୀ। ଏକ ସୁସ୍ଥ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ରହିବ, କିନ୍ତୁ ବ୍ୟକ୍ତିଗତ ଶତ୍ରୁତା ରହିବ ନାହିଁ। ତର୍କ ରହିବ, କିନ୍ତୁ ମାରପିଟ ରହିବ ନାହିଁ। ପ୍ରଚାର ରହିବ, କିନ୍ତୁ ଧମକ ରହିବ ନାହିଁ।

କଲେଜ ନିର୍ବାଚନରେ ହିଂସାର ଅନେକ କାରଣ ରହିଛି। ଗୋଷ୍ଠୀବାଦ ଏହାର ଏକ ପ୍ରମୁଖ କାରଣ। ଛାତ୍ରମାନେ ଯେତେବେଳେ ନୀତି ଓ ଧାରଣା ଆଧାରରେ ନୁହେଁ, ବରଂ ବ୍ୟକ୍ତିଗତ ସମ୍ପର୍କ ଓ ଗୋଷ୍ଠୀ ଆଧାରରେ ବିଭକ୍ତ ହୋଇଯାନ୍ତି, ସେତେବେଳେ ନିର୍ବାଚନରେ ଅସ୍ୱାସ୍ଥ୍ୟକର ପ୍ରତିଦ୍ୱନ୍ଦ୍ୱିତା ଜନ୍ମ ନେଇଥାଏ। ନିଜ ଗୋଷ୍ଠୀର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କେତେକ ଛାତ୍ର ନିୟମ ଉଲ୍ଲଂଘନ କରିବାକୁ ମଧ୍ୟ ପଛେଇ ନଥାନ୍ତି।

ବାହ୍ୟ ରାଜନୈତିକ ପ୍ରଭାବ ମଧ୍ୟ ଏକ ଗୁରୁତର ସମସ୍ୟା। ଛାତ୍ର ରାଜନୀତି ଗଣତାନ୍ତ୍ରିକ ନେତୃତ୍ୱର ଅଭ୍ୟାସ ହେବା ଉଚିତ, କିନ୍ତୁ ବାହ୍ୟ ରାଜନୈତିକ ହିତ ଯଦି ଛାତ୍ର ନିର୍ବାଚନକୁ ନିୟନ୍ତ୍ରଣ କରେ, ତେବେ ଛାତ୍ରଙ୍କ ସ୍ୱାଧୀନ ଚିନ୍ତାଧାରା ଦୁର୍ବଳ ହୋଇପାରେ। ବାହାରର ବ୍ୟକ୍ତିମାନଙ୍କ ଅନଧିକୃତ ପ୍ରବେଶ, ଅର୍ଥ କିମ୍ବା ଅନ୍ୟ ସାହାଯ୍ୟ ଏବଂ ରାଜନୈତିକ ଚାପ କଲେଜର ଶିକ୍ଷା ପରିବେଶକୁ ପ୍ରଭାବିତ କରିପାରେ। ତେଣୁ ନିର୍ବାଚନ ସମୟରେ କ୍ୟାମ୍ପସରେ ବାହ୍ୟ ବ୍ୟକ୍ତିଙ୍କ ପ୍ରବେଶକୁ ନିୟମିତ ଓ ନିୟନ୍ତ୍ରିତ କରିବା ଆବଶ୍ୟକ।

ଅର୍ଥବଳ ଓ ପେଶୀବଳ ମଧ୍ୟ ନିର୍ବାଚନର ପବିତ୍ରତାକୁ କ୍ଷତିଗ୍ରସ୍ତ କରେ। ଭୋଟରଙ୍କୁ ଟଙ୍କା, ଉପହାର କିମ୍ବା ଅନ୍ୟ ଲାଭ ଦେଇ ପ୍ରଭାବିତ କରିବା ଗଣତାନ୍ତ୍ରିକ ନୀତିର ବିରୋଧୀ। ସେହିପରି ଧମକ କିମ୍ବା ଭୟ ଦେଇ ଭୋଟ ନେବା ମଧ୍ୟ ଗୁରୁତର ଅନୈତିକ ଆଚରଣ। ତେଣୁ ପ୍ରତ୍ୟେକ କଲେଜରେ ନିର୍ବାଚନୀ ଖର୍ଚ୍ଚର ଯୁକ୍ତିସଙ୍ଗତ ସୀମା ନିର୍ଦ୍ଧାରଣ କରିବା ସହିତ ପ୍ରଚାରରେ ଅର୍ଥବଳର ଅତ୍ୟଧିକ ବ୍ୟବହାରକୁ ରୋକିବା ଆବଶ୍ୟକ।

ସାମାଜିକ ଗଣମାଧ୍ୟମ ଆଜିର ଛାତ୍ର ନିର୍ବାଚନକୁ ନୂଆ ମାତ୍ରା ଦେଇଛି। ଡିଜିଟାଲ ମାଧ୍ୟମରେ ପ୍ରଚାର ସହଜ ଓ ଦ୍ରୁତ ହୋଇଛି। କିନ୍ତୁ ମିଥ୍ୟା ସୂଚନା, ଅପମାନଜନକ ମନ୍ତବ୍ୟ, ଚରିତ୍ର ହନନ, ଭୁଲ ଫଟୋ କିମ୍ବା ଭିଡିଓ ପ୍ରଚାର ଏବଂ ଧମକ ଭଳି କାର୍ଯ୍ୟ ନିର୍ବାଚନକୁ ବିଷାକ୍ତ କରିପାରେ। ତେଣୁ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ନିର୍ବାଚନ ଆଚରଣବିଧି ପ୍ରୟୋଗ କରିବା ଆବଶ୍ୟକ।

କଲେଜ ନିର୍ବାଚନରେ ହିଂସାକୁ ନିୟନ୍ତ୍ରଣ କରିବାରେ ଆଇନର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଅନୁଯାୟୀ ମାରପିଟ, ଆକ୍ରମଣ, ଆଘାତ କରିବା, ଅପରାଧିକ ଧମକ, ଅବୈଧ ଭାବେ ରୋକିବା, ସମ୍ପତ୍ତି ନଷ୍ଟ କରିବା, ଅବୈଧ ସମାବେଶ ଓ ଦଙ୍ଗା ଭଳି କାର୍ଯ୍ୟ ଘଟଣାର ପ୍ରକୃତି ଅନୁଯାୟୀ ଅପରାଧ ହୋଇପାରେ। ଛାତ୍ର ନିର୍ବାଚନ ହେଉଛି ବୋଲି ଅପରାଧିକ କାର୍ଯ୍ୟ ପାଇଁ କୌଣସି ସାଧାରଣ ଆଇନି ଛାଡ଼ ନାହିଁ। ତେଣୁ ହିଂସା ଘଟିଲେ ଘଟଣାର ପ୍ରକୃତି ଅନୁଯାୟୀ ପୋଲିସ ଆଇନଗତ ପଦକ୍ଷେପ ନେଇପାରିବ।

ବିଶେଷ କରି ନିର୍ବାଚନ ସମୟରେ ଧମକ ଦେଇ ଭୋଟରଙ୍କ ଇଚ୍ଛାକୁ ପ୍ରଭାବିତ କରିବା ଏକ ଗୁରୁତର ବିଷୟ। ଯଦି କୌଣସି ଛାତ୍ର ଅନ୍ୟ ଛାତ୍ରଙ୍କୁ ଶାରୀରିକ କ୍ଷତି, ସମ୍ପତ୍ତି କ୍ଷତି କିମ୍ବା ଅନ୍ୟ କ୍ଷତିର ଭୟ ଦେଇ ନିର୍ବାଚନୀ ନିଷ୍ପତ୍ତି ପ୍ରଭାବିତ କରେ, ତେବେ ଘଟଣାର ପ୍ରକୃତି ଅନୁଯାୟୀ ଅପରାଧିକ ଧମକ ସମ୍ବନ୍ଧୀୟ ଆଇନ ପ୍ରୟୋଗ ହୋଇପାରେ। ଏହି କାରଣରୁ ଛାତ୍ରମାନଙ୍କୁ ନିର୍ବାଚନ ପୂର୍ବରୁ ଆଇନଗତ ସଚେତନତା ଦେବା ଆବଶ୍ୟକ।

ଯଦି ଅନେକ ଛାତ୍ର ଏକାଠି ହୋଇ ହିଂସା କରନ୍ତି, ସମ୍ପତ୍ତି ଭାଙ୍ଗନ୍ତି କିମ୍ବା ଶାନ୍ତି ଭଙ୍ଗ କରନ୍ତି, ତେବେ ଅବୈଧ ସମାବେଶ ଓ ଦଙ୍ଗା ସମ୍ବନ୍ଧୀୟ ଆଇନି ବ୍ୟବସ୍ଥା ପ୍ରସଙ୍ଗିକ ହୋଇପାରେ। କ୍ୟାମ୍ପସରେ ହିଂସା ଘଟିଲେ କେବଳ ମୁଖ୍ୟ ଆକ୍ରମଣକାରୀ ନୁହେଁ, ଘଟଣାରେ ଜଡ଼ିତ ଅନ୍ୟ ବ୍ୟକ୍ତିମାନଙ୍କ ଭୂମିକା ମଧ୍ୟ ଆଇନ ଅନୁଯାୟୀ ପରୀକ୍ଷା କରାଯାଇପାରେ। ତେଣୁ ଗୋଷ୍ଠୀରେ ଥିବା ଆଧାରରେ କେହି ଆଇନର ଉପରେ ନୁହେଁ।

କଲେଜର ସମ୍ପତ୍ତି ନଷ୍ଟ କରିବାକୁ ମଧ୍ୟ ଗୁରୁତ୍ୱର ସହ ନେବା ଆବଶ୍ୟକ। କ୍ୟାମ୍ପସର ବସ, ଚେୟାର, ଟେବୁଲ, କାଚ, ଦ୍ୱାର, CCTV କ୍ୟାମେରା, ଲାଇବ୍ରେରୀ ସାମଗ୍ରୀ କିମ୍ବା ଅନ୍ୟ ସରକାରୀ ବା ସାର୍ବଜନୀନ ସମ୍ପତ୍ତି ଭଙ୍ଗାରୁଜା କରାଗଲେ ଅପରାଧିକ ଆଇନ ସହିତ କ୍ଷତିପୂରଣ ଓ ଶିକ୍ଷାନୁଷ୍ଠାନୀୟ ଶାସନାତ୍ମକ ପଦକ୍ଷେପ ନିଆଯାଇପାରେ। ହିଂସା କରି ସମ୍ପତ୍ତି ନଷ୍ଟ କରିବାକୁ ନିର୍ବାଚନୀ ପ୍ରତିବାଦର ଅଂଶ ବୋଲି ଗ୍ରହଣ କରାଯିବା ଉଚିତ ନୁହେଁ।

ଆଇନ ସହିତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏକ ସ୍ପଷ୍ଟ College Election Code of Conduct ରହିବା ଆବଶ୍ୟକ। ଏଥିରେ ପ୍ରାର୍ଥୀଙ୍କ ଯୋଗ୍ୟତା, ପ୍ରଚାରର ନିୟମ, ଖର୍ଚ୍ଚ ସୀମା, ପୋଷ୍ଟର ଓ ବ୍ୟାନର ବ୍ୟବହାର, ସୋସିଆଲ ମିଡିଆ ପ୍ରଚାର, ଡିବେଟ, ମତଦାନ, ଗଣନା ଓ ଅଭିଯୋଗ ନିରାକରଣ ସମ୍ପର୍କରେ ସ୍ପଷ୍ଟ ନିୟମ ରହିବା ଉଚିତ। ଧମକ, ହିଂସା, ଅସ୍ତ୍ର ପ୍ରଦର୍ଶନ, ଜବରଦସ୍ତି, ଅପମାନଜନକ ପ୍ରଚାର, ଚରିତ୍ର ହନନ ଓ ସମ୍ପତ୍ତି ନଷ୍ଟ କରିବାକୁ ସ୍ପଷ୍ଟ ଭାବେ ନିଷିଦ୍ଧ କରାଯିବା ଦରକାର।

ନିର୍ବାଚନ ଆଚରଣବିଧି ଭଙ୍ଗ କଲେ କେବଳ ଚେତାବନୀ ଦେଇ ଛାଡ଼ି ଦିଆଯିବା ଉଚିତ ନୁହେଁ। ଘଟଣାର ଗୁରୁତ୍ୱ ଅନୁଯାୟୀ ପ୍ରାର୍ଥୀତ୍ୱ ବାତିଲ, ପ୍ରଚାର ଉପରେ ନିଷେଧ, ନିର୍ବାଚନରୁ ବଞ୍ଚିତ କରିବା, ସ୍ଥଗିତକରଣ କିମ୍ବା ଅନ୍ୟ ଶୃଙ୍ଖଳାତ୍ମକ ପଦକ୍ଷେପ ନିଆଯାଇପାରେ, ଯେଉଁଠାରେ ପ୍ରଯୋଜ୍ୟ। ତେବେ ଏପରି ଶାସନାତ୍ମକ ପଦକ୍ଷେପ ସ୍ପଷ୍ଟ ନିୟମ, ପ୍ରାକୃତିକ ନ୍ୟାୟ ଓ ଯଥାଚିତ ପ୍ରକ୍ରିୟା ଅନୁସରଣ କରି ନିଆଯିବା ଉଚିତ।

ନିର୍ବାଚନ ସମୟରେ ଉଜ୍ଜ୍ୱଳ ଓ ଭିଡିଓ ରେକର୍ଡିଂର ବ୍ୟବସ୍ଥା ହିଂସା ନିୟନ୍ତ୍ରଣରେ ଏକ ଉପଯୋଗୀ ପଦକ୍ଷେପ। ପୋଲିଂ କେନ୍ଦ୍ର, ଗଣନା କେନ୍ଦ୍ର ଓ ସମ୍ବେଦନଶୀଳ ସ୍ଥାନରେ CCTV ରହିଲେ ଅପରାଧ ପ୍ରତିରୋଧ ସହଜ ହୁଏ ଏବଂ ଘଟଣା ପରେ ପ୍ରମାଣ ସଂଗ୍ରହ କରାଯାଇପାରେ। ତେବେ ଉଜ୍ଜ୍ୱଳ ବ୍ୟବହାର କରିବା ସମୟରେ ଗୋପନୀୟତା ଓ ପ୍ରଯୋଜ୍ୟ ନିୟମକୁ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ।

ଅଭିଯୋଗ ନିରାକରଣ ପାଇଁ ଏକ ସ୍ୱାଧୀନ ଓ ନିଷ୍ପକ୍ଷ Election Grievance Committee ଗଠନ କରାଯାଇପାରେ। ଛାତ୍ରମାନେ ଯଦି ଧମକ, ଅନିୟମିତତା, ହିଂସା କିମ୍ବା ନିର୍ବାଚନୀ ଆଚରଣବିଧି ଭଙ୍ଗ ସମ୍ପର୍କରେ ଅଭିଯୋଗ କରନ୍ତି, ତେବେ କମିଟି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାହାର ତଦନ୍ତ କରିବା ଉଚିତ। ଗୁରୁତର ଅପରାଧ ହେଲେ ଘଟଣାକୁ ପୋଲିସଙ୍କ ନିକଟକୁ ପଠାଇବା ଉଚିତ।

ପୋଲିସ ଓ କଲେଜ ପ୍ରଶାସନ ମଧ୍ୟରେ ସମନ୍ୱୟ ମଧ୍ୟ ଆବଶ୍ୟକ। ନିର୍ବାଚନ ପୂର୍ବରୁ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରିବା, ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ଓ ଆଇନଶୃଙ୍ଖଳା ଭଙ୍ଗର ସମ୍ଭାବନା ଥିଲେ ପୂର୍ବପ୍ରସ୍ତୁତି ନେବା ଉଚିତ। ତେବେ ପୋଲିସର ଭୂମିକା ଛାତ୍ରଙ୍କ ଶାନ୍ତିପୂର୍ଣ୍ଣ ମତ ପ୍ରକାଶକୁ ଦମନ କରିବା ନୁହେଁ। ଆଇନଶୃଙ୍ଖଳା ଓ ନାଗରିକ ଅଧିକାର ମଧ୍ୟରେ ସନ୍ତୁଳନ ରଖିବା ହେବା ଉଚିତ।

ମହିଳା ଛାତ୍ରୀଙ୍କ ସୁରକ୍ଷା ମଧ୍ୟ ନିର୍ବାଚନ ପ୍ରକ୍ରିୟାର ଅବିଚ୍ଛିନ୍ନ ଅଂଶ। ଧମକ, ଉତ୍ପୀଡ଼ନ କିମ୍ବା ହିଂସାର ଭୟରୁ ଯଦି ମହିଳା ଛାତ୍ରୀମାନେ ନିର୍ବାଚନୀ ପ୍ରକ୍ରିୟାରୁ ଦୂରେଇ ଯାଆନ୍ତି, ତେବେ ଗଣତାନ୍ତ୍ରିକ ଅଂଶଗ୍ରହଣ ଅପୂର୍ଣ୍ଣ ରହିଯାଏ। ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ସୁରକ୍ଷା ଓ ସୁଯୋଗ ଦେବା ଶିକ୍ଷାନୁଷ୍ଠାନର ଦାୟିତ୍ୱ।

ଶିକ୍ଷକମାନଙ୍କ ଭୂମିକା ଏଠାରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଶିକ୍ଷକ କେବଳ ପାଠ ପଢ଼ାଇବାରେ ସୀମିତ ନ ରହି ଛାତ୍ରଛାତ୍ରୀଙ୍କୁ ସମ୍ବିଧାନ, ଗଣତନ୍ତ୍ର, ଆଇନର ଶାସନ, ମତଭେଦ ପ୍ରତି ସମ୍ମାନ ଓ ଅହିଂସାର ମୂଲ୍ୟ ବୁଝାଇବା ଆବଶ୍ୟକ। ନିର୍ବାଚନ ପୂର୍ବରୁ Legal Awareness Programme ଆୟୋଜନ କରି ପ୍ରାର୍ଥୀ ଓ ଛାତ୍ରମାନଙ୍କୁ ହିଂସାର ଆଇନି ପରିଣାମ ବିଷୟରେ ସଚେତନ କରାଯାଇପାରେ। ଏହା ସହିତ ପ୍ରାର୍ଥୀମାନଙ୍କ ମଧ୍ୟରେ ଖୋଲା ଡିବେଟ ଓ ନୀତି ଆଲୋଚନା ଆୟୋଜନ କରାଯିବା ଉଚିତ।

ଛାତ୍ର ନେତାମାନଙ୍କ ଉପରେ ମଧ୍ୟ ବଡ଼ ଦାୟିତ୍ୱ ରହିଛି। ନେତୃତ୍ୱର ଅର୍ଥ କେବଳ ନିର୍ବାଚନ ଜିତିବା ନୁହେଁ। ନେତୃତ୍ୱର ଅର୍ଥ ହେଉଛି ଅନ୍ୟମାନଙ୍କ ମତକୁ ସମ୍ମାନ କରିବା, ନିଜ ଭୁଲକୁ ସ୍ୱୀକାର କରିବା, ନ୍ୟାୟସଙ୍ଗତ ଦାବି ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଲଢ଼ିବା ଓ ଶିକ୍ଷା ପରିବେଶକୁ ସୁରକ୍ଷିତ ରଖିବା। ହିଂସାର ମାଧ୍ୟମରେ ନିର୍ବାଚନ ଜିତିବା ନେତୃତ୍ୱର ସଫଳତା ନୁହେଁ, ବରଂ ଗଣତାନ୍ତ୍ରିକ ବିଫଳତାର ଚିହ୍ନ।

ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ଭୋଟର ମୂଲ୍ୟ ବୁଝିବା ଆବଶ୍ୟକ। ଭୋଟ କୌଣସି ବ୍ୟକ୍ତିଗତ ଲାଭ, ଚାପ କିମ୍ବା ଭୟର ଫଳ ହେବା ଉଚିତ ନୁହେଁ। ପ୍ରାର୍ଥୀଙ୍କ ଯୋଗ୍ୟତା, ଚରିତ୍ର, ନୀତି, ଦୃଷ୍ଟିକୋଣ ଓ ଛାତ୍ର ସମାଜ ପାଇଁ ତାଙ୍କର ଯୋଜନା ଆଧାରରେ ଭୋଟ ଦେବା ଉଚିତ। ଏହି ସଚେତନ ଭୋଟିଂ ହିଁ ଛାତ୍ର ଗଣତନ୍ତ୍ରର ପ୍ରକୃତ ଶକ୍ତି।

କଲେଜ ନିର୍ବାଚନକୁ ହିଂସାମୁକ୍ତ କରିବା ପାଇଁ ନିର୍ବାଚନକୁ Issue Based କରିବା ଆବଶ୍ୟକ। କ୍ୟାଣ୍ଟିନ, ଲାଇବ୍ରେରୀ, ହଷ୍ଟେଲ, ଯାତାୟାତ, କ୍ୟାମ୍ପସ ସୁରକ୍ଷା, ଶିକ୍ଷାର ଗୁଣବତ୍ତା, କ୍ରୀଡ଼ା, ଚାକିରିମୁଖୀ ପ୍ରଶିକ୍ଷଣ ଓ ଛାତ୍ର କଲ୍ୟାଣ ଭଳି ପ୍ରକୃତ ସମସ୍ୟା ଉପରେ ନିର୍ବାଚନ ଲଢ଼ାଯିବା ଉଚିତ। ପ୍ରାର୍ଥୀମାନେ ନିଜର ମେନିଫେଷ୍ଟୋ ପ୍ରକାଶ କରିବା ସହିତ ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର ଦେବା ଉଚିତ। ଏହା ଦ୍ୱାରା ବ୍ୟକ୍ତିଗତ ଆକ୍ରମଣ କମିବ ଏବଂ ନୀତି ଓ କାର୍ଯ୍ୟକ୍ରମ ନିର୍ବାଚନର କେନ୍ଦ୍ରବିନ୍ଦୁ ହେବ।

ଶେଷରେ କୁହାଯାଇପାରେ ଯେ କଲେଜ ନିର୍ବାଚନ ନିଜେ ହିଂସାର ମଞ୍ଚ ନୁହେଁ। ଏହାକୁ ହିଂସାର ମଞ୍ଚରେ ପରିଣତ କରେ ଆମର ଅସହିଷ୍ଣୁତା, ଗୋଷ୍ଠୀବାଦ, ବାହ୍ୟ ପ୍ରଭାବ, ଅର୍ଥବଳ, ପେଶୀବଳ ଓ ଆଇନ ପ୍ରତି ଅବହେଳା। ତେଣୁ ଆଇନର କଠୋର ଓ ନିଷ୍ପକ୍ଷ ପ୍ରୟୋଗ ସହିତ ଶିକ୍ଷାନୁଷ୍ଠାନୀୟ ଶୃଙ୍ଖଳା, ନିର୍ବାଚନ ଆଚରଣବିଧି, ଉଜ୍ଜ୍ୱଳ, ଅଭିଯୋଗ ନିରାକରଣ ବ୍ୟବସ୍ଥା, ପୋଲିସ ପ୍ରଶାସନ ସହ ସମନ୍ୱୟ ଏବଂ ଆଇନି ସଚେତନତାକୁ ଏକାସାଙ୍ଗରେ ପ୍ରୟୋଗ କରିବା ଆବଶ୍ୟକ।

ଗଣତନ୍ତ୍ରର ଅର୍ଥ କେବଳ ଭୋଟ ଦେବା ନୁହେଁ। ଗଣତନ୍ତ୍ରର ଅର୍ଥ ହେଉଛି ଅନ୍ୟର ମତକୁ ସମ୍ମାନ କରିବା, ଆଇନକୁ ମାନିବା, ନ୍ୟାୟ ପାଇଁ ଠିଆ ହେବା ଏବଂ ମତଭେଦକୁ ହିଂସାରେ ନୁହେଁ, ଆଲୋଚନାରେ ସମାଧାନ କରିବା। ଆଜିର ଛାତ୍ର ହେଉଛନ୍ତି ଆସନ୍ତାକାଲିର ନାଗରିକ, ଆଇନଜୀବୀ, ଶିକ୍ଷକ, ପ୍ରଶାସକ, ସାମ୍ବାଦିକ ଓ ରାଜନୈତିକ ନେତା। ସେମାନେ କଲେଜରେ ଯେଉଁ ଗଣତାନ୍ତ୍ରିକ ସଂସ୍କୃତି ଶିଖିବେ, ତାହା ଭବିଷ୍ୟତ ସମାଜର ଚରିତ୍ରକୁ ପ୍ରଭାବିତ କରିବ। ତେଣୁ ଆମର ଲକ୍ଷ୍ୟ ହେବା ଉଚିତ କଲେଜ ନିର୍ବାଚନକୁ ଭୟର ନୁହେଁ, ବିଚାରର ମଞ୍ଚ କରିବା ଶକ୍ତି ପ୍ରଦର୍ଶନର ନୁହେଁ, ନେତୃତ୍ୱ ପରୀକ୍ଷାର ମଞ୍ଚ କରିବା। ସେତେବେଳେ ହିଁ କଲେଜ ନିର୍ବାଚନ ପ୍ରକୃତ ଅର୍ଥରେ ଗଣତନ୍ତ୍ରର ପାଠଶାଳା ହୋଇପାରିବ।

# ପଶ୍ଚିମ ଓଡ଼ିଶାର ଲୋପ ପାଉଥିବା ଲୋକ ସଂସ୍କୃତି -'ହୁମ ବଉଳି'




**ବିଭୁତି କଲ୍ୟାଣ ପଟେଲ**
କୁସୁମୀ, କୁଚିଣ୍ଡା, ଜିଲ୍ଲା-ସମ୍ବଲପୁର
୯୪୩୭୫୩୫୧୪୪


ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି ଓ ମୌଖିକ ସାହିତ୍ୟ ପରମ୍ପରାରେ 'ହୁମ ବଉଳି' ଏକ ସୁବର୍ଣ୍ଣ ଅଧ୍ୟାୟ। ଏହା କେବଳ ଏକ ସାଧାରଣ ଗ୍ରାମୀଣ ଗୀତ ନୁହେଁ, ବରଂ ଏହା ନାରୀସୁଲଭ ସମ୍ବେଦନା, ସୃଜନଶୀଳତା, ସାମାଜିକ ଭାଇଚାରା, ଇତିହାସ ଓ ସଂସ୍କୃତିର ଏକ ଅନନ୍ୟ ସଂଯୋଗ।

ଆଜିର ଆଧୁନିକତା ଓ ମୋବାଇଲ ଯୁଗର ଚକାଚୌନ୍ଧ ଭିତରେ ଏହି ମଧୁର ପରମ୍ପରା ବିଲୁପ୍ତିର ଆସନ୍ନ ପଥରେ। ହୁମ ବଉଳି ଏକ ଋତୁକାଳୀନ ଗୀତ। ଏହାର ସମୟ ହେଉଛି ହେମନ୍ତ ଋତୁ। ଆଶ୍ୱିନ ମାସର ଜହ୍ନ ଆଲୁଅରେ ଝଲସୁଥିବା ଗାଁ ଦାଣ୍ଡ, ଶାନ୍ତ ସନ୍ଧ୍ୟା ଏବଂ ଧାନ ଖେତର ସୁନେଲୀ ଶୋଭା ଭିତରେ ଏହି ଗୀତର ଜନ୍ମ।ଏହା ମହାଳୟାରୁ ଆରମ୍ଭ କରି କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରାୟ ଅଧା ମାସ ଧରି ବୋଲାଯାଏ। ଗୋଧୂଳି ଲଗ୍ନ ଠାରୁ ଅର୍ଥାତ ସନ୍ଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ଗାଁ ଦାଣ୍ଡ କିଶୋରୀ ଓ ନବବଧୂମାନଙ୍କ ସ୍ୱରରେ ମୁଖରିତ ହୋଇଉଠୁଥିଲା।

ଗାୟନ ଶୈଳୀ: ୭ ରୁ ୮ ଜଣ କିଶୋରୀ ଦୁଇଟି ଦଳରେ ବିଭକ୍ତ ହୋଇ ସାମ୍ନାସାମ୍ନି ଛିଡ଼ା ହୁଅନ୍ତି। ବାହୁ ଓ ଅଣ୍ଟାରେ ହାତ ଛାନ୍ଦି, ତାଳେ ତାଳେ ଆଗପଛ ହୋଇ ନାଚି ନାଚି ଗୀତ ଗାଆନ୍ତି। ଗୋଟିଏ ଦଳ ପଦେ ବୋଲିଲେ ତ ଅନ୍ୟ ଦଳ ତାର ପ୍ରତି ଉତ୍ତର  କରେ। ଏଥିରେ କୌଣସି ବାଦ୍ୟଯନ୍ତ୍ର ନଥାଏ, କେବଳ ପାଦର ପାଉଁଜି ର ଶବ୍ଦ ହିଁ ଏହାର ତାଳ।ଏଥିରେ ମୁଖ୍ୟତଃ ଗ୍ରାମର କିଶୋରୀ ବାଳିକା ମାନେ ଭାଗ ନିଅନ୍ତି। ତେବେ ଭାଇ ଜିଉଁନ୍ତିଆ ସମୟରେ ବାହା ହୋଇଥିବା ଝିଅମାନେ ଶାଶୁ ଘରୁ ନିଜ ବାପ ଘରକୁ ଆସୁଥିଲେ ସେମାନେ ବି ଏଥିରେ ଭାଗ ନେଉଥିଲେ। ପରସ୍ପର ଖେଳ କୌତୁକ, ଟାହିଟାପରା ଏହି ଗୀତ ମାଧ୍ୟମରେ ଏହା ହେଉଥିଲା।

'ହୁମ' ଶବ୍ଦର ଅର୍ଥ ଓ ଅଳଙ୍କାରର ରହସ୍ୟ 'ହୁମ' ଅର୍ଥାତ୍ କୁମାରୀ ଝିଅ। ସେତେବେଳେ କୁମାରୀ ଝିଅମାନେ ଆଣ୍ଠୁ ତଳ ଯାଏଁ ଶାଢ଼ୀ ବା କପଡ଼ା ପିନ୍ଧୁଥିଲେ। ଯାହାକୁ ସାଧାରଣରେ କପଟୀ ବୋଲି କୁହାଯାଉଥିଲା, ଘରୁ ପଦାକୁ ବା ଗାଁ ଦାଣ୍ଡ ଆଡେ ବାହାରିଲେ ଖାଲି ପାଦରେ ଯିବାର  ମନା ଥିଲାଟ ପାଦରେ ଅନ୍ତତଃ ହଳେ ରୂପାର ଝୁଣ୍ଟିଆ ପିନ୍ଧିବା ଅନୁଶାସନ ଓ ସଂସ୍କୃତିର ଅଂଶ ଥିଲା। ଯାହା ଏହି ଗୀତ ରେ ସ୍ପଷ୍ଟ ଭାବେ ଜାଣି ହୁଏ

ହୁମକୁ ହୁମିଆ ଧାରେ ରେ ବଉଳ, ହୁମକୁ ହୁମିଆ ଧାରେରେ

ଯେଉଁ ଦିନ ହୁମ ଘରୁ ବାହାରେ, ଯେଉଁ ଦିନ ହୁମ ଘରୁ ବାହାରେ

ପାଦରେ ଝୁଣ୍ଟିଆ ସାରେ ରେ ବଉଳ, ପାଦରେ ଝୁଣ୍ଟିଆ ସାରେ ରେ।

ଏହି ପଦଟି କେବଳ ଆମ ଅଞ୍ଚଳର ଅଳଙ୍କାର ବିଷୟରେ ନୁହେଁ,ବରଂ ଏହା ନାରୀ ସୁରକ୍ଷାର ଏକ ସଙ୍କେତ। ଅଳଙ୍କାର ହିଁ ଅସ୍ତ୍ର -ପଶ୍ଚିମ ଓଡ଼ିଶାର ସମୃଦ୍ଧ ଇତିହାସରେ ନାରୀମାନଙ୍କ ଅଳଙ୍କାର କେବଳ ଶୋଭାବର୍ଦ୍ଧନ ପାଇଁ ନ ଥିଲା। ଧନଧାନ୍ୟ ଓ ସମ୍ବଳରେ ପରିପୂର୍ଣ୍ଣ ଏହି ଅଂଚଳ  ଉପରେ ବାରମ୍ବାର ଅନୁପ୍ରବେଶକାରୀ ଓ ଆକ୍ରମଣକାରୀଙ୍କ ଦ୍ୱାରା ଆକ୍ରମଣ ହେଉଥିଲା। ତେଣୁ ସ୍ଥାନୀୟ ଅଳଙ୍କାର କାରିଗରମାନେ ସୂକ୍ଷ୍ମ ବୁଦ୍ଧି ଖଟାଇ ଅଳଙ୍କାରଗୁଡ଼ିକୁ ଏପରି ଭାବେ ଗଢୁଥିଲେ, ଯାହା ବିପଦ ସମୟରେ ଆତ୍ମରକ୍ଷାର ଅସ୍ତ୍ର ଭାବେ କାମ କରୁଥିଲା।ଏହି ସବୁ ଅଳଙ୍କାର ମଧ୍ୟରେ ଥିଲା କତରିୟା, ବନ୍ଦରିୟା, ବାହଟି, ଅଣ୍ଟା ସୁତା, ଖଗଲା, ଝୁଣ୍ଟିଆ ଆଦି। ଏହା ନାରୀର ଆତ୍ମସମ୍ମାନ ଓ ଆତ୍ମରକ୍ଷାର ପ୍ରତୀକ ଥିଲା, ଯାହା ହୁମ ଗୀତରେ ବାରମ୍ବାର ପ୍ରତିଫଳିତ।

ମୌଖିକ ସାହିତ୍ୟର ସୃଜନଶୀଳତା ହୁମ ଗୀତର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛିଏହା କୌଣସି ପୋଥି ବା ବହିରେ ଲିପିବଦ୍ଧ ନ ଥିଲା। ଏହା ପିଢ଼ି ପରେ ପିଢ଼ି ମୌଖିକ ଭାବେ ଆଇ-ମାଆଙ୍କଠାରୁ ନାତୁଣୀ ଏବଂ ସାଙ୍ଗସାଥୀ ମେଳରେ ପ୍ରଚାରିତ ଓ ପ୍ରସାରିତ ହେଉଥିଲା। ପରିପାର୍ଶ୍ୱିକ ପରିବେଶ, ସାମାଜିକ ସୁଖ-ଦୁଃଖ ଓ ମାନସିକ ଭାବନାକୁ ନେଇ କିଶୋରୀମାନେ ତତ୍‌କ୍ଷଣାତ୍ ଗୀତ ରଚନା କରୁଥିଲେ।ଗୋଟିଏ ଦଳ ପ୍ରଶ୍ନ ବା ଭାବନା ପ୍ରକାଶ କଲେ, ଅପର ଦଳ ଗୀତ ମାଧ୍ୟମରେ ହିଁ ତାର ଉତ୍ତର ଦେଉଥିଲେ।

ଯେପରି ଆକାଶେ ସୂରୁଜମୁଖୀ ରେ ବଉଳ, ଆକାଶେ ସୂରୁଜମୁଖୀ ରେ

ମୁଇଁ ଖୁସି ଅଛି ତୁଇ ଅଛୁ ଦୁଃଖୀ, ମୁଇଁ ଖୁସି ଅଛି ତୁଇ ଅଛୁ ଦୁଃଖୀ

ଗୋଲାପ ଯାଇଛେ ଶୁଖି ରେ ବଉଳ ଗୋଲାପ ଯାଇଚେ ସୁଖୀ ରେ

ଭାବାର୍ଥ: ସଖୀର ଗୋଲାପ ଭଳି ସୁନ୍ଦର ମୁହଁ ଆଜି କାହିଁକି ଶୁଖିଯାଇଛି ? ନିଜର ଦୁଃଖ କହିଲେ ମନ ହାଲୁକା ହେବ। ଇତିହାସର ଜୀବନ୍ତ ଦଲିଲ ଏହି ଲୋକଗୀତ ଏହା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ସମସାମୟିକ ଇତିହାସର ଏକ ଜୀବନ୍ତ ପ୍ରମାଣ । ହୁମ ଗୀତରେ ସ୍ଥାନୀୟ ଐତିହାସିକ ଘଟଣା, ସଂଗ୍ରାମ ଓ ସାମାଜିକ ଚରିତ୍ରମାନଙ୍କର ଉଲ୍ଲେଖ ଦେଖିବାକୁ ମିଳେ।ଉଲି ଉଲି ଉଲି ରେ ବଉଳ, ଉଲି ଉଲି ଉଲି ରେ

ଛବିଳ ବାବୁଙ୍କୁ ବାଜିଲା ଗୁଳି, ଛବିଳ ବାବୁଙ୍କୁ ବାଜିଲା ଗୁଳି

ଟାଙ୍ଗରପାଲି ମଝା ଖୁଲୀ ରେ ବଉଳ ଟାଙ୍ଗରପାଲି ମଝା ଖୁଲିରେ

ଏହି ପଦରୁ ସ୍ପଷ୍ଟ ଜଣାପଡ଼େ ଯେ, 'ଛବିଳ ବାବୁ'ଙ୍କ ଭଳି ବ୍ୟକ୍ତିବିଶେଷଙ୍କ ଯିଏ ତତ୍କାଳୀନ କ୍ରାନ୍ତିକାରୀ ଛାଲ ସିଂ ମହାପାତ୍ର ଙ୍କ ଘନିଷ୍ଠ ସହଯୋଗୀ ତାଙ୍କର ହତ୍ୟା ବା ଗୁଳିକାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣାସବୁ ସାଧାରଣ ଲୋକଙ୍କ ମନକୁ ଏତେ ଆନ୍ଦୋଳିତ କରିଥିଲା ଯେ ତାହା ଗାଁ ଝିଅଙ୍କ ହୁମ ଗୀତରେ ସଦା ପାଇଁ ଅମର ହୋଇରହିଗଲା। ଏହିପରି ଅନେକ ଗୀତରେ ଜମିଦାରୀ ଶୋଷଣ, ଦୁର୍ଭିକ୍ଷ ଓ ସ୍ୱାଧୀନତା ଆନ୍ଦୋଳନର ଛାପ ବି ଦେଖିବାକୁ ମିଳେ।

ଆଉ ଏକ ପ୍ରସିଦ୍ଧ ପଦ:

ହୁମ ନୁନ ନୁନ ଦୁସ ରେ ବଉଳ, ହୁମ ନୁନ ନୁନ ଦୁସ

ସବୁ ଟୁକେଲ ମାନଙ୍କର ଭାଇ ଉପାସ, ଚାଲିଲେ ଦୁରୁର୍ଗା ପାସ୍ ରେ ବଉଳ. ଚାଲିଲେ ଦୁରୁର୍ଗା ପାସ୍ ରେ

ଏଠି ଦୁର୍ଗାପୂଜା ସମୟର ଭାଇଚାରା ଓ ସାମାଜିକ ଏକତାର ଚିତ୍ର ଫୁଟି ଉଠୁଛି। ବର୍ତ୍ତମାନ ଏହି ପରମ୍ପରା ଧୀରେ ଧୀରେ  ଲୋପ ପାଉଛି । ଆଜିଠାରୁ ୨୫-୩୦ ବର୍ଷ ପୂର୍ବେ ପ୍ରତି ଗ୍ରାମର ଦାଣ୍ଡରେ ଶୁଭୁଥିବା ଏହି ମଧୁର ସ୍ୱର ଆଜି ନୀରବି ଯାଇଛି। ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା ଡିଜିଟାଲ୍ ଯୁଗର ପ୍ରଭାବ: ସ୍ମାର୍ଟଫୋନ୍, ରିଲ୍ସ, ସୋସିଆଲ୍ ମିଡିଆ, ଟେଲିଭିଜନ୍ ଓ ଆଧୁନିକ ମନୋରଞ୍ଜନର ସାଧନ ଯୋଗୁଁ ଗ୍ରାମୀଣ ଖେଳ ଓ ପରମ୍ପରା ପ୍ରତି ନୂତନ ପିଢ଼ିର ଆଗ୍ରହ କମିଯାଇଛି। ସାମାଜିକ ପରିବର୍ତ୍ତନ: ଏକକ ପରିବାରର ବୃଦ୍ଧି, ପାଠପଢ଼ା ଓ ଚାକିରି ପାଇଁ ସହରମୁଖୀ ହେବା ଏବଂ ଗ୍ରାମୀଣ ଦାଣ୍ଡ-ମଜଲିସ୍ ବନ୍ଦ ହୋଇଯିବା ଯୋଗୁଁ ଏହି ସାଂସ୍କୃତିକ ଆଦାନପ୍ରଦାନ ବାଧାପ୍ରାପ୍ତ ହୋଇଛି। ଲିଖିତ ରୂପର ଅଭାବ: କୌଣସି ସ୍ଥାନରେ ଲିଖିତ ରୂପରେ ନ ଥିବାରୁ, କେବଳ ବୟସ୍କା ମାଆ ଓ ଆଇମାନଙ୍କ ମନରେ ଏହା ବଞ୍ଚି ରହିଛି। ସେମାନଙ୍କ ପରେ ଏହି ଅମୂଲ୍ୟ ସମ୍ପଦ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବାର ଭୟ ରହିଛି।

ଏହି ପରମ୍ପରା ସଂରକ୍ଷଣ ପାଇଁ ଆହ୍ୱାନ ଅଟେ 'ହୁମ ବଉଳି' କେବଳ ଅତୀତର ସ୍ମୃତି ନୁହେଁ, ଏହା ଆମ ମାଟିର ବାସ୍ନା ଓ ଶ୍ରଦ୍ଧାର ପ୍ରତୀକ। ଏହାର ସଂରକ୍ଷଣ ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ: ଲିଖିତ ଓ ଅଡିଓ-ଭିଡିଓ ଅଭିଲେଖୀକରଣ: ଗ୍ରାମାଞ୍ଚଳରେ ଥିବା ବୟସ୍କା ମହିଳାମାନଙ୍କଠାରୁ ଗୀତଗୁଡ଼ିକୁ ସଂଗ୍ରହ କରି ପୁସ୍ତକ ଆକାରରେ ପ୍ରକାଶ କରିବା ଏବଂ ଅଡିଓ/ଭିଡିଓ ରେକର୍ଡିଂ କରି ସୁରକ୍ଷିତ ରଖିବା। ପଶ୍ଚିମ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଏହା ଉପରେ ଗବେଷଣା ହେବା ଦରକାର।

ସଂସ୍କୃତି ଓ ସାହିତ୍ୟ ଅନୁଷ୍ଠାନର ଭୂମିକା: ଜିଲ୍ଲା ଓ ସଂସ୍କୃତି ପରିଷଦ, ନାଟକ ଓ କଳା ଅନୁଷ୍ଠାନଗୁଡ଼ିକ କୁମାର ପୂର୍ଣ୍ଣିମା ବା ଧାନକାଟା ଋତୁରେ ହୁମ ବଉଳି ଗୀତ ପ୍ରତିଯୋଗିତା ଆୟୋଜନ କରିବା। ବିଦ୍ୟାଳୟ ଓ କଲେଜ ସ୍ତରରେ ପ୍ରୋତ୍ସାହନ: ପାଠ୍ୟକ୍ରମରେ ସ୍ଥାନୀୟ ଲୋକକଳାକୁ ସାମିଲ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ଏହାର ପରିବେଷଣ କରାଇବା।ଉପସଂହାର: ହୁମ ବଉଳି ହେଉଛି ପଶ୍ଚିମ ଓଡ଼ିଶାର ଝିଅର ହସ, କାନ୍ଦ, ସ୍ୱପ୍ନ ଓ ସଂଘର୍ଷର ସ୍ୱର। ଏହା ଆମ ମା' ମାନଙ୍କର ପ୍ରଥମ ସାହିତ୍ୟ ପାଠଶାଳା। ଯଦି ସରକାରୀ, ସାମାଜିକ ଓ ସାଂସ୍କୃତିକ ସ୍ତରରେ ଏହାର ପୁନରୁଦ୍ଧାର ପାଇଁ ସଞ୍ଜୀବନୀ ପ୍ରୟାସ କରାଯାଏ, ତେବେ ପଶ୍ଚିମ ଓଡ଼ିଶାର ଏହି ଅନନ୍ୟ ଲୋକ ସମ୍ପଦ ପୁନର୍ବାର ଆମ ଗାଁ ଦାଣ୍ଡରେ ଜୀବନ୍ତ ହୋଇଉଠିବ।

## ପାଖାପାଖି



ଡ଼ ଚିତ୍ତରଞ୍ଜନ ମିଶ୍ର

ଜାଣେ, ହାତ ବଢାଇବା ବେଳକୁ
ଅଦୃଶ୍ୟ ପଟିରେ ବନ୍ଧା ହୋଇ
କହୁଣି ଝୁଲୁଥାଏ କାନ୍ଧରେ
କାହାକୁ ଦିଶୁ ନଥାଏ
ମୁଁ କିନ୍ତୁ ଦେଖିପାରେ କିଛି ତ
ଭାଙ୍ଗି ଯାଇଥାଏ ତୁମ ଭିତରେ।

ମୁଁ ଠିଆ ହୋଇଥାଏ ଯେଉଁ ଗଛର
ଛାଇରେ
ସେଠାକୁ ତୁମକୁ ଡାକେ
ତୁମେ ଆସ
ଫୁଲ ଭର୍ତ୍ତି ଡାଳ ତଳେ
ମୋ ପାଖରେ ଠିଆ ହୋଇଥାଅ
ମୁଁ ତୁମ ଆଡ଼କୁ ହାତ ବଢାଇବା
ବେଳେ
ଘୋଟିଆସେ ବର୍ଷା
କାହାକୁ ଦିଶେନା କିନ୍ତୁ
ତୁମେ ଜାଣ
ମୋ ଭିତରେ ପକ୍ଷୀଟିଏ
ଖୋଜୁଥାଏ
ଉଡ଼ି ଯାଇଥିବା ନୀଡ଼ ଝଡ
ପବନରେ।

ଦେଖାହେଲା ଦିନେ ଆମ ମନ୍ଦିର
ଭିତରେ
ସାହାଣ ମେଲାରେ
ଦୁଇ ହାତ ପ୍ରଭୁଙ୍କର ଲମ୍ବିଥିଲା
ଆମରି ଦିଗରେ
ହାତ ଟେକି
ଦରଶନ କରୁଥିଲୁ ଆମେ ଚକା
ଆଖି
ଜାଣୁଥିଲ ଜାଣୁଥିଲି
ଜାଣୁଥିଲି ଜାଣୁଥିଲ
ସବୁରି ଅଲକ୍ଷେ ଗର୍ଭ ଗୃହ କନ୍ଦରରୁ
ଉଡିଆସି ଦୁଇ ଗୋଟି ପାରା
ହଜିଗଲେ ଆମ ପାଖାପାଖି।

ପ୍ରାକ୍ତନ ବିଭାଗୀୟ ମୁଖ୍ୟ,
ଇଂରାଜୀ
ବିଜେବି ସ୍ୱୟଂଶାସିତ
ମହାବିଦ୍ୟାଳୟ
ଭୁବନେଶ୍ୱର

## ମୋ ମାଆ ମନର କଥା



ପ୍ରଜ୍ଞା ପାରମିତା
ପଟ୍ଟନାୟକ
ଭାପୁର, ନୟାଗଡ

କର୍ତ୍ତବ୍ୟ ପଥର ପଥିକ ମୁଁ,
ଜାୟାରୁ ହେଲି ଜନନୀ,
କିଂ କର୍ତ୍ତବ୍ୟମୂଢ଼ ସଂସାର ଜଞ୍ଜାଳେ,
ନିଜକୁ ନ ପାରଇ ଚିହ୍ନି।

ଏକ ପଟେ ଜନ୍ମଦାତ୍ରୀ ମାଆ,
ଅନ୍ୟ ପଟେ ବିଧବା ଶାଶୁ,
ଦୁହିଁଙ୍କ ଆଖିରେ ଲୁହ ସମାନ,
ଦୁହିଁଙ୍କ ମନରେ ଅଭାବଟା କାହାର
ନ ହୁଅଇ ପୁଣ।

ଜଣେ ଜୀବନ ଦେଇଛି,
ଜଣେ ଜୀବନରେ ଆପଣା କରିଛି,
ଜଣେ ପୁଅର ଅପେକ୍ଷାରେ ବସିଛି,
ଆଉ ଜଣେ ସ୍ୱାମୀ ହରାଇ
ନିରବତାକୁ ସାଥୀ କରିଛି।

ଦୁହେଁ ମାଆ ହୋଇ
କାହା ପାଖେ ମାଗନ୍ତି ନାହିଁ କିଛି,
କେବଳ ଟିକେ ସ୍ନେହ ଖୋଜନ୍ତି,
ଟିକେ ଆପଣାପଣ ଖୋଜନ୍ତି,
ଆଉ ଟିକେ କଥା ଶୁଣିବାକୁ
ଚାହାନ୍ତି।

ହାଣ୍ଡିଶାଳର ଧୂଆଁ ଭିତରେ
କେତେ ମାଆର ଲୁହ ମିଶିଯାଏ,
ଘରର କୋଳାହଳ ଭିତରେ
କେତେ ନୀରବ ମନ
ଏକୁଟିଆ ହୋଇଯାଏ।

ସଂସାର ତ କହେ
ବୋହୂର କର୍ତ୍ତବ୍ୟ ଘର ସମ୍ଭାଳିବା,
ହେଲେ କିଏ କହେ
ମାଆର ମନ ସମ୍ଭାଳିବା ବି
ତା'ର ଗୋଟେ କର୍ତ୍ତବ୍ୟ ?
ଶାଶୁ ବୋଲି ଜଣେ ମାଆର
ମମତା କ'ଣ ପର ହୋଇଯାଏ ?
ବିଧବା ବୋଲି ଜଣେ ନାରୀର
ଏକୁଟିଆପଣ କ'ଣ କମିଯାଏ ?

କର୍ତ୍ତବ୍ୟର ଏଇ ଦୁଇ ପଥ ମଝିରେ
ଆଜି ମୁଁ କାହାର ଝିଅ ହୋଇ ଠିଆ
ହୋଇଛି ତ ଆଉ କାହାର ବୋହୂ,
ନା ମା'ର ମମତାକୁ ଛାଡ଼ିପାରୁଛି
ନା ଶାଶୁଙ୍କ ନୀରବ ଲୁହକୁ
ପୋଛିପାରୁଛି।

ବୋଧହୁଏ ବୋହୂ ହେବାର ଅର୍ଥ
କେବଳ ଗୋଟେ ଘରକୁ ଆସିବା ନୁହେଁ,
ଦୁଇଟି ମାଆର ମନ ବୁଝି
ସେମାନଙ୍କ ଏକୁଟିଆପଣରେ
ଟିକେ ନିଜର ହୋଇ ରହିବା।

## ଏ ଦେହ ରଥରେ ତୁମେ ସାରଥୀ



ସିନ୍ଧୁ ନନ୍ଦିନୀ
ଭୁବନେଶ୍ୱର

ଏ ଦେହ ରଥରେ ତୁମେ ହିଁ ସାରଥୀ
ସବୁ ତ ତୁମରି ଦାନ
ଜୀବନ ଟା ସାରା ବିତି ଯାଉ ପରା
କରି ପ୍ରଭୁ ନାମ ଗାନ

ଅଙ୍ଗ ପ୍ରତ୍ୟଙ୍ଗ ରେ ଭରିଛ ଜୀବନ
ଏ ଜୀବନ ତୁମ ଦାନ
ସତ୍ୟକୁ ପାଥେୟ କରିଣ ଚାଲିଲେ
ଜୀବନ ହୋଇବ ଧନ୍ୟ

ଅଜ୍ଞାତରେ ପ୍ରଭୁ ଢ଼ାଳି ଦେଇ ଅଛ
ଧାରା ଆଶିଷ ଅଶେଷ
ତୁମରି ଦୟାରେ ଜଗତେ ସଭିଏଁ
ଅଛନ୍ତି ଯେ ସୁରକ୍ଷିତ

ବିପଦ ସମ୍ପଦ ସବୁ ତୁମ ଦାନ
ସହିବାକୁ ଦିଅ ଶକ୍ତି
ତୁମରି ସୃଷ୍ଟି କୁ ଦେଖିବାକୁ ପ୍ରଭୁ
ନୟନେ ଦେଇଛ ଦୃଷ୍ଟି

ଅତି ଦୁର୍ଲଭ ଏ ମାନବ ଜନମ
ଇଶ୍ୱରଙ୍କ ଦିବ୍ୟ ଦାନ
ସତ୍ୟ ଧର୍ମ ଶାନ୍ତି ପଥରେ ଚାଲିବା
ଇର୍ଷା କୁ ନ ଦେବା ସ୍ଥାନ

ମାନବ ଜୀବନ ଲଭଇ ସାର୍ଥକ
ପର ପାଇଁ ଦେଲେ ପ୍ରାଣ
ମାନବ ସେବା ହିଁ ମାଧବ ସେବା
ଅଟଇ ଅମୃତ ଦାନ

କ୍ଷୁଦ୍ର ଏ ଜୀବନେ ତୁମେ ତ ସାହାରା
ଆନ କିଛି ଲୋଡ଼ା ନାହିଁ
ବାକି ଦିନ ଗୁଡା ବିତି ଯାଉ ପ୍ରଭୁ
ତୁମ ନାମ ନେଇ ଗାଇ।

## ମା ଆସୁଛନ୍ତି ଧରାକୁ



ବରଷା ଯାଉଛି ସରି ସରି
ଫୁଲେ ଫୁଲେ ହସ ଭରି ଭରି
ଧରଣୀ ରାଣୀ ସଜେଇଣ ନିଜକୁ
ଚାଲିଛି ପ୍ରତୀକ୍ଷା କରି କରି।
ତରାଟ, ଟଗର ଠରା ଠରି
ମନ୍ଦାରକୁ ଆଖି ମାରି ମାରି
ଡାକନ୍ତି ଶୋଭା ପସରା
ଖୋଲିବାକୁ
ଶରତର ହାଟେ ଥିରି ଥିରି।
ଧଳା ଚାମର କୁ ଧରି ଧରି
ବର୍ଷା, ଖରା ପଛ କରି କରି
କାଶତଣ୍ଡୀ ନଦୀ ପଠାରେ ଚାହିଁଛି
ମା' ଙ୍କ ଦରଶନେ ଯିବ ତରି ।
ତୋଫା ଜହ୍ନ ହସେ କିରି କିରି
ଡାକୁଛି ମାଆଙ୍କୁ ଠାରି ଠାରି
ଦୁର୍ଗତିନାଶିନୀଙ୍କ ଦେହ ପଖାଳି
ମନ ଆଶା ଯିବ ପୁରି ପୁରି।
ସାଜ ସଜ୍ଜା ଯାଏ ଭରି ଭରି
ପ୍ରଶଂସା କରନ୍ତି ଭୂରି ଭୂରି
ସବୁରି ମନକଥା ମା' ବୁଝିବେ
ଦୁଃଖରୁ ଯିବେ ସେ ତରି ତରି।
ଯନ୍ତ୍ରଣାରେ ସର୍ବେ ସରି ସରି
କରୁଣା ବାରି କୁ ଆଶ୍ରା କରି
ମା' ସିଂହବାହିନୀ ତୁମକୁ ଡ଼ାକୁଛୁ
ଶାନ୍ତି ଧ୍ୱଜା ଉଡୁ ନାମ ଧରି।
ମନେ ଭକ୍ତି ଭାବ ଧରି ଧରି
ବାଲୁତ ବୋଲି ମନୁ ପାଶୋରି
ଭଲ ମଣିଷଟେ କରିଦିଅ ମାତ
ଏତିକି ପରା କରୁ ଗୁହାରୀ।

ସୁଧାକର ରାଉତ
ପ୍ରତାପ ନଗରୀ, କଟକ

## ତୁମ ଇତିହାସ ଜାଣିଥିଲି ବୋଲି

ତାରାପ୍ରସାଦ ଜେନା

ତୁମ ଇତିହାସ ଜାଣିଥିଲି ବୋଲି
କା'ଆଗେ କହିନି କିଛି
ସ୍ମୃତିର ଲଫାପା ଖୋଲି ପଢୁଥିଲି,
ଅନେକ କଥାକୁ ବାଛି
ତୁମ ଇତିହାସ ଜାଣିଥିଲି ବୋଲି।

ସମ୍ପର୍କ ସମ୍ପଦ ପୂର୍ଣ୍ଣ ବିଶ୍ୱାସକୁ
କରିଛ ସତେକି ଆଡ଼
ଗହଳି ସହରେ ବିଜ୍ଞାପନେ ଆଉ
ଦେଖାଇ ହେଉନି ବଡ଼,
ନିଜର ପ୍ରଶ୍ନର ଉତ୍ତର ପାଉନି,
ଜୀଇକି ଯାହା ମୁଁ ଅଛି
ତୁମ ଇତିହାସ ଜାଣିଥିଲି ବୋଲି।

ଫୁଲେଇ ଜହ୍ନଟା ବଉଦ ଉହାଡ଼େ
ବନେଇ ଦେଉଚି ଦୁଃଖୀ
ସାଉଁଟା ସପନ ଚମକ ଆଣୁନି
ରାତିରେ ଏମିତି ଆଖି
ଆଚ୍ଛାର ମଣିଷ ଅଲୋଡ଼ା ଅଧୁନା,
ରହିଛି ଲୁହ ମୁଁ ପୋଛି
ତୁମ ଇତିହାସ ଜାଣିଥିଲି ବୋଲି।

ପ୍ରେମର ସଂଜ୍ଞାରେ ଅଭାବ ଏମିତି,
ଛାଡ଼ିଛି ଦରଦ ଛାପ
ଜୀବନ ପୁଣ୍ୟର ସାହାନାଇ ମୋର,
ଲାଗୁଛି ବିଷାଦ ପାପ
ବାସିର ଫୁଲକୁ ଝରକା ସେପଟେ
ଦେଉଚି ସିନା ମୁଁ ବିଛି
ତୁମ ଇତିହାସ ଜାଣିଥିଲି ବୋଲି ।

ରଣପୁର, ଜିଲ୍ଲା - ନୟାଗଡ଼,
ଦୂରଭାଷ- ୯୩୪୮୦୫୪୩୦୦

## ପାର୍ବଣ ଆସିଛି ବୋଲି...

ନଈପଠା ଧାରେ ଶୁଭ୍ର କାଶତଣ୍ଡୀ
ହସୁଅଛି ଖିଲି ଖିଲି
ଆକାଶ ବୁକୁରେ ଶୁଭ୍ର ମେଘମାଳା
ଖେଳୁଅଛି ଲୁଚକାଳି
ପାର୍ବଣ ଆସିଛି ବୋଲି
ସବୁଜ ସମ୍ଭାରେ ବସୁଧା ହସୁଛି
ପବନରେ ଝୁଲି ଝୁଲି।
ଗଂଗଶିଉଳିର ମଧୁର ବାସନା
ନିଶିରେ ଆସୁଛି ଭାସି
ଅପରାଜିତାର ଅପରୂପା କାନ୍ତି
ପରାଣେ ଭରିଛି ଖୁସି
ରୂପେଲି ଜୋଛନା ବିଂଚି
ନୀଳ ଗଗନରେ ଚନ୍ଦ୍ରମା ହସୁଛି
ପ୍ରୀତି ସୌଦାଗର ସାଜି।
ଗାଆଁଠୁ ସହର ସର୍ବତ୍ର ଦିଶୁଛି
ପରିବେଶ ମନଲୋଭା
ଗୋଧୂଳି ନଇଁଲେ ଅପୂର୍ବ ଲାଗୁଛି
ପଶ୍ଚିମେ ସୁନେଲି ଆଭା
କୁମୁଦ କମଳ ଭରି
ଗାଆଁ ପୁଷ୍କରିଣୀ ମୁରୁକି ହସୁଛି
ଶୋଭାର ପସରା ଧରି।
ଘରର ସମସ୍ତ ଆସବାବ ପତ୍ର
ହେଉଅଛି ଧୁଆଧୋଇ
ନୂଆ ପରିଧାନ କିଣୁଛନ୍ତି ଜନେ
ବଜାରରେ ସାଥୀ ହୋଇ
ତୋରଣ ହେଉଛି ସଜା
ସହର ବଜାର ଦିଶୁଛି ଗହଳି
ହେବ ଶାରଦୀୟ ପୂଜା।

-ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
୭୩୫୫୬୭୩୪୩୪୬

## ସତ୍ ସାହିତ୍ୟ

ଏଥର 'ସତ୍ ସାହିତ୍ୟ' କ୍ରମରେ
ସ୍ୱକୀୟ ସୃଜନ ଉତ୍କର୍ଷ ଓ ଆଧ୍ୟାତ୍ମିକତା
ପାଇଁ ସୁଖ୍ୟାତ ସାରସ୍ୱତ ବ୍ୟକ୍ତିତ୍ୱ
ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ
'ଭକ୍ତିର ଶକ୍ତି' ବିଷୟକ ସଂକ୍ଷିପ୍ତ
ଅଥଚ ସାଗରର୍ଭକ ଉପସ୍ଥାପନା!!



### ଭକ୍ତିର ଶକ୍ତି

ଯୋଗୀର ତପସ୍ୟା ଠାରୁ ପ୍ରେମ ପୂର୍ଣ୍ଣ ଭକ୍ତି ଅଧିକ ଶକ୍ତିଶାଳୀ।

ଡକ୍ଟର ପ୍ରଦୀପ କୁମାର ଚୌଧୁରୀ
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯

## ମିଠାପଣ

ଧାଡ଼ିଏ ଗପ

ଦେହ ଭଲ ନ ରହିବା କାରଣରୁ
ମିଠାପ୍ରିୟ ମଣିଷ ଜଣକ
ଅଗତ୍ୟା ସମ୍ପୂର୍ଣ୍ଣ ଭାବେ ମିଠାରୁ
ଦୂରେଇ ରହି ସଭିଙ୍କୁ କେବଳ
ମିଠା ମିଠା କଥା ମାନ କହି
ସେମାନଙ୍କ ମନରେ ମିଠାପଣ
ଭରିବାରେ ଲାଗି ପଡ଼ିବା
ପରଠୁ ତାଙ୍କ ଦେହ ସହ ମନ
ବି ଛାଏଁ ଭଲ ହୋଇ ଯାଇଥିବା
ଅନୁଭବିବା ଆରମ୍ଭ କଲେଣି !



● ସତ୍ୟନାରାୟଣ
ଗନ୍ତାୟତ
'ସୁହାସିତମ୍', କସ୍ତୁରୀ ନଗର,
ରାୟଗଡ଼ା : ୭୬୫୦୦୧

## ଆଶ୍ୱିନର ପାଦ ଚିହ୍ନ



ଭୋଦୁଅଁ ଯାଇଛି
ଏବେ ଓଦା ସରସର
ମାଟିର ଅଳସ ଦେହରେ
ଦିଶେ ଆଶ୍ୱିନର ପାଦ ଚିହ୍ନ ,

ଘାସର ଗାଲିଚାରେ ସତରଙ୍ଗୀ
କାକର ଟୋପାର ଚମକ
ନଦୀ ପଠାରେ ଖୁବ୍ ମନୋରମ
କାଶତଣ୍ଡୀର ମତୁଆଲା ହସ,

ରୁପାଚାନ୍ଦିନୀର ଭ୍ରମ ସୃଷ୍ଟିକରି
ରୂପ ତା ଝଲ୍ ସୁ ଥାଏ
କେଉଁ ଯାଦୁ ଅବା ଜାଣିଛି
ଦେଖି କବି ଆନମନା ହୁଏ ,

ସବୁବର୍ଷ ପରି କାଶତଣ୍ଡୀ
ଶାରଦ ଜ୍ୟୋସ୍ନାରେ ଭିଜି
ମାଆଙ୍କ ଆଗମନର ସଂକେତ
ନେଇ ଚାଲିଆସେ ଧରାପୃଷ୍ଠକୁ,

ଚାରିଆଡେ ପାର୍ବଣର ମାହୋଲ
ଆସୁଛନ୍ତି ମା ଦଶଭୁଜା
ପୁଣି ପୂଜାମଣ୍ଡପ ମାନଙ୍କରେ
ଚାଲିବ ମହାମାୟୀ ଙ୍କର ପୂଜା,

ରାତିର କୋଳରେ ଗଙ୍ଗଶିଉଳି
ମହ ମହ ହୋଇ ବାସେ
କୁଆଁରୀ ମନର କୁମାର ପୂର୍ଣ୍ଣିମା
ଜୋଛନାରେ ଜହ୍ନ ହସେ ....

ରୋଜାଲିନ ବେହେରା
କେନ୍ଦ୍ରାପଡ଼ା

## ଆଖି ଖୋଲିଗଲା ପରେ



ରାତ୍ରିର ଘନ ଅନ୍ଧକାର କୋଳରେ
ଆଖି ବନ୍ଦ କରି ଶୋଇଗଲାପରେ,
ସ୍ୱପ୍ନ ସବୁ ଉଙ୍କିମାରେ ହୃଦ ବେଳାଭୂମିକୂଳେ,
ଚାଲିଆସେ ଫେନିଳ ଲହରୀ ରୂପରେ
କଳ୍ପନାର ଶୂନ୍ୟ ସୀମାନ୍ତ ଦେଶରେ
ସ୍ୱପ୍ନ ସବୁ ଲୀନହୁଏ କ୍ଷୁର୍ଣ୍ଣ ହୁଏ
ଆଖି ଖୋଲିଗଲା ପରେ ।

କେବେ ସେ ଜୁଆର କେବେ ପୁଣି ସ୍ଥିର
କେବେ ସୁନାମୀର ଝଡ,
କେବେ ମେଘମାଳା ସୁନୀଳ ଆକାଶେ
କେବେ ସେ ବାଲିର ନୀଡ,
ଚୋରାବାଲି ପରେ ସ୍ମୃତି ଯେତେସବୁ
କଡ ଲେଉଟାନ୍ତି କ୍ଷଣେ,
ସ୍ୱପ୍ନ ସବୁ ପୁଣି ବାଟବଣା ହୁଏ
ଆଖି ଖୋଲିଗଲା ପରେ।

ପ୍ରଶାନ୍ତ କୁମାର ନାୟକ
ଭୁବନେଶ୍ୱର

## ଟିକେ ହେଲେ ଅଣୁ ଗଳ୍ପ



**ଏକ** ପିଲାଟିର ପାଟି ଶୁଣି ଅଧ ରାତିରେ ସାହି ପଡିଶା ଲୋକେ ଉଠିପଡି ଦୌଡିବାରେ ଲାଗିଛନ୍ତି। ଦେଖୁ ଦେଖୁ ଧିରେ ଧିରେ ଜନ ଗହଳି ବଢିଲା। କିଏ ଠେଙ୍ଗା, ବାଡି, କାତି କିଏ କୁରାଢ଼ି, କଟୁରି ଧରି ଧରଧର, ମାରମାର, ଚୋର ଚୋର କହି ପାଟି କରିଥାନ୍ତି। ମଦନ ବାବୁ ପାଟି ଶୁଣି ଉଠିପଡି ଏପଟ ସେପଟ ଦୌଡିବାରେ ଲାଗିଲେ। ଇତସ୍ତତଃ ହୋଇ ଟିକିଏ ବିଶ୍ରାମ ନିଅନ୍ତେ ଦେଖିଲେ ଅନ୍ଧାରୁଆ ଛାତ କୋଣରେ ତାଙ୍କ ପୁଅ ବସି ମୋବାଇଲରେ ପବଜି ଗେମ୍ ଖେଳିବାରେ ବ୍ୟସ୍ତ ଅଛି।...

**ଦୁଇ** ଦିନେ ଟ୍ରେନରେ ଗଲାବେଳେ ବିଦେଶୀ ଲୋକଟି କହୁଥିଲା। ତମେମାନେ ଗଛ ଗୁଡିକୁ ପୂଜା ପାଠ କାହିଁ କର ଯେ ! ବରଂ ଗରିବଟିଏକୁ କିଛି ଦାନ ଦେଲେ ସେ ଉପକୃତ ହୁଅନ୍ତା। ପାଖ ଯାତ୍ରୀ ଜଣଙ୍କ କହିଲେ ହଁ ଏହା ଠିକ ଯେ କିନ୍ତୁ ଗଛ ସମସ୍ତଙ୍କ ଜୀବନ। ଗଛ ନ ଥିଲେ ଜୀବନ ବଞ୍ଚିବା ଅସମ୍ଭବ। ଗଛ ପରା ଆମକୁ ବଞ୍ଚାଏ। ଆମେ ନିଶ୍ୱାସ ନେଉ ପ୍ରଶ୍ୱାସରେ ଅଙ୍ଗାରକାମ୍ଳ ଛାଡୁ ତାକୁ ଗଛ ଗ୍ରହଣ କରେ। ସେ ଆମକୁ ଅମ୍ଳଜାନ ଦିଏ। ପୃଥିବୀ ସୁସ୍ଥ ରୁହେ। ବର୍ଷା ହୁଏ। ଜଗତ ବଞ୍ଚେ। ସୂର୍ଯ୍ୟ, ଚନ୍ଦ୍ର,ମାଟି, ଆକାଶ, ଅଗ୍ନି ପବନ ପାଣି ଓ ଗଛ କୁ ସୃଷ୍ଟି ରୁ ପୂଜା କରି ଆସୁଛୁ। ଏମାନଙ୍କ ଅବଦାନ ଅବର୍ଣ୍ଣନୀୟ। ତେଣୁ ଆମେ ସମସ୍ତେ ଗଛକୁ ପୂଜା କରୁ। ପ୍ରକୃତି ପୂଜା ଆମ ଧର୍ମ। ଆମ ଓଡ଼ିଆ ଠାକୁର ଜଗତର ନାଥ ଜଗନ୍ନାଥ ବି ଦିବ୍ୟ ଦାରୁବ୍ରହ୍ମ। ଦାରୁ ଅର୍ଥ ଗଛ। ପରେ ବିଦେଶୀ ଲୋକଟିର ଭାବନାରେ ପରିବର୍ତ୍ତନ ଆସିଲା। ଲୋକଟି କହିଲା ପ୍ରକୃତରେ ଭାରତୀୟଙ୍କ ଭାବନା ପୂଜାପାଠ, ପାର୍ବଣ, ସଂସ୍କୃତି ମୋତେ ଆକର୍ଷିତ କରେ।

**ତିନି** ଗୋଟିଏ ଧନୀ ଲୋକର ଘରେ କଳାକନା ବୁଲାଇବା ପାଇଁ ଚୋର ଚାରିଜଣ ସେଇ ଧନବାନ ବ୍ୟକ୍ତିଙ୍କ ଘରେ ପଶିଲେ। ସମସ୍ତେ ନିଘୋଡ ନିଦରେ ଶୋଇଥିବାବେଳେ ଚୋରମାନେ ଦାମୀ ଆସବାବପତ୍ର ସହ ଟଙ୍କା, ସୁନା, ରୂପା ଓ ଦାମୀ ଶାଢୀ ଚୋରି କରି ଖସିଯିବା ବେଳେ ଜଣେ ଚୋର ଅନ୍ଧାର ଘର ଭିତରେ ଏସଟ ସେପଟ ହୋଇ କଣ ସବୁ ଖୋଜିବାରେ ଲାଗିଛି। ଖସଖାସ ଶବ୍ଦ ଶୁଣି ଘର ମାଲିକ ଜଣକ ଉଠିପଡି ପାଟିକଲେ। ପାଟି ଶୁଣି ଘର ଭିତରେ ଥିବା ଚୋର ଜଣକୁ ଛାଡି ଅନ୍ୟ ଚୋରମାନେ ଚମ୍ପଟ ମାରିଲେ। ମାଲିକ ଜଣକ ଦୌଡିଯାଇ ଆଲୁଅ ଜଳେଇବା ପରେ ଦେଖିଲେ ଚୋର ଜଣକ ଘର ଭିତରେ ଉରୁଣ୍ଡି କଣ ସବୁ ଖୋଜୁଛି। ମାଲିକ ସଙ୍ଗେ ସଙ୍ଗେ ଚୋର କୁ ଧରି ପୋଲିସରେ କୁ ଦେବା ପରେ ପୋଲିସବାବୁ ଚୋର କୁ ସବୁ କଥା ପଚାରିଲେ। ଶେଷରେ ପୋଲିସ ବାବୁ ପଚାରିଲେ,ଘରେ ଉରୁଣ୍ଡି କଣ ଖୋଜୁଥିଲୁ ? ପ୍ରଶ୍ନ ର ଉତ୍ତର ରେ ଚୋର ଜଣକ କହିଲା... ମୁଁ ଚୋରିକରି ଆସୁଥିଲି ଘରର ଏରୁଣ୍ଡିବନ୍ଧ ରେ ମୋ ଗୋଡ ବାଜି ଡାହାଣ ଗୋଡ ମଝି ଆଙ୍ଗୁଠିର ନଖ ଉଡିଗଲା। ଘରେ ଗୋଡର ନଖ ପଡିଥିବ ବୋଲି ମୁଁ ଖୋଜୁଥିଲି। କାରଣ ମୁଁ ଶାସ୍ତ୍ର ରେ ପଡିଛି ଯେଉଁ ଘରେ ଗୋଡର ନଖ ପଡିଲେ ସେ ଘର ଦରିଦ୍ର ହୋଇଯାଏ। ଧନୀ ମାଲିକ ଓ ପୋଲିସ ଜଳକା ହୋଇ ଚୋରକୁ ଅନଉଥିଲେ।

-ନିରଞ୍ଜନ

## ଶତ ପ୍ରଣାମ ମାଁ'



କାଶତଣ୍ଡି ସୂଚାଇ ଦିଏ
ସର୍ବ ବିଦ୍ୟମାନ
ମାଁ ଦୁର୍ଗା ର ଧରାବତରଣ ।
ସମୟ ଯେତେ ପରିବର୍ତ୍ତନକୁ
ଆପଣେଇଲେ ହେଁ
ମାଁ ସେ ଭିତରେ ସଦା
ସର୍ବଦା ଅତୀତ, ବର୍ତ୍ତମାନ
ଓ ଭବିଷ୍ୟତର ପ୍ରତୀକାତ୍ମକ
ସମାହାର ରୂପେ ବିଦ୍ୟମାନ।
ବିପଦ ସମୟରେ ତାକୁ ସୁମରଣା
ଯେତେବେଳେ ଦେବତା କରନ୍ତି,
ମଣିଷ ଏଥିରୁ ବାଦ୍ ପଡିବ କେମିତି
ପବିତ୍ର ମହାଳୟା ରୁ ଦଶହରା
ପୂର୍ଣ୍ଣିମା ପର୍ଯ୍ୟନ୍ତ ଦେବୀ ପକ୍ଷ
ସମୟ ରେ ଅତ୍ର, ତତ୍ର, ସର୍ବତ୍ର
ମାତୃଶକ୍ତି ର ପୂଜୋନୋତ୍ସବ।
ସେଥିପାଇଁ ସଂସାର ର ସର୍ବ ସନ୍ତାପ
ପ୍ରଶମନ ପାଇଁ ସମସ୍ତେ ସେ
ମାଁ ଦୁର୍ଗା ର ଶରଣାପନ୍ନ ହେବା
ଶତ ପ୍ରଣାମ ମାଁ ତୋର
ଆଗମନୀ ଓ ଧରାବତରଣକୁ।
'ଯା ଦେବୀ ସର୍ବ ଭୁତେଷୁ
ମାତୃ ରୂପେଣ ସଂସ୍ଥିତା
ନମସ୍ତସେ ନମସ୍ତସେ
ନମସ୍ତସେ ନମୋ ନମଃ।'

ଡ. ମାହେଶ୍ୱରୀ
ପ୍ରସାଦ ପାଣିଗ୍ରାହୀ,
ସମ୍ବଲପୁର

## ହଜିଗଲା ସେହି ସ୍କୁଲ ବେଳଋ



ଖାଲି ଖାଲି ଲାଗେ ସ୍କୁଲ ବାରଣ୍ଡା,
ନିରବେ ଶୋଇଛି ଖେଳ ପଡ଼ିଆଟା।
କାହିଁ ଗଲା ସେଇ ପିଲାଦିନ ଖେଳ,
ହଜିଗଲା ଆମ ସାଙ୍ଗସାଥି ମେଳ...
ହଜିଗଲା ସେଇ ସୁନେଲି ବେଳ ?
ଖାଇବା ଘଣ୍ଟି ବାଜିଲେ ଧାଉଁଥିଲେ,
ଧୂଳି ମାଟି ସାଥେ ଦୁଃଖ ଭୁଲୁଥିଲେ।
ସେ ବୋହୁଚୋରି ଲୁଚକାଳି ଖେଳ,
ପଡ଼ି ଉଠି ହସିବାର ଥିଲାସେ ବେଳ।
ଆଜି ଖୋଜେ ସେହି ଧୂଳିର ସ୍ପର୍ଶ,
ମନ ଖାଲି ଝୁରେ ପିଲାଦିନ ହର୍ଷ ?
କାଗଜ ଡଙ୍ଗା ଭାସିଗଲା ନଈରେ,
ଆମେ ସବୁ ବନ୍ଦୀ କାମର ବହିରେ।
କିଏ କେଉଁଠି ଗଲେ ନିଜ ବାଟ ଚାଲି,
ପଡ଼ିଆରେ ପଡ଼ିରହିଲା ସ୍ମୃତିର ବାଲି।
ଫେରନ୍ତା କି ସେଇ ମଧୁର ସମୟ,
ଭାରୀ ଲାଗେ ଆଜି ବୟସର ଭୟ ?
ଜୟ ଶମ୍ଭୁ

-ତନୁଜ କୁମାର ମଲଣା

## ପ୍ରେମ

ଗୋଟେ ନିରୀହ ଫୁଲକୁ
ଦୁଇ ପାପୁଲିରେ ଛନ୍ଦି
ଈଶ୍ୱରଙ୍କ ଚରଣ ତଳେ ସମର୍ପି
ଦେବାରେ
ଯେଉଁ ଆନନ୍ଦ
ତାହା ତମେ କେମିତି ଜାଣିବ ?

ରାତି ଘଡ଼ିଏ ବେଳକୁ
ଡାଏରୀର ଏକୋଇଶି ପୃଷ୍ଠାରେ
ଲେଖାଥିବା
''ମାନସୀ'' କବିତା ପଢ଼ି
ମୁରୁକି ମୁରୁକି ହସି
ଆଖିରୁ ଦି'ବୁନ୍ଦା ଲୁହ ଝରେଇ
ଦେବାର ଅନୁଭୂତି
ତମେ କଣ କେବେ ଆଦରି
ପାରିବ ?

ନିଜର ଇପ୍ସିତ ଇଚ୍ଛା ସବୁକୁ
ସମ୍ପର୍କର ଦ୍ୱାହି ଦେଇ
ଆକାଶର ଜହ୍ନକୁ ହାତ ବଢେଇବା
ପାଗଳାମି ନୁହେଁ ତ ଆଉ କ'ଣ ?

ଜାଣେ,
ସାହିତ୍ୟକୁ ଭଲ ପାଇବା ପରେ ବି
ସେଇ ଗୋଟେ ଅତୀତ ପାଇଁ
ନିଜକୁ ଇତିହାସରେ ହଜେଇ
ଦେବା
ଏତେ ବି ସହଜ ନଥିଲା,

ଏତେ ବି ସହଜ ନଥିଲା
ଆଉ କା'ସ୍ୱପ୍ନ ପାଇଁ ନିଜେ ଧାଁ
ଦୌଡ଼ କରି
ଲହୁ ଲୁହାଣ ଅବସ୍ଥାରେ
ପୁଣିଥରେ ନିରାଶ ହେଇ
ଫେରିଯିବା
ନିଜର ଆଦ୍ୟ ଠିକଣାକୁ..... !

ତମେ ଜାଣିଥିଲେ, ବୁଝିଥିଲେ
ହୁଏତ ବୁଝି ହେଇଥାଆନ୍ତା
ଅଧାଗଢ଼ା ଜୀବନକୁ ବାଜି ଲଗେଇ
ଆଉ କା' କଥାରେ ପଡ଼ି ନିଆଁ
ଭିତରକୁ ଡେଇଁଯିବା
ତ୍ୟାଗ ନୁହେଁ,
ବରଂ ଗୋଟେ ଜଘନ୍ୟ ପାଗଳାମିର
ହରକତ..... !

- ଦିନେଶ ମେହେର
କୁନାଗଡ଼, କଳାହାଣ୍ଡି

## ଏ କୂଳ ହେବି ନା ସେ କୂଳ ହେବି

ଭାବୁଛି ଲେଖିବି ପୁଣି ଲେଖିବିନି
ମଝି ନଈରେ ମୋ ଡ଼ଙ୍ଗା
ଏ କୂଳ ଯିବି ନା ସେ କୂଳକୁ ଯିବି
ଡ଼ଙ୍ଗା ତ ସହଜେ ଭଙ୍ଗା ।

ଭାବୁଛି ଲେଖିଲେ ସୁନାମ ଅର୍ଜିବି
ସାଉଁଟି ଆଣିବି ଯଶ
ସାହିତ୍ୟ ଜଗତେ ପରିଚିତ ହେବି
ମୁଖରେ ଫୁଟିବ ହସ
ମାତୃଭାଷା ସେବା କରି ବୁହାଇବି
ମୁହିଁ ସାରସ୍ୱତ ଗଙ୍ଗା ।
ପୁଣି ମୁଁ ଭାବୁଛି କାହିଁକି ଲେଖିବି
ଅର୍ଜନ କରିବି ଟଙ୍କା
ଟଙ୍କା ପାଶେ ଥିଲେ ସବୁକିଛି ଅଛି
ନ ଥିଲେଟି ମୁହଁ ବଙ୍କା
ବହିପତ୍ର, ଖାତା, କଲମ ଇତ୍ୟାଦି
ଗୁଞ୍ଜିଦେବି ନେଇ ସଙ୍ଗା।
ଲେଖିବି ଅଥବା ନ ଲେଖିବି ମୁହିଁ
ଏହି ଦୋଛକିରେ ଏବେ
କିଛି ନିଷ୍ପତି ମୁଁ ନେଇ ପାରୁନାହିଁ
କଅଣ କରିବି ତେବେ
ଲେଖା ଛାଡ଼ିଦେଲେ ଅନେକ କହିବେ
' ଲେଖିବାକୁ ତାକୁ ମଙ୍ଗା ।'
ନ ଲେଖିଲେ ପୁଣି ମନ କଷ୍ଟ ହେବ
ତାକୁ ପାରିବିନି ସହି
ଟଙ୍କା ନ ଅର୍ଜିଲେ ହାତ ପତାଇବି
କେମିତି ପାରିବି ରହି
ଲେଖା ବି ଦର୍କାର ଟଙ୍କା ବି ଦର୍କାର
ମୁହଁ ପଡ଼ିଯାଏ ରଙ୍ଗା ।
ନିରଞ୍ଜନ ସାହୁ

ନିହଲ ପ୍ରସାଦ ,
ଢେଙ୍କାନାଳ

## ଇଚ୍ଛା

ଲୋଡ଼ା ହୁଏନି
ଧୂପଦୀପ ଫୁଲ ଚନ୍ଦନ
ମନର ବେଦୀରେ
ନିରାଡ଼ମ୍ବର ଅଚଞ୍ଚଳ
ଆୟୋଜନ /
ପ୍ରିୟତମ ଇଚ୍ଛା :
ବିଶ୍ୱସ୍ତ ବନ୍ଧୁ
ବଛା ବହିଟେ ପରି --
ଇଚ୍ଛାର ମୋତିଫୁଲ
ସବୁବେଳେ ଫୁଟନ୍ତି ନାହିଁ
ଇଚ୍ଛା ଗୋଟେ
ବେଗମତୀ ନଈ



ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ
କୋଲନରା, ରାୟଗଡ଼
୮୯୧୭୩୨୪୫୨୫

## ବାଜିରାଉତ



ଆକାଶରେଯେବେ ଘୋଟିଆସେକେବେ
ଅବିବେକୀ କଳାମେଘ,
ମନ ଭିତରର ମୋହ ପ୍ରସ୍ଫୁଟିତ
ମୁକ୍ତିମନ୍ତ୍ର ଅନୁରାଗ।
ଏକାକୀ ଛାତିରେ ଏକତ୍ରୀତ ହୁଏ
ଅସରନ୍ତି ଲୁହ ଦ୍ରୋହ,
ଜୀବନ ପାଲଟେ ଦୀପର ଆହୁତି ଭୁଲି
ଜୟ ପରାଜୟ।
ଅଭାବୀ ସାଜେନି କଣ୍ଟକିତ ପଥ
ଆଲୋକର ଅଭିସାରେ,
ଗୋପନ ସପନ ଭିଜା ପଲ୍ଲବନ ଘନ
ଅନ୍ଧକାର ସ୍ୱରେ।
ବାଳୁତ ବୟସ ଅମାନିଆ ଢେଉ
ବିପ୍ଲବର ତୀବ୍ର ବହ୍ନି,
ମଣିଲା ମାଟିକୁ ମାଆର ପଣତ ହୋଇ
ଯୁଦ୍ଧ ଶଙ୍ଖଧ୍ୱନି।
ଦେଶଭକ୍ତି ପାଶେ ପରାହତ ହେଲା
ମରଣ ଦମନ ଗୁଳି,
ପବନ ଛାତିରୁ ପ୍ରତିଧ୍ୱନିତ ସେ
ପୁଣ୍ୟଝର ପ୍ରେମାଞ୍ଜଳି।

ସୁଜିତ କୁମାର ମିଶ୍ର
କେନ୍ଦୁଝର

ଉପସ୍ଥାପନା
ନିରଞ୍ଜନ ନାୟକ
୯୪୩୭୩୧୭୪୧୭




# ବ୍ରହ୍ମାଣ୍ଡର ଆଦ୍ୟ ସୃଷ୍ଟିକର୍ତ୍ତ୍ରୀ ତଥା ନବଦୁର୍ଗାଙ୍କ ଚତୁର୍ଥ ମହିମାମୟୀ ସ୍ୱରୂପ

ଓଁ ଦେବୀ କୃଷ୍ମାଣ୍ଡାୟୈ ନମଃ। ଶାରଦୀୟ ନବରାତ୍ରିର ପବିତ୍ର ଚତୁର୍ଥ ଦିବସରେ ଆଦିଶକ୍ତି ମା' ଦୁର୍ଗାଙ୍କ ଚତୁର୍ଥ ସ୍ୱରୂପ 'ଦେବୀ କୃଷ୍ମାଣ୍ଡା'ଙ୍କର ଆରାଧନା କରାଯାଏ। ଯେତେବେଳେ ଏହି ସୃଷ୍ଟିର ଅସ୍ତିତ୍ୱ ନଥିଲା, ଚତୁର୍ଦ୍ଦିଗ କେବଳ ଅନ୍ଧକାରରେ ନିମଗ୍ନ ଥିଲା, ସେତେବେଳେ ନିଜର ମୃଦୁ ଓ ମଧୁର ହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବାରୁ ତାଙ୍କୁ 'କୃଷ୍ମାଣ୍ଡା' ବୋଲି କୁହାଯାଏ। ସେ ହେଉଛନ୍ତି ସମଗ୍ର ସୃଷ୍ଟିର ଆଦି ସ୍ୱରୂପା ଓ ଆଦ୍ୟାଶକ୍ତି।

ମା'ଙ୍କର 'କୃଷ୍ମାଣ୍ଡା' ନାମ ପଛରେ ଏକ ଗଭୀର ଆଧ୍ୟାତ୍ମିକ ଅର୍ଥ ଲୁଚି ରହିଛି, ଯାହା ତିନୋଟି ଶବ୍ଦର ସମାହାରରେ ଗଠିତ। 'କୁ' ଅର୍ଥ ସାମାନ୍ୟ କିମ୍ବା ଛୋଟ, 'ଉଷ୍ମା' ଅର୍ଥ ଉତ୍ତାପ, ଶକ୍ତି କିମ୍ବା ଗରମ ଓ 'ଅଣ୍ଡ' ଅର୍ଥ ବ୍ରହ୍ମାଣ୍ଡୀୟ ଡିମ୍ବ କିମ୍ବା ସୃଷ୍ଟି। ଏହିପରି ଭାବରେ, ନିଜର ସାମାନ୍ୟ ଉଷ୍ମତା ଏବଂ ମୃଦୁ ହସ ଦ୍ୱାରା ଯିଏ ଶୂନ୍ୟରୁ ବ୍ରହ୍ମାଣ୍ଡ ସୃଷ୍ଟି କରିଛନ୍ତି, ସେହି ପରମେଶ୍ୱରୀ ହିଁ ଦେବୀ କୃଷ୍ମାଣ୍ଡା। ଓଡ଼ିଆ ପରମ୍ପରା ଓ ସଂସ୍କୃତିରେ 'କୃଷ୍ମାଣ୍ଡ'ର ଆଉ ଏକ ଅର୍ଥ ହେଉଛି କଖାରୁ କିମ୍ବା ପାଣିକଖାରୁ। ପାଣିକଖାରୁ ବଳି ମା'ଙ୍କୁ ସବୁଠାରୁ ପ୍ରିୟ ହୋଇଥିବାରୁ ମଧ ତାଙ୍କୁ କୃଷ୍ମାଣ୍ଡା କୁହାଯାଏ।

ଦେବୀ କୃଷ୍ମାଣ୍ଡାଙ୍କ ରୂପ ଅତ୍ୟନ୍ତ ଦୀପ୍ତିମାନ ଏବଂ ମହିମାମୟ। ମା' ସୂର୍ଯ୍ୟମଣ୍ଡଳର ଅନ୍ତରୀକ୍ଷରେ ବାସ କରନ୍ତି। ସୂର୍ଯ୍ୟ ଲୋକରେ ବାସ କରିବାର କ୍ଷମତା କେବଳ ମା' କୃଷ୍ମାଣ୍ଡାଙ୍କର ହିଁ ରହିଛି। ତାଙ୍କ ଶରୀରର ପ୍ରଭା ଏବଂ କାନ୍ତି ସୂର୍ଯ୍ୟଙ୍କ ଭଳି ହିଁ ପ୍ରଜ୍ୱଳିତ ଓ ଦେଦୀପ୍ୟମାନ। ମା'ଙ୍କର ଏହି ତେଜ ଦ୍ୱାରା ଦଶଦିଗ ଆଲୋକିତ। ସଂସାରର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କ ମଧ୍ୟରେ ଯେଉଁ ତେଜ ଓ ଶକ୍ତି ବିଦ୍ୟମାନ, ତାହା ମା' କୃଷ୍ମାଣ୍ଡାଙ୍କର ହିଁ ପ୍ରତିବିମ୍ବ। ମା' କୃଷ୍ମାଣ୍ଡା ହେଉଛନ୍ତି ଅଷ୍ଟଭୁଜା। ତାଙ୍କର ଆଠଟି ହାତରେ ସେ ବିଭିନ୍ନ ଆୟୁଧ ଓ ଶୁଭ ବସ୍ତୁ, ଯଥା - କମଣ୍ଡଳୁ, ଧନୁ, ବାଣ, କମଳ (ପଦ୍ମଫୁଲ), ଅମୃତ କଳସ, ଚକ୍ର, ଗଦା ଏବଂ ଜପମାଳା (ଯାହା ସମସ୍ତ ପ୍ରକାରର ସିଦ୍ଧି ଓ ନିଧି ପ୍ରଦାନ କରିଥାଏ) ଧାରଣ କରିଥାନ୍ତି। ମା'ଙ୍କର ବାହନ ହେଉଛି ଜଗତର ସବୁଠାରୁ ପରାକ୍ରମୀ ଜୀବ ସିଂହ। ସିଂହ ଉପରେ ବିରାଜମାନ କରି ମା' ନିଜର ଭକ୍ତମାନଙ୍କୁ ଭୟମୁକ୍ତ ଏବଂ ସାହସୀ ହେବାର ପ୍ରେରଣା ଦିଅନ୍ତି ମା'।

ପୁରାଣ ଅନୁସାରେ, ଯେତେବେଳେ ପ୍ରଳୟ କାଳରେ ସମଗ୍ର ବ୍ରହ୍ମାଣ୍ଡ ଧ୍ୱଂସ ହୋଇ ଯାଇଥିଲା, ପ୍ରତିଟି ସ୍ଥାନରେ କେବଳ ଘନ ଅନ୍ଧକାର ଛାଇ ରହିଥିଲା। ନା ଥିଲା ସମୟର ଗତି, ନା ଥିଲା ଜୀବନର ସ୍ପନ୍ଦନ। ସେହି ନିଶବ୍ଦ ଶୂନ୍ୟତା ମଧ୍ୟରେ କେବଳ ଆଦିଶକ୍ତି ପ୍ରକଟ ହେଲେ। ସେ ସେହି ଅନ୍ଧକାରକୁ ଦେଖି ମୃଦୁ ହାସ୍ୟ କଲେ। ମା'ଙ୍କର



**ଦିଲ୍ଲୀପ କୁମାର ସାହୁ**
ବରିଷ୍ଠ ସାମ୍ବାଦିକ, 'ପ୍ରଫୁଲ୍ଲ ଭବନ',
ଡିମ୍ବୋ, କେନ୍ଦୁଝର-୭୫୮୦୧୪

ସେହି ଦିବ୍ୟ 'ମନ୍ଦହାସ' (ଧୀର ହସ) ରୁ ବ୍ରହ୍ମାଣ୍ଡରେ ଶକ୍ତିର ସଞ୍ଚାର ହେଲା ଏବଂ ସୃଷ୍ଟିର ଅଣ୍ଡାକାର ରୂପ ଗଠିତ ହେଲା। ମା'ଙ୍କ ହସରୁ ଜ୍ୟୋତିର ବିଚ୍ଛୁରଣ ହେଲା, ଯାହାଦ୍ୱାରା ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର ଏବଂ ସମଗ୍ର ଗାଲାକ୍ସି ସୃଷ୍ଟି ହେଲେ। ଏହାପରେ ମା' ନିଜ ଶରୀରରୁ ତିନିଜଣ ପ୍ରମୁଖ ଦେବୀଙ୍କୁ ସୃଷ୍ଟି କଲେ। ସେମାନେ ହେଲେ ମହାକାଳୀ, ମହାଲକ୍ଷ୍ମୀ ଏବଂ ମହାସରସ୍ୱତୀ। ସେହି ଦେବୀମାନଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କର ସୃଷ୍ଟି ହେଲା। ଏହିପରି ଭାବରେ ସମଗ୍ର ସଂସାରର ସଂଚାଳନ ମା'ଙ୍କର ଇଚ୍ଛାଶକ୍ତି ଦ୍ୱାରା ହିଁ ସମ୍ଭବ ହୋଇଛି।

ଯୋଗ ସାଧନା ଏବଂ ତନ୍ତ୍ର ଶାସ୍ତ୍ରରେ ନବରାତ୍ରିର ଚତୁର୍ଥ ଦିନର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ସାଧକର ମନ 'ଅନାହତ ଚକ୍ର' ରେ ପ୍ରବେଶ କରେ। ଅନାହତ ଚକ୍ର ଆମ ଶରୀରର ହୃଦୟ ସ୍ଥଳରେ ଅବସ୍ଥିତ। ଏହି ଚକ୍ର ଜାଗ୍ରତ ହେବା ଦ୍ୱାରା ମଣିଷ ମଧ୍ୟରେ ପ୍ରେମ, କରୁଣା, ଦୟା ଏବଂ ସହାନୁଭୂତିର ସୃଷ୍ଟି ହୁଏ। ମା' କୃଷ୍ମାଣ୍ଡାଙ୍କ ଉପାସନା ଦ୍ୱାରା ସାଧକଙ୍କ ମନ ଅତ୍ୟନ୍ତ ପବିତ୍ର ଓ ସ୍ଥିର ହୋଇଯାଏ। ବ୍ରହ୍ମାଣ୍ଡର ସମସ୍ତ ରହସ୍ୟ ସାଧକ ଆଗରେ ଧୀରେ ଧୀରେ ପ୍ରକଟ ହେବାକୁ ଲାଗେ। ଏହି ଦିନ ସାଧକ ଅତ୍ୟନ୍ତ ନିଷ୍ଠା ସହକାରେ ମା'ଙ୍କ ସ୍ୱରୂପକୁ ହୃଦୟରେ ସ୍ଥାପନ କରି ଧ୍ୟାନ କରିବା ଉଚିତ।

ନବରାତ୍ରିର ଚତୁର୍ଥ ଦିନରେ ସକାଳୁ ଶୀଘ୍ର ଉଠି ସ୍ନାନାଦି ନିତ୍ୟକର୍ମ ସାରି ସ୍ୱଚ୍ଛ ବସ୍ତ୍ର ପରିଧାନ କରାଯାଏ। ଏହାପରେ ମା'ଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳିତ କରି କଳସ ପୂଜା ସହିତ ମା' କୃଷ୍ମାଣ୍ଡାଙ୍କର ଆବାହନ କରାଯାଏ। ମା' କୃଷ୍ମାଣ୍ଡାଙ୍କର ସବୁଜ ରଙ୍ଗ ଅତ୍ୟନ୍ତ ପ୍ରିୟ। ଏହି ଦିନ ସବୁଜ ରଙ୍ଗର ବସ୍ତ୍ର ପରିଧାନ କରି ପୂଜା କରିବା ଶୁଭ ବୋଲି ମାନାଯାଏ। ମା'ଙ୍କୁ ମାଲପୁଆ ଭୋଗ ଲଗାଇବା ଅତ୍ୟନ୍ତ ପ୍ରଶସ୍ତ। ଏହା ବ୍ୟତୀତ ପାଣିକଖାରୁରେ ପ୍ରସ୍ତୁତ ପେଠା ବା ମିଠା ମଧ ମା'ଙ୍କୁ ଅର୍ପଣ କରାଯାଏ। ଭୋଗ ଲଗାଇବା ପରେ ଏହାକୁ ବ୍ରାହ୍ମଣ ବା ଗରିବ ଲୋକଙ୍କୁ ଦାନ କଲେ ମା' ପ୍ରସନ୍ନ ହୋଇ ବୁଦ୍ଧି ଓ ଜ୍ଞାନ ପ୍ରଦାନ କରନ୍ତି। ମା'ଙ୍କ କୃପା ଲାଭ ପାଇଁ ପୂଜା ସମୟରେ ନିମ୍ନବର୍ଣ୍ଣିତ ମନ୍ତ୍ର ଜପ କରିବା ଆବଶ୍ୟକ।

ସୁରାସମ୍ପୂର୍ଣ୍ଣକଳଶଂ ରୁଧିରାପ୍ଲୁତମେବ ଚ।
ଦଧାନା ହସ୍ତପଦ୍ମାଭ୍ୟାଂ କୃଷ୍ମାଣ୍ଡା ଶୁଭଦାସ୍ତୁ ମେ?

ଏହାର ଅର୍ଥ ଅମୃତ ଏବଂ ରକ୍ତରେ ପୂର୍ଣ୍ଣ କଳସକୁ ନିଜର ପଦ୍ମ ସଦୃଶ ହାତରେ ଧାରଣ କରିଥିବା ଏବଂ ଶୁଭ ପ୍ରଦାନ କରୁଥିବା ଦେବୀ କୃଷ୍ମାଣ୍ଡା ମୋର ମଙ୍ଗଳ କରନ୍ତୁ।

ମା' କୃଷ୍ମାଣ୍ଡା ହେଉଛନ୍ତି ପରମ ଦୟାଳୁ। ସାମାନ୍ୟ ସେବା ଏବଂ ଭକ୍ତିରେ ସେ ପ୍ରସନ୍ନ ହୋଇଯାନ୍ତି। ଯେଉଁ ଶ୍ରଦ୍ଧାଳୁ ନିଷ୍କାମ ଭାବରେ ମା'ଙ୍କ ଶରଣାଗତ ହୁଅନ୍ତି, ସେମାନଙ୍କ ଜୀବନରେ ଅଦ୍ଭୁତ ପରିବର୍ତ୍ତନ ଦେଖାଦିଏ। ମା' କୃଷ୍ମାଣ୍ଡାଙ୍କୁ ଆରୋଗ୍ୟର ଦେବୀ କୁହାଯାଏ। ତାଙ୍କ କୃପାରୁ ସମସ୍ତ ପ୍ରକାରର ଶାରୀରିକ ବ୍ୟାଧି ଏବଂ ଦୀର୍ଘଦିନର ରୋଗ ଦୂର ହୋଇଯାଏ। ମା'ଙ୍କ ଉପାସନା ଦ୍ୱାରା ମଣିଷର ଆୟୁଷ ବୃଦ୍ଧି ହୁଏ ଏବଂ ସମାଜରେ ତାର ମାନ-ସମ୍ମାନ ତଥା ଯଶ ବ୍ୟାପିଥାଏ। ମା' ସୂର୍ଯ୍ୟ ଲୋକର ଅଧିଷ୍ଠାତ୍ରୀ ହୋଇଥିବାରୁ, ସେ ଭକ୍ତକୁ ତେଜସ୍ୱୀ ବୁଦ୍ଧି ଓ ସଠିକ୍ ନିର୍ଣ୍ଣୟ ନେବାର କ୍ଷମତା ପ୍ରଦାନ କରନ୍ତି। ମନର ସମସ୍ତ ନକାରାତ୍ମକତା ଏବଂ ଭୟ ଦୂର ହୁଏ। ମା'ଙ୍କ ହାତରେ ଥିବା ସିଦ୍ଧିଦାୟୀ ଜପମାଳା ଭକ୍ତର ସଂସାରକୁ ଧନ, ଧାନ୍ୟ ଓ ସୌଭାଗ୍ୟରେ ଭରିଦିଏ।

ମା' କୃଷ୍ମାଣ୍ଡାଙ୍କ ସ୍ୱରୂପ ଆମକୁ ଶିକ୍ଷା ଦିଏ ଯେ ସଂସାରରେ ଯେତେ ବଡ଼ ଅନ୍ଧକାର ବା ସମସ୍ୟା ଥାଉ ନା କାହିଁକି, ଏକ ଛୋଟ ସକାରାତ୍ମକ ପ୍ରୟାସ ଏବଂ ମଧୁର ସ୍ମିତହାସ୍ୟ ଦ୍ୱାରା ସେସବୁକୁ ଦୂର କରାଯାଇପାରେ। ସେ କେବଳ ବ୍ରହ୍ମାଣ୍ଡର ଜନନୀ ନୁହନ୍ତି, ସେ ପ୍ରତିଟି ଜୀବର ହୃଦୟରେ ଉଷ୍ମତା ଏବଂ ପ୍ରାଣ ସଞ୍ଚାର କରୁଥିବା ପରମ ଚେତନା। ଆସନ୍ତୁ, ନବରାତ୍ରିର ଏହି ପବିତ୍ର ଅବସରରେ ଆମେ ଆମର ଅହଂକାର, କ୍ରୋଧ ଏବଂ କୁତ୍ସିତ ବିଚାରକୁ ମା'ଙ୍କ ଚରଣରେ ସମର୍ପଣ କରିବା। ମା' କୃଷ୍ମାଣ୍ଡା ଆମ ସମସ୍ତଙ୍କ ହୃଦୟକୁ ଆଲୋକିତ କରନ୍ତୁ, ଜୀବନରୁ ଅଜ୍ଞାନତାର ଅନ୍ଧକାର ଦୂର କରନ୍ତୁ ଏବଂ ସମଗ୍ର ବିଶ୍ୱକୁ ଶାନ୍ତି ତଥା ସମୃଦ୍ଧି ପ୍ରଦାନ କରନ୍ତୁ।

ଯା ଦେବୀ ସର୍ବଭୂତେଷୁ ମା'
କୃଷ୍ମାଣ୍ଡା ରୂପେଣ ସଂସ୍ଥିତା।
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋ ନମଃ ?

# ପଦ୍ମାବତୀ ଦଶହରା: ସାମାଜିକ ସଦଭାବନା, ଶୃଙ୍ଖଳା ଓ ମାନବତାର ତ୍ରିବେଣୀ ସଙ୍ଗମ

ସୃଷ୍ଟିର ଆଦିଲଗ୍ନରୁ ନଦୀ କୂଳରେ ଗଢ଼ିଉଠିଛି ମାନବ ସଭ୍ୟତା ଏବଂ ସଂସ୍କୃତିର ଅନନ୍ୟ ଅଧ୍ୟାୟ। ମା' ମହାନଦୀର କୂଳବର୍ତ୍ତୀ କୋଳରେ ଅବସ୍ଥିତ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅମଳିନ ମାଟିରେ ବିରାଜମାନ ପଦ୍ମାବତୀ ଗ୍ରାମ। ମହାନଦୀ କୂଳର ଏ ଗାଁର ମାଟି ଆଧ୍ୟାତ୍ମିକ ଚେତନାର ଦିଗ୍‌ଦର୍ଶନ ରେ ଭରପୁର। ଏହି ଗ୍ରାମର ମାଟିରେ ଯେପରି ଏକ ନିଆରା ବାସ୍ନା ଏବଂ ସ୍ନିଗ୍ଧ ମାନ୍ୟତା ରହିଛି। ଶାରଦୀୟ ମହାସମାରୋହରେ ଯେତେବେଳେ ଧରାପୃଷ୍ଠକୁ ଅବତରଣ କରନ୍ତି ଜଗତଜନନୀ ମା' ଦୁର୍ଗା, ସେତେବେଳେ ଏହି ପଦ୍ମାବତୀ ଗାଁର କୋଣ ଅନୁକୋଣ ଏକ ଦିବ୍ୟ ଅନୁଭୂତିରେ ପ୍ରକମ୍ପିତ ହୋଇଉଠେ। ଏଠାକାର ଦଶହରା ପର୍ବ କେବଳ ଏକ ଋତୁକାଳୀନ ଉତ୍ସବ ନୁହେଁ, ବରଂ ଏହା ମାନବତା, ଦାର୍ଶନିକ ଚିନ୍ତାଧାରା, ଏବଂ ସାମାଜିକ ସଦ୍ଭାବର ଏକ ମହନୀୟ ତ୍ରିବେଣୀ ସଙ୍ଗମ। ସୁନ୍ଦର, ଆକର୍ଷଣୀୟ ଏବଂ ମନୋଲୋଭା ସାହିତ୍ୟିକ ସୁଷମା ମଣ୍ଡିତ ଏହି ମାଟିର ପର୍ବ-ପର୍ବାଣୀ ସମଗ୍ର ବିଶ୍ୱବାସୀଙ୍କୁ ଏକ ଅନବଦ୍ୟ ମାନବୀୟ ବାର୍ତ୍ତା ପ୍ରଦାନ କରିଥାଏ।

ମହାନଦୀର ସ୍ନିଗ୍ଧ ସାନ୍ନିଧ ଏବଂ ଗ୍ରାମ୍ୟ ଜୀବନର ନୂତନ ସ୍ୱାଦ: ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଏବଂ ମହାନଦୀର କଳକଳ ନାଦ ପଦ୍ମାବତୀ ଗ୍ରାମର ପ୍ରାକୃତିକ ଶୋଭାକୁ ଦ୍ୱିଗୁଣିତ କରିଥାଏ। ଏହି ଗ୍ରାମର ବାସିନ୍ଦାମାନେ ସ୍ୱଭାବତଃ ଅତ୍ୟନ୍ତ ଶାନ୍ତିପ୍ରିୟ, ଅତିଥିପ୍ରାଣ ଏବଂ ସରଳ ହୃଦୟର ଅଧିକାରୀ। ଏଠାକାର ଗ୍ରାମ୍ୟ ଜୀବନଶୈଳୀରେ ଏକ ନୂତନ ସ୍ୱାଦ ଏବଂ ଅପୂର୍ବ ମାଧୁର୍ଯ୍ୟ ପରିଲକ୍ଷିତ ହୁଏ, ଯାହା ଆଧୁନିକ ଯାନ୍ତ୍ରିକ ସମାଜର କୋଳାହଳରୁ ବହୁ ଦୂରରେ ଏକ ଶାନ୍ତ ଆଶ୍ରୟସ୍ଥଳୀ ସୃଷ୍ଟି କରେ। ବିଶେଷକରି, ଏହି ପବିତ୍ର ମାଟିରେ ବସବାସ କରୁଥିବା ତୈଳିକ ବୈଶ୍ୟ ସମାଜ ଏବଂ ଅନ୍ୟାନ୍ୟ ସମସ୍ତ ଜାତି, ବର୍ଗର ଜନସାଧାରଣଙ୍କ ମଧ୍ୟରେ ରହିଥିବା ଅଖଣ୍ଡ ସମ୍ପ୍ରଦାୟ ଏକତା ଏହି ଗ୍ରାମର ମୂଳଦୁଆକୁ ଅଧିକ ଦୃଢ଼ କରିଥାଏ। ପ୍ରତ୍ୟେକ ପର୍ବପର୍ବାଣୀରେ ସମସ୍ତଙ୍କ ସମୂହ ଅଂଶଗ୍ରହଣ ଏବଂ ପାରସ୍ପରିକ ସହଯୋଗ ଏକ ଉଚ୍ଚ କୋଟୀର ଭାଇଚାରାର ଜ୍ୱଳନ୍ତ ପ୍ରତିଫଳନ ଘଟାଇଥାଏ।

୧୪ଟି ମେଢ଼ର ଦିବ୍ୟ ଆଭା ଏବଂ ଶାନ୍ତି ଶୃଙ୍ଖଳାର ଭସାଣି ପର୍ବ: ପଦ୍ମାବତୀ ଗ୍ରାମର ଦଶହରା ଉତ୍ସବର ମୁକୁଟରେ ଯେପରି ଏକ ନୂତନମଣି ଯୋଡ଼ି ହୋଇଥାଏ ଏହାର ବିଶାଳ ମେଢ଼ ଯାତ୍ରା ଦ୍ୱାରା। ଗ୍ରାମର ବିଭିନ୍ନ ସାହିରୁ ଏକକାଳୀନ ପ୍ରସ୍ତୁତ ହୋଇଥାଏ ମୋଟ ୧୪ଟି ଆକର୍ଷଣୀୟ ଓ ମନଲୋଭା ମେଢ଼। ମା'ଙ୍କର ଏହି ପ୍ରତିମା ଓ ମେଢ଼ଗୁଡ଼ିକର କଳାତ୍ମକ ସୌନ୍ଦର୍ଯ୍ୟ, ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ବର୍ଣ୍ଣାଢ଼୍ୟ ଆଲୋକସଜ୍ଜା ଦର୍ଶନ କଲେ ପ୍ରାଣରେ ଭକ୍ତି ଓ ବିସ୍ମୟର ଭାବ ଜାଗ୍ରତ ହୁଏ। ଏହି ସମସ୍ତ ମେଢ଼ଗୁଡ଼ିକର ମହାସମାରୋହରେ ଅନୁଷ୍ଠିତ ଭସାଣି ଶୋଭାଯାତ୍ରା ଏବଂ ମହାସମାବେଶ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥାଏ। ଅତ୍ୟଧିକ ଜନସମାଗମ ସତ୍ତ୍ୱେ, ଗ୍ରାମବାସୀ ଏବଂ ଯୁବକସଂଘର ଅନୁଶାସିତ ପରିଚାଳନା ଯୋଗୁଁ କୌଣସି ପ୍ରକାର ଅଶାନ୍ତିର ଆଭାସ ନଥାଏ। ଏହା ପ୍ରମାଣ କରେ ଯେ, ଯେଉଁଠାରେ ହୃଦୟରେ ଶୃଙ୍ଖଳା ଏବଂ ପରସ୍ପର ପ୍ରତି ସମ୍ମାନ ଥାଏ, ସେଠାରେ ଉତ୍ସବ ଏକ ଦିବ୍ୟ ଆନନ୍ଦର ରୂପ ନେଇଥାଏ।



ପଞ୍ଚବିଧ ମୂଲ୍ୟବୋଧ: ଦଶହରା ପର୍ବ କେବଳ ବାହ୍ୟ ଆଡ଼ମ୍ବରର ପର୍ବ ନୁହେଁ, ବରଂ ଏହା ମାନବ ଆତ୍ମାର ପରିଶୁଦ୍ଧିର ଅନନ୍ୟ ଅଧ୍ୟାୟ। ପଦ୍ମାବତୀର ଏହି ପବିତ୍ର ଭୂମିରେ ଏହାର ବହୁବିଧ ମୂଲ୍ୟବୋଧ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ।

ଦାର୍ଶନିକ ମୂଲ୍ୟବୋଧ: ଅସତ୍ ଉପରେ ସତ୍ୟର, ଅନ୍ଧକାର ଉପରେ ଜ୍ଞାନର ଏବଂ ଆସୁରୀ ପ୍ରବୃତ୍ତି ଉପରେ ଦୈବୀ ଶକ୍ତିର ଚିରନ୍ତନ ବିଜୟର ଦର୍ଶନକୁ ଏହା ପରିପ୍ରକାଶ କରେ। ଜୀବନର ଅସଲ ଅର୍ଥ ମୋହଗ୍ରସ୍ତତା ନୁହେଁ, ବରଂ ଆତ୍ମଜ୍ଞାନ ଆଡ଼କୁ ଅଗ୍ରସର ହେବା।

ନୈତିକ ମୂଲ୍ୟବୋଧ: ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ କର୍ମରେ ଧର୍ମ, ସତ୍ୟନିଷ୍ଠା ଏବଂ କର୍ତ୍ତବ୍ୟବୋଧକୁ ପ୍ରାଥମିକତା ଦେବା ଉଚିତ୍ ବୋଲି ଏହି ଉତ୍ସବ ମନେଇଦିଏ।

ସାମାଜିକ ମୂଲ୍ୟବୋଧ: ଜାତି, ଧର୍ମ, ଗୋଷ୍ଠୀ ଏବଂ ଉଚ୍ଚ-ନୀଚର ସମସ୍ତ ପ୍ରାଚୀରକୁ ଭାଙ୍ଗି ସମାଜର ପ୍ରତ୍ୟେକ ବର୍ଗଙ୍କୁ ଏକାଠି ବାନ୍ଧି ରଖିବାର ଅପୂର୍ବ ଶକ୍ତି ଯୋଗାଏ ଏହି ଉତ୍ସବ।

ଜୀବନ ମୂଲ୍ୟବୋଧ: ମାନବ ଜୀବନର କ୍ଷଣସ୍ଥାୟିତ୍ୱ ଭିତରେ ସତକର୍ମ ଏବଂ ପରୋପକାର ଦ୍ୱାରା ଜୀବନକୁ ସାର୍ଥକ କରିବାର ମାର୍ଗ ପ୍ରଶସ୍ତ କରେ।

ମାନବୀୟ ମୂଲ୍ୟବୋଧ: ପ୍ରତ୍ୟେକ ଜୀବ ଏବଂ ମନୁଷ୍ୟ ଭିତରେ ଈଶ୍ୱରଙ୍କ ଅଂଶକୁ ଦର୍ଶନ କରିବା ଏବଂ ଦୁଃଖୀ-ରୋଗୀଙ୍କ ସେବାରେ ନିଜକୁ ନିୟୋଜିତ କରିବା ହେଉଛି ମାନବତାର ପ୍ରକୃତ ପ୍ରତିଛବି।

ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ଏବଂ ସାରଗର୍ଭକ ଭାଷଣର ପ୍ରଭାବ: ଉତ୍ସବର ଅପରିହାର୍ଯ୍ୟ ଅଙ୍ଗ ଭାବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଶେଷ ସଭା କାର୍ଯ୍ୟ ଏହାର ଗୌରବକୁ ଅଧିକ ରଞ୍ଜିମନ୍ତ କରିଥାଏ। ଏହି ମଞ୍ଚରେ ଯୋଗଦେଇଥିବା ସୁନ୍ଦର ବକ୍ତାମାନଙ୍କର ସାରଗର୍ଭକ ଭାଷଣ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦିଏ। ସେମାନଙ୍କ ଓଜସ୍ୱିନୀ ବାଣୀରେ ସମାଜର ମୂଲ୍ୟବୋଧର ପୁନରୁତ୍‌ଥାନ, ଆଧ୍ୟାତ୍ମିକ ଚେତନାର ବିକାଶ, ମାନବୀୟ ଏକତା ଏବଂ ଯୁବପିଢ଼ିଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଯେଉଁ ଗଭୀର ଚିନ୍ତାଧାରା ପ୍ରକାଶ ପାଇଥାଏ, ତାହା ପ୍ରତ୍ୟେକ ଶ୍ରୋତାର ଅନ୍ତରକୁ ଆନ୍ଦୋଳିତ କରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ଲୋକକଳା ଏବଂ ନୃତ୍ୟର ସୁଷମା ସମାଜକୁ ଏକ ସୁସ୍ଥ ମନୋରଞ୍ଜନ ଓ ସଂସ୍କୃତିର ମହାପ୍ରସାଦ ବାଣ୍ଟିଥାଏ।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ମହାନଦୀ କୂଳସ୍ଥ ପଦ୍ମାବତୀ ଗ୍ରାମର ଏହି ଦଶହରା ମହୋତ୍ସବ କେବଳ କେତେକ ଦିନର ଉତ୍ସବ ପାଳନରେ ସୀମିତ ନୁହେଁ। ବରଂ ଏହା ସମଗ୍ର ମାନବଜାତି ପାଇଁ ଏକ ଦିବ୍ୟ ଏବଂ ଶିକ୍ଷଣୀୟ ବାର୍ତ୍ତା। ଯେତେବେଳେ ବିଶ୍ୱ ଦରବାରରେ ଅଶାନ୍ତି, ଅହଙ୍କାର ଏବଂ ସଂକୀର୍ଣ୍ଣତାର କଳାବାଦଲ ଘୋଟିଆସେ, ସେତେବେଳେ ପଦ୍ମାବତୀର ଏହି ପବିତ୍ର ଭାଇଚାରା, ଶୃଙ୍ଖଳା, ତୈଳିକ ବୈଶ୍ୟ ସମାଜ ସମେତ ଅନ୍ୟ ସମସ୍ତଙ୍କର ସାମୂହିକ ଉଦ୍ୟମ ଏବଂ ଗଭୀର ଆଧ୍ୟାତ୍ମିକ ଚେତନା ସମଗ୍ର ବିଶ୍ୱକୁ ଏକ ନୂତନ ଆଲୋକର ଦିଗ୍‌ଦର୍ଶନ ଦେଇଥାଏ। ଏହି ମହାନ ପରମ୍ପରା ଆଗାମୀ ପିଢ଼ି ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ଏବଂ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ମାନବ ସମାଜ ଗଠନରେ ଅମୂଲ୍ୟ ଭୂମିକା ଗ୍ରହଣ କରିବ।



**ମନୋଜ କୁମାର ଶତପଥୀ**
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ
ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩,
ନୟାଗଡ, ୯୯୩୮୫୫୯୫୬୮

# ସ୍ନେହ, ଶକ୍ତି ଓ ମୋକ୍ଷର ମହାସଙ୍ଗମ: ମା' ସ୍କନ୍ଦମାତା ଏବଂ ଶାରଦୀୟ ନବରାତ୍ରିର ଦିବ୍ୟ ରହସ୍ୟ

ଶାରଦୀୟ ନବରାତ୍ରି କେବଳ ଏକ ପର୍ବ ନୁହେଁ, ଏହା ହେଉଛି ଆତ୍ମାର ଶୁଦ୍ଧିକରଣ ଏବଂ ସନାତନ ଚେତନାର ଜାଗରଣର ଏକ ମହାନ ପର୍ବ। ବର୍ଷାର ସ୍ନିଗ୍ଧତା ପରେ ଶରତର ନିର୍ମଳ ଆକାଶ, ଶେଫାଳିର ମହକ ଏବଂ କାଶତଣ୍ଡିର ଆନ୍ଦୋଳନ ଭିତରେ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ଜଗତଜନନୀ ମା' ଦୁର୍ଗା। ନବରାତ୍ରିର ପ୍ରତ୍ୟେକ ଦିନ ମା'ଙ୍କର ଏକ ନିର୍ଦ୍ଦିଷ୍ଟ ସ୍ୱରୂପକୁ ଉଭାସିତ କରିଥାଏ, ଯାହା ମାନବ ଜୀବନକୁ ସାଧନା, ସଂଯମ ଏବଂ ସଦ୍‌ଗୁଣର ଶିକ୍ଷା ଦିଏ। ଏହି କ୍ରମରେ, ପଞ୍ଚମୀ ତିଥିର ଦେବୀ ହେଉଛନ୍ତି ମା' ସ୍କନ୍ଦମାତା। ମା'ଙ୍କର ଏହି ସ୍ୱରୂପ ବାତ୍ସଲ୍ୟ (ମାତୃସ୍ନେହ), ଅସୀମ ଶକ୍ତି ଏବଂ ପରମ ମୋକ୍ଷର ଏକ ଅପୂର୍ବ ଦିବ୍ୟ ଆଲେଖ୍ୟ।

'ସ୍କନ୍ଦ' ହେଉଛନ୍ତି ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ଜ୍ୟେଷ୍ଠ ପୁତ୍ର, ଯାହାଙ୍କୁ ଆମେ କାର୍ତ୍ତିକେୟ ବା ମୟୂରବାହନ ବୋଲି ଜାଣୁ। ସେ ଦେବସେନାପତି ଭାବେ ମଧ ପୂଜିତ। ଯେହେତୁ ଦେବୀ ପାର୍ବତୀ ସ୍କନ୍ଦ ବା କାର୍ତ୍ତିକେୟଙ୍କ ମାତା, ତେଣୁ ନବରାତ୍ରିର ପଞ୍ଚମ ଦିନରେ ତାଙ୍କୁ 'ସ୍କନ୍ଦମାତା' ଭାବେ ଆରାଧନା କରାଯାଏ। ମା'ଙ୍କର ଏହି ରୂପ ଅତ୍ୟନ୍ତ ମନୋହର ଓ ସ୍ନେହମୟ। ଶାସ୍ତ୍ର ଅନୁସାରେ, ମା' ସ୍କନ୍ଦମାତା ଚତୁର୍ଭୁଜା। ସେ ନିଜର ଦୁଇ ହାତରେ ପଦ୍ମଫୁଲ ଧାରଣ କରିଛନ୍ତି, ଗୋଟିଏ ହାତରେ ଶରଣାଗତ ଭକ୍ତଙ୍କୁ ଅଭୟ ପ୍ରଦାନ କରୁଛନ୍ତି ଏବଂ ଅନ୍ୟ ଏକ ହାତରେ ପୁତ୍ର ସ୍କନ୍ଦ (ବାଳକ କାର୍ତ୍ତିକେୟ)ଙ୍କୁ ନିଜ କୋଳରେ ବସାଇ ସ୍ନେହରେ ଧରିଛନ୍ତି। ମା' ସିଂହ ଉପରେ ବିରାଜମାନ କରିଥାନ୍ତି, ମାତ୍ର ସେ ପଦ୍ମାସନରେ ମଧ ବସୁଥିବାରୁ ତାଙ୍କୁ 'ପଦ୍ମାସନା ଦେବୀ' ବୋଲି କୁହାଯାଏ। ତାଙ୍କ ମୁଖମଣ୍ଡଳରେ



ଏକ ଅଫୁରନ୍ତ ମାତୃସୁଲଭ ସ୍ନେହ, କରୁଣା ଏବଂ ପରମ ଶାନ୍ତି ପ୍ରତିଫଳିତ ହୋଇଥାଏ।

ମା' ସ୍କନ୍ଦମାତାଙ୍କ ସ୍ୱରୂପ ସମଗ୍ର ସୃଷ୍ଟିକୁ ଏକ ବଡ଼ ସନ୍ଦେଶ ଦିଏ ଯେ, ସେ ଯେତେ ବଡ଼ ଶକ୍ତିଶାଳୀ ହେଲେ ମଧ ସର୍ବପ୍ରଥମେ ଜଣେ ମା'। ଏହି ରୂପରେ ମା' କୌଣସି ଅସ୍ତ୍ରଶସ୍ତ୍ର ଧାରଣ କରିନାହାନ୍ତି, ବରଂ ନିଜ ସନ୍ତାନକୁ କୋଳରେ ଜାକି ଧରିଛନ୍ତି। ଏହା ପ୍ରମାଣିତ କରେ ଯେ, ସନ୍ତାନର ସୁରକ୍ଷା ଏବଂ ସ୍ନେହ ହିଁ ଏକ ମା' ପାଇଁ ସବୁଠାରୁ ବଡ଼ ସଂକଳ୍ପ।ଯେତେବେଳେ ଜଣେ ଭକ୍ତ ସ୍କନ୍ଦମାତାଙ୍କ ପୂଜା କରେ, ସେ କେବଳ ଦେବୀଙ୍କର ନୁହେଁ, ବରଂ ବାଳକ କାର୍ତ୍ତିକେୟଙ୍କର ମଧ ଆଶୀର୍ବାଦ ପ୍ରାପ୍ତ କରିଥାଏ। ଜଣେ ମା' ପାଇଁ ତା' ସନ୍ତାନର ପ୍ରଶଂସା ବା ସନ୍ତାନ ପ୍ରତି ଭଲପାଇବା ସବୁଠାରୁ ଆନନ୍ଦଦାୟକ ହୋଇଥାଏ। ତେଣୁ, କାର୍ତ୍ତିକେୟଙ୍କ ସହ ମା'ଙ୍କୁ ପୂଜା କଲେ ମା' ଅତି ଶୀଘ୍ର ପ୍ରସନ୍ନ ହୁଅନ୍ତି ଏବଂ ଭକ୍ତଙ୍କୁ ମାତୃସ୍ନେହର ଶୀତଳ ଛାୟାରେ ଆଶ୍ରୟ ଦିଅନ୍ତି।

ସ୍ନେହମୟୀ ରୂପ ପଛରେ ମା'ଙ୍କର ଏକ ପ୍ରଚଣ୍ଡ ଶକ୍ତିର କାହାଣୀ ମଧ ରହିଛି। ପୁରାଣ ଅନୁସାରେ, ତାରକାସୁର ନାମକ ଏକ ଭୟଙ୍କର ଅସୁର ବ୍ରହ୍ମାଙ୍କଠାରୁ ବର ପାଇଥିଲା ଯେ, କେବଳ ଶିବଙ୍କ ପୁତ୍ର ହିଁ ତାକୁ ବଧ କରିପାରିବେ। ତାରକାସୁର ଭାବିଥିଲା ଶିବ ତ ମହାଯୋଗୀ, ସେ କଦାପି ବିବାହ କରିବେ ନାହିଁ କି ତାଙ୍କର ସନ୍ତାନ ହେବେ ନାହିଁ। କିନ୍ତୁ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ମିଳନରୁ ଜନ୍ମ ନେଲେ କାର୍ତ୍ତିକେୟ। ବାଳକ ସ୍କନ୍ଦ ବା କାର୍ତ୍ତିକେୟଙ୍କୁ ଦେବସେନାର ସେନାପତି ହେବାପାଇଁ ପ୍ରସ୍ତୁତ କରିବା, ତାଙ୍କୁ ସଂସ୍କାର ଦେବା ଏବଂ ଶକ୍ତିଶାଳୀ କରି ଗଢ଼ିତୋଳିବା ପଛରେ ସ୍କନ୍ଦମାତାଙ୍କର ପ୍ରେରଣା ଥିଲା। ତେଣୁ, ସ୍କନ୍ଦମାତା ହେଉଛନ୍ତି ସେହି ଶକ୍ତି, ଯିଏ ଅଧର୍ମର ବିନାଶ ପାଇଁ ଧର୍ମର ରକ୍ଷକଙ୍କୁ ଜନ୍ମ ଦିଅନ୍ତି ଓ ମାର୍ଗଦର୍ଶନ କରନ୍ତି। ଜୀବନର ସଂଗ୍ରାମରେ ହାରିଯାଉଥିବା ମଣିଷକୁ ସେ ସାହସ ଏବଂ ଶକ୍ତି ପ୍ରଦାନ କରନ୍ତି।

ଯୋଗ ସାଧନା ଦୃଷ୍ଟିରୁ ଶାରଦୀୟ ନବରାତ୍ରିର ପଞ୍ଚମ ଦିନର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଏହି ଦିନ ସାଧକର ମନ 'ବିଶୁଦ୍ଧ ଚକ୍ର'ରେ ପ୍ରବେଶ କରେ। ଏହି ଚକ୍ର କଣ୍ଠରେ ଅବସ୍ଥିତ। ବିଶୁଦ୍ଧ ଚକ୍ର ଜାଗ୍ରତ ହେବା ଦ୍ୱାରା ମଣିଷର ବାଣୀ ମଧୁର ହୁଏ, କ୍ରୋଧ ଏବଂ ଅହଂକାର ଦୂର ହୁଏ ଏବଂ ମନ ବାହ୍ୟ ଜଗତରୁ ମୁକ୍ତ ହୋଇ ଅନ୍ତର୍ମୁଖୀ ହେବାକୁ ଲାଗେ। ମା' ସ୍କନ୍ଦମାତାଙ୍କ କୃପାରୁ ଭକ୍ତର ଚିତ୍ତ ଏକଦମ ଶୁଦ୍ଧ ଏବଂ ପବିତ୍ର ହୋଇଯାଏ। ସଂସାରର ସମସ୍ତ ଭୌତିକ ସୁଖ, ମୋହ-ମାୟାର ବନ୍ଧନ ଶିଥିଳ ହୋଇଯାଏ ଏବଂ ଆତ୍ମା ମୋକ୍ଷ ଆଡ଼କୁ ଗତି କରେ। ମା'ଙ୍କ ଆଲୋକରେ ସାଧକ ନିଜ ଭିତରେ ଥିବା ପରମ ଜ୍ଞାନକୁ ଉପଲବ୍ଧି କରିପାରେ।

ଆଜିର ଆଧୁନିକ ସମାଜରେ ମା' ସ୍କନ୍ଦମାତାଙ୍କ ସ୍ୱରୂପ ଅତ୍ୟନ୍ତ ପ୍ରାସଙ୍ଗିକ। ସେ ହେଉଛନ୍ତି ଜଣେ ଆଦର୍ଶ ମାତାଙ୍କର ପ୍ରତୀକ। ଜଣେ ନାରୀ ଘରର ଦାୟିତ୍ୱ, ସନ୍ତାନର ଲାଳନପାଳନ କରିବା ସହିତ ସମାଜର ମଙ୍ଗଳ ପାଇଁ କିପରି ଶକ୍ତିରୂପା ହୋଇପାରିବ, ତାହା ମା' ସ୍କନ୍ଦମାତା ଶିଖାନ୍ତି। ପରିବାର ଗଠନ ଏବଂ ସନ୍ତାନକୁ ସତ୍ ମାର୍ଗରେ ପରିଚାଳିତ କରିବାରେ ଜଣେ ମା'ର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଶାରଦୀୟ ନବରାତ୍ରିର ଏହି ପବିତ୍ର ପଞ୍ଚମୀ ତିଥିରେ ଆସନ୍ତୁ ଆମେ ସମସ୍ତେ ମା' ସ୍କନ୍ଦମାତାଙ୍କ ଚରଣାରବିନ୍ଦରେ ଶରଣାଗତ ହେବା। ଆମେ କେବଳ ସାଂସାରିକ ସୁଖ ପାଇଁ ନୁହେଁ, ବରଂ ନିଜ ଭିତରେ ଥିବା କାମ, କ୍ରୋଧ, ଲୋଭ ଓ ଅହଂକାର ଭଳି ଆସୁରିକ ପ୍ରବୃତ୍ତିକୁ ବିନାଶ କରିବା ପାଇଁ ମା'ଙ୍କୁ ପ୍ରାର୍ଥନା କରିବା।ମା'ଙ୍କର ସେହି ସ୍ନେହମୟୀ ରୂପକୁ ହୃଦୟରେ ସ୍ଥାପନ କରି ଜପ କରିବା -

ଯା ଦେବୀ ସର୍ବଭୂତେଷୁ ମା ସ୍କନ୍ଦମାତା ରୂପେଣ ସଂସ୍ଥିତା।

ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ?

ମା' ସ୍କନ୍ଦମାତାଙ୍କ ଅପାର କରୁଣା ସମସ୍ତଙ୍କ ଜୀବନକୁ ସ୍ନେହର ଶୀତଳତା, ଜ୍ଞାନର ଆଲୋକ ଏବଂ ଶକ୍ତିର ସାମର୍ଥ୍ୟରେ ଭରିଦେଉ, ଏହା ହିଁ ମା'ଙ୍କ ଚରଣରେ ଅକୁଣ୍ଠ ମିନତି।

# ଶ୍ରଦ୍ଧାର୍ଥମିଦଂ ଶ୍ରାଦ୍ଧମ୍

ହିନ୍ଦୁ ପରମ୍ପରା ରେ ଶ୍ରାଦ୍ଧ, ତର୍ପଣାଦି ଅନୁଷ୍ଠାନ କରିବା ପ୍ରଥା ବହୁ ପ୍ରାଚୀନ । ବିଭିନ୍ନ ପୁରାଣ ଗ୍ରନ୍ଥ ତଥା ଶାସ୍ତ୍ରରେ ପିତୃ ପୁରୁଷ ମାନଙ୍କ ଉଦ୍ଦେଶ ରେ ଶ୍ରାଦ୍ଧ ଦେବା ଏବଂ ନିଜର ପରିଜନ ମାନେ ଏହି ପିତୃକାର୍ଯ୍ୟ ରେ ସହଭାଗିତା ହେବା ପାଇଁ ବାରମ୍ବାର ବର୍ଣ୍ଣନା କରାଯାଇଛି ।'ଶ୍ରଦ୍ଧୟା ପିତୃନ୍ ଉଦିଶ୍ୟ ବିଧିନା କ୍ରିୟତେ ଯତ୍କର୍ମ ତତ୍ ଶ୍ରାଦ୍ଧମ୍ ।' ସପିତୃଗଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାରେ ବିଧିପୂର୍ବକ ଯେଉଁ କର୍ମ କରାଯାଏ ତାହାକୁ ଶ୍ରାଦ୍ଧ କୁହାଯାଏ । ପୁଣି କୁହାଯାଇଛି 'ଶ୍ରଦ୍ଧାର୍ଥମିଦଂ ଶ୍ରାଦ୍ଧମ୍' । ଶ୍ରଦ୍ଧା ରୁ ଶ୍ରାଦ୍ଧ । ଶ୍ରାଦ୍ଧ କରିବା ଦ୍ୱାରା କର୍ତ୍ତାଙ୍କ ଅନେକ ଉପକାର ସାଧିତ ହୁଏ । ମାର୍କଣ୍ଡେୟ ପୁରାଣ ରେ ବର୍ଣ୍ଣିତ ଅଛି ଯେ -

ଆୟୁଃ ପୁତ୍ରାନ୍ ଯଶଃ ସ୍ୱର୍ଗମ୍ କୀର୍ତ୍ତି ପୃଷ୍ଟି ବଳମ୍ ଶ୍ରୀୟଂ

ପଶୁନ୍ ସୁଖମ୍ ଧନମ୍ ଧାନ୍ୟମ୍ ପ୍ରାପ୍ନୁୟାତ୍ ପିତୃ ପୁଜନାତ୍ ।

ଅର୍ଥାତ୍ ଶ୍ରାଦ୍ଧରେ ସନ୍ତୁଷ୍ଟ ହୋଇ ପିତୃଗଣ ଶ୍ରାଦ୍ଧକର୍ତ୍ତାଙ୍କୁ ଦୀର୍ଘ ଆୟୁ,, ସନ୍ତାନ ସନ୍ତତି, ଧନ, ବିଦ୍ୟା, ରାଜ୍ୟ, ସୁଖ, ସର୍ଗ ଓ ମୋକ୍ଷର ଆଶୀର୍ବାଦ ପ୍ରଦାନ କରିଥାନ୍ତି । ହିନ୍ଦୁ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧ କର୍ମ କରାଯାଏ । ସେସବୁ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ କୁହାଯାଏ । ଆଶ୍ୱିନ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା

ଅମାବାସ୍ୟା । ନିର୍ଣ୍ଣୟ ସିନ୍ଧୁ ରେ ଉଲ୍ଲେଖ ଅଛି ଯେ -

ଆଶ୍ୱ ଯୁକ୍ କୃଷ୍ଣ ପକ୍ଷେ ତୁ ଶ୍ରାଦ୍ଧ କୁର୍ଯ୍ୟାତ୍ ଦିନେ ଦିନେ ତ୍ରିଭାଗମ୍ ହୀନ ପକ୍ଷେ ବା ତ୍ରିଭାଗମ ତ୍ୱର୍ଦ୍ଧ ଭାଗେବା ।

ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ କୁହାଯାଏ । ଅନ୍ୟ ମତେ ପୂର୍ବପୁରୁଷଙ୍କୁ ପ୍ରତି ଶ୍ରଦ୍ଧା ଓ ସମ୍ମାନକୁ ଶ୍ରାଦ୍ଧ କୁହାଯାଏ । ଶ୍ରାଦ୍ଧ ଦିବସରେ ଶୁଦ୍ଧପୂତ ଅନ୍ତରରେ ଭକ୍ତି ସହକାରେ ସ୍ନାନପୂର୍ବକ ଦେବଗଣ, ଋଷିଗଣ, ପିତୃ ତଥା ମାତୃଗଣଙ୍କୁ ତିଳ-ତଣ୍ଡୁଳ ମିଶ୍ରିତ ଜଳ ଓ ପିଣ୍ଡଦାନ କରାଯାଏ । ଆଶ୍ୱିନ ମାସର ଏହି ୧୫ ଦିନକୁ ପିତୃପକ୍ଷ ଏବଂ ଶ୍ରାଦ୍ଧପକ୍ଷ ମଧ୍ୟ କୁହାଯାଏ । ଧାର୍ମିକ ମାନ୍ୟତା ଅନୁଯାୟୀ, ପିତୃପକ୍ଷର ୧୫ ଦିନ ମଧ୍ୟରେ ସଭିଏଁ ନିଜ ପୂର୍ବପୁରୁଷଙ୍କୁ ସ୍ମରଣ କରିବା ସହ ତାଙ୍କର ପୂଜାର୍ଚ୍ଚନା କରିଥାନ୍ତି । ଏହି ସମୟରେ ପୂର୍ବପୁରୁଷଙ୍କୁ ପିଣ୍ଡଦାନ,ତର୍ପଣ,ଶ୍ରାଦ୍ଧ ସହ ବିଶେଷ ପୂଜା କର୍ମ ଆଦି କରାଯାଇଥାଏ । ଏହି ସମୟରେ ପବିତ୍ର ନଦୀ ମାନଙ୍କରେ ସ୍ନାନ କରାଯାଇଥାଏ । ଏହି ଅବସରରେ ସାରା ଦେଶରେ ହିନ୍ଦୁଧର୍ମାବଲମ୍ବୀ ସେମାନଙ୍କ ପୂର୍ବ ପୁରୁଷଙ୍କୁ ଶ୍ରାଦ୍ଧଦେବେ । ଯେଉଁ ମାନେ ଏହି ଶ୍ରାଦ୍ଧ କରନ୍ତି ନାହିଁ ସେମାନେ ଜୀବନ ବ୍ୟାପି ଦୁଃଖ ଭୋଗ କରନ୍ତି । ଶାସ୍ତ୍ରକାରଙ୍କ ମତରେ -

ଶ୍ରାଦ୍ଧମ୍ ନ କୁରୁତେ ତତ୍ର

ତସ୍ୟ ରକ୍ତ ପିବନ୍ତି ତେ

ସୂର୍ଯ୍ୟେ କନ୍ୟା ଗତମ୍ ଶ୍ରାଦ୍ଧମ୍




**ବୈଷ୍ଣବ ଚରଣ ଦାଶ**

ବୀରଧନଞ୍ଜୟ ପୁର , ଶାସନ ବୁଗୁଡ଼ା

ଗଞ୍ଜାମ-୯୭୭୬୫୩୪୯୩୦


ଯେ ନ କୁର୍ଯ୍ୟାତ ଗୃହାଶ୍ରମେ

ଧନ ପୁତ୍ରା କୁତସ୍ତସ୍ୟ ପିତୃ ନିଶ୍ୱାସ ପୀଡୟା ।

ତେବେ ପିତୃପକ୍ଷ ଶ୍ରାଦ୍ଧ ଆଜି କାଲିର ନୁହେଁ କେଉଁ ଆବାହମାନ ଯୁଗରୁ ଲୋକେ ସେମାନଙ୍କ ପିତରଙ୍କୁ ଶ୍ରାଦ୍ଧ ଦାନ କରିଆସୁଛନ୍ତି ।ପୌରାଣିକ ବିଶ୍ୱାସ ଅନୁଯାୟୀ, ମହାଦାନୀ କର୍ଣ୍ଣଙ୍କର ମୃତ୍ୟୁପରେ ତାଙ୍କ ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଲା, କିନ୍ତୁ ଅଭୁକ୍ତ ରଖାଗଲା, କିଛି ଖାଦ୍ୟ ଦିଆଗଲା ନାହିଁ, କାରଣ ଜୀବିତାବସ୍ଥାରେ ସେ କେବେ କୌଣସି ବ୍ୟକ୍ତିଙ୍କୁ ଅନ୍ନଦାନ ଦେଇନଥିଲେ । ସେ ଚିନ୍ତିତ ହୋଇ ଯମରାଜଙ୍କୁ ପ୍ରାର୍ଥନା କରିବାରୁ, ତାଙ୍କୁ ମାତ୍ର ପନ୍ଦର ଦିନ ପାଇଁ ମାଇଁମଣ୍ଡଳକୁ ପଠାଯାଇଥିଲା । ସେହି ପନ୍ଦରଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ଫଳସ୍ୱରୂପ ତାଙ୍କୁ ଆଉ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡ଼ି ନ ଥିଲା । ମର୍ତ୍ତ୍ୟେଲାକରେ କର୍ଣ୍ଣ କଟାଇଥିବା ସେହି ପନ୍ଦରଦିନ ପିତୃପକ୍ଷ ଥିଲା । ବ୍ୟକ୍ତିଙ୍କ ପରିବାରର ସେହି ସବୁ ସଦସ୍ୟମାନେ ଯେଉଁମାନଙ୍କର ପରଲୋକ ହୋଇସାରିଥାଏ ତାଙ୍କୁ ପିତର କୁହାଯାଏ । ଏଥିରେ ବୃଦ୍ଧ, ବୃଦ୍ଧା, ମହିଳା, ପୁରୁଷ ଓ ଦିବଙ୍ଗତ ମାନଙ୍କୁ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁ ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ସନ୍ତାନମାନେ ସେମାନଙ୍କ ପିତରଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ ଓ ଦାନ ଆଦି କରନ୍ତି ସେମାନେ ଅଖଣ୍ଡ ଶାନ୍ତିର ଅଧିକାରୀ ହୋଇଥାନ୍ତି । ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ-

ନ ବିପ୍ର ପାଦୌ ନ ଚ କର୍ଦ୍ଦମାନି

ନ ବେଦ ଶାସ୍ତ୍ର ଧ୍ୱନୀ ପୂରିତାନି

ସ୍ୱାହା ସ୍ୱଧା ଶବ୍ଦ ବିବର୍ଜିତାନି

ଶ୍ମଶାନ ତୁଲ୍ୟାନି ଗୃହାନି ତାନି ।

ଅର୍ଥାତ୍ ଯେଉଁ ଘରେ ଦେବ କର୍ମ ଏବଂ ପିତୃ କର୍ମ କରାଯାଏ ନାହିଁ ସେ ଗୃହ ଶ୍ମଶାନ ତୁଲ୍ୟ ଅଟେ । କେବଳ ସେତିକି ନୁହେଁ ପିତୃ ପୁରୁଷ ଙ୍କ ସନ୍ତୋଷରେ ଆମର ହୋଇ ପାରୁନଥିବା କାମ ବି ସହଜରେ ହୋଇଯାଏ । ସୂକ୍ଷ୍ମ ଶରୀରରେ ରହି ସେମାନେ ଆମର ସହାୟତା କରନ୍ତି । ଏଣୁ କୁହାଯାଏ ପିତୃପକ୍ଷରେ ପିଣ୍ଡଦାନ ସହ ସେମାନଙ୍କ ସନ୍ତୋଷ ନିମନ୍ତେ ଶ୍ରାଦ୍ଧ ଓ ତର୍ପଣ କରିବା ଉଚିତ ।

ତେବେ ଯେଉଁମାନେ ନିଜର ପିତରଙ୍କ ମୃତ୍ୟୁ ତିଥି ଭୁଲି ଯାଇଥାନ୍ତି ଓ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ କରିପାରନ୍ତି ନାହିଁ । ତେବେ ସେମାନେ ପିତୃମୋକ୍ଷ ଅମାବାସ୍ୟାରେ ଶ୍ରାଦ୍ଧଦାନ କଲେ ସେମାନଙ୍କର ଆତ୍ମ ସନ୍ତୋଷ ହୋଇଥାଏ ବୋଲି ଭାରତୀୟ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ରହିଛି । ଶ୍ରାଦ୍ଧ ଦିବସ ରେ କେତେକ କର୍ମ ଆମ ପାଇଁ ନିଷିଦ୍ଧ ରହିଛି । ଶ୍ରାଦ୍ଧ କଳ୍ପଲତା ରେ ବର୍ଣ୍ଣିତ ଅଛି-

ପୁନର୍ଭୋଜନ ମଧ୍ୱାନମ ଭାରମାୟାସ ମୈଥୁନମ୍

ଦାନମ୍ ପ୍ରତିଗ୍ରହୋ ହୋମମ୍

ଶ୍ରାଦ୍ଧ ଭୁକ୍ତ୍ୱଷ୍ଟ ବର୍ଜୟେତ୍ ।

ଅର୍ଥାତ୍ ଶ୍ରାଦ୍ଧ ଦିବସରେ ଏକାଧିକ ବାର ଭୋଜନ, ମୈଥୁନ, ଭାର ବୋହିବା, ଶ୍ରାଦ୍ଧ ଛାଡ଼ି ଯାତ୍ରା କରିବା, ପରିଶ୍ରମ କରିବା, ଦାନ ଗ୍ରହଣ କରିବା, ହୋମ କରିବା, ଅନ୍ୟ ଘରେ ଭୋଜନ କରିବା ଆଦି ନିଷିଦ୍ଧ କରାଯାଇଛି । ପିତୃପକ୍ଷରେ ପ୍ରାୟତଃ କାଉ, ମାନଙ୍କୁ ଭୋଜନ ଦିଆଯାଇଥାଏ । ଯାହା କାକବଳି ନାମରେ ଉଲ୍ଲିଖିତ । ଶ୍ରାଦ୍ଧରେ କାଉର ଅନେକ ମହତ୍ତ୍ୱ ରହିଛି । କାଉଙ୍କୁ ସଂରକ୍ଷଣ ଦେବା ପ୍ରତି ନା କେବଳ ଧାର୍ମିକ ମହତ୍ତ୍ୱ ବରଂ ଏହାର ବୈଜ୍ଞାନିକ ମହତ୍ତ୍ୱ ରହିଛି ଏହା ଏକ ପର୍ଯ୍ୟାଲୋଚନାର ବିଷୟ । ଯାହା ଅନୁଯାୟୀ କାଉ, ପ୍ରକୃତି ତଥା ମାନବ ଜୀବନ ସହ ଗଭୀର ସମ୍ବନ୍ଧ ରହିଛି । ଏକ ଅଧ୍ୟୟନ ସୂଚନା ଅନୁଯାୟୀ, କାଉ ଅଧିକାଂଶ ବର ଓ ଅଶ୍ୱତ୍ଥ ବୃକ୍ଷର ଫଳ ଖାଇଥାଏ ଏବଂ ମଳ ତ୍ୟାଗ କରେ ଯାଦ୍ୱାରା ଅନେକ ଘରର ଛାତ ଓ ଭିନ୍ନ ଭିନ୍ନ ସ୍ଥାନରେ ବର ଓ ଅଶ୍ୱତ୍ଥ ବୃକ୍ଷ ସୃଷ୍ଟି ହୋଇଥାଏ । ତେଣୁ କାଉ କାରଣରୁ ହିଁ ଅଧିକାଂଶ ବର ଓ ଅଶ୍ୱତ୍ଥ ବୃକ୍ଷ ଉତ୍ପନ ହୋଇଥାଏ । ବର ଓ ଅଶ୍ୱତ୍ଥକୁ ଭାରତୀୟ ଶାସ୍ତ୍ରରେ ଧାର୍ମିକ ବୃକ୍ଷର ମାନ୍ୟତା ଦିଆ ଯାଇଛି । ସେଗୁଡିକ ଏପରି ବୃକ୍ଷ ଯେଉଁଥିରୁ ୨୪ ଘଣ୍ଟା ଅମ୍ଳଜାନ ମିଳିଥାଏ ଓ ଏହା ଦୀର୍ଘସ୍ଥାୟୀ ବୃକ୍ଷ । ଏହାସହ ବର ଓ ଅଶ୍ୱତ୍ଥ ବୃକ୍ଷର ବହୁ ଔଷଧୀୟ ଗୁଣ ଥିବାରୁ ଏହି ବୃକ୍ଷର ସଂରକ୍ଷଣ ପାଇଁ କାଉଙ୍କ ଜୀବିତ ରହିବା ନିତାନ୍ତ ଆବଶ୍ୟକ । ସନାତନୀ ପରମ୍ପରାରେ ଦ୍ୱାଦଶ ପ୍ରକାରର ଶ୍ରାଦ୍ଧ ର ବର୍ଣନା ଅଛି । ସେଗୁଡିକ ହେଲା ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି, ସପିଣ୍ଡିନ, ପାର୍ବଣ, ଗୋଷ୍ଠ, ଶୁଦ୍ଧି, କର୍ମାଙ୍ଗ, ଦୈବିକ, ତୃଷ୍ଟି ଶ୍ରାଦ୍ଧ ଏବଂ ସମ୍ବତ୍ସରିକ ଶ୍ରାଦ୍ଧ । ତେବେ କେତେକ କ୍ଷେତ୍ରରେ ଦେଖାଯାଏ ଶ୍ରାଦ୍ଧ ଦୁଇ ପ୍ରକାର । ଗୋଟିଏ ଏକୋଦ୍ଦିଷ୍ଟ ଓ ଅନ୍ୟଟି ପାର୍ବଣ । ସାଧାରଣତଃ ଶ୍ରାଦ୍ଧ ରେ ସାତଗୋଟି ବିଧି ରହିଛି । ମହର୍ଷି ମନୁ କହନ୍ତି-

ଅଗ୍ନୌ କରଣ ଦେବସ୍ଥା ସ୍ୱର୍ଗସ୍ଥା ବିପ୍ର ଭୋଜନେ

ଅର୍ଘ୍ୟ ପାତ୍ରେ ମନୁ ସଂସ୍ଥା ଅସୁରା ଭୂରି ଭୋଜନେ

ଉର୍ଜ ବହନ୍ତି ଭୂତାନାମ ନରକସ୍ଥ ବିସର୍ଜନେ

ପିଣ୍ଡେନ ପିତୃ ଲୋକସ୍ଥ ଶ୍ରାଦ୍ଧେ ସପ୍ତ ବିଧୀୟତେ ।

ତେଣୁ ଆମେ ପିତୃ ଲୋକଙ୍କ ସ୍ଥାନ ନିରୂପଣ କରିପାରୁ ନଥିବାରୁ ସମସ୍ତ ବିଧି ଶ୍ରାଦ୍ଧ ରେ କରୁଛେ । ଏଣୁ ଶାସ୍ତ୍ର କୁହନ୍ତି, ଯେଉଁ ବ୍ୟକ୍ତି ଜୀବିତ ଅବସ୍ଥାରେ ନିଜର ମାତା-ପିତାଙ୍କ ଅନାଦର କରନ୍ତି ତଥା ମୃତ୍ୟୁପରେ ଶ୍ରାଦ୍ଧ-ତର୍ପଣ କରନ୍ତି ନାହିଁ ତେବେ ଆଗାମୀ ଜନ୍ମରେ ତାଙ୍କଠାରେ ପିତୃ ଦୋଷ ପରିଲକ୍ଷିତ ହୁଏ ।

# ବିଶ୍ୱାସ ମନ୍ଦିରରେ ଫାଟ ସୃଷ୍ଟି

ଦେଶର ଗଣତାନ୍ତ୍ରିକ ପ୍ରତିଷ୍ଠାର ଶୀର୍ଷରେ ଭାରତର ନିର୍ବାଚନ ଆୟୋଗ କମିଶନ ଅଛନ୍ତି । ଏହା ହେଉଛି ସେହି ଅନୁଷ୍ଠାନ ଯାହା ପ୍ରତି ପାଞ୍ଚ ବର୍ଷରେ ଥରେ ଶାନ୍ତିପୂର୍ଣ୍ଣ ଓ ବୈଧ କ୍ଷମତା ହସ୍ତାନ୍ତରକୁ ସୁନିଶ୍ଚିତ କରି ଭୋଟ ବାକ୍ସର ପବିତ୍ରତାକୁ ସୁରକ୍ଷା ଦିଏ । କିନ୍ତୁ ଯେତେବେଳେ ଏହି ପ୍ରହରୀ ଭିତରୁ ମତଭେଦର ସ୍ୱର

ବାହାରକୁ ଆସିବା ଆରମ୍ଭ କରେ । ଏହା କେବଳ ଏକ ପ୍ରଶାସନିକ ମାମଲା ନୁହେଁ, ଏହା ଲକ୍ଷ ଲକ୍ଷ ଭୋଟରଙ୍କ ଗଣତନ୍ତ୍ର ଯେଉଁ ବିଶ୍ୱାସର ମୂଳଦୁଆ ଉପରେ ନିର୍ଭର କରେ ତାହାକୁ ଦୋହଲାଇ ଦିଏ । ବୁଧବାର ଦିନ ପ୍ରକାଶିତ ଖବର ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଥିଲା । ମୁଖ୍ୟ ନିର୍ବାଚନ କମିଶନର ଓ ବାକି ଦୁଇ ନିର୍ବାଚନ କମିଶନରଙ୍କ ମଧ୍ୟରେ ମତଭେଦର କାହାଣୀ, ଯାହା ଗତ ଦଶ ମାସ ଧରି ସିଝିବାରେ

ଲାଗିଛି, ତାହା ଏବେ ଗୁପ୍ତ ଫାଇଲରୁ ଓ ସାଧାରଣ କ୍ଷେତ୍ରରେ ପ୍ରକାଶ ପାଇଛି । ଚଉଦଟି ଲିଖିତ ଆପତ୍ତି- ଏହି ସଂଖ୍ୟା ସାଧାରଣ ନୁହେଁ । ଏହା ଏକ କ୍ଷଣିକ ମତଭେଦର କାହାଣୀ ନୁହେଁ, ବରଂ ଏକ ସ୍ଥାୟୀ, ସାଂରଚନିକ ଉତ୍ତେଜନାର କାହାଣୀ କୁହେ ଯାହା ଭୋଟର ତାଲିକା ସଂଶୋଧନ ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗର ମୂଳ ପର୍ଯ୍ୟନ୍ତ ପହଞ୍ଚିଥାଏ ।

ଶାସକ ଦଳ ଏହାକୁ ଗଣତନ୍ତ୍ରର ଅନ୍ତର୍ନିହିତ ପ୍ରକୃତି ବୋଲି କହି ସନ୍ତୋଷ ପ୍ରକାଶ କରୁଛି । ସର୍ବୋପରି ମତର ସଂଘର୍ଷ ହେଉଛି ସ୍ପନ୍ଦନଶୀଳ ଅନୁଷ୍ଠାନର ଲକ୍ଷଣ । କିନ୍ତୁ ଏହି ଯୁକ୍ତି କେବଳ ସେତେବେଳେ ସତ୍ୟ ଯେପର୍ଯ୍ୟନ୍ତ ଏହି ସଂଘର୍ଷ କେବଳ ବିଚାରଧାରାରେ ସୀମିତ । ଏଠାରେ, କଥାଟି ଭିନ୍ନ । ପ୍ରଶ୍ନ ହେଉଛି ଆଇନର ବ୍ୟାଖ୍ୟା, ପ୍ରକ୍ରିୟାର ବୈଧତା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୀରବ ସଂଖ୍ୟାଗରିଷ୍ଠଙ୍କ ଅଧିକାର ବିଷୟରେ ଯାହାଙ୍କ ନାମ କେବଳ ଗୋଟିଏ ଦସ୍ତଖତ ଦ୍ୱାରା ଭୋଟର ତାଲିକାରୁ ବାଦ ଦିଆଯାଇପାରିବ । ବିରୋଧୀଙ୍କ କ୍ରୋଧ ଏହି ବିନ୍ଦୁରୁ ଉତ୍ପନ୍ନ ହୋଇଛି । ଯଦି ନିୟମର ବ୍ୟାଖ୍ୟା ଉପରେ ଅନୁଷ୍ଠାନ ଭିତରେ ସହମତି ସୃଷ୍ଟି ହୋଇପାରୁନାହିଁ, ତେବେ ସାଧାରଣ ନାଗରିକମାନେ କିପରି ସେମାନଙ୍କ ଭୋଟ ଉପରେ ଭରସା କରିପାରିବେ ?

ଆପଣ କ'ଣ ମତଦାନ ଅଧିକାର ସୁରକ୍ଷିତ ବୋଲି ଧରି ନେଇଛନ୍ତି ? ସ୍ପେଶାଲ୍ ଇଣ୍ଟେନ୍‌ସିଭ୍ ରିଭିଜନ ପ୍ରକ୍ରିୟା, ଯାହାକୁ ଝଓଜ ଭାବରେ ସଂକ୍ଷିପ୍ତ କରାଯାଏ, ଏହି ସମଗ୍ର ଏପିସୋଡ୍ ଉପରେ ଏକ ବିରାଟ ଛାଇ ପରି ଦେଖାଯାଉଛି । ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଏବେ ପଶ୍ଚିମବଙ୍ଗ ଦେଇ ରାଜଧାନୀ ଦିଲ୍ଲୀରେ ପହଞ୍ଚିଛି, ଓ ଏହା ସହିତ ଏକ ଅବ୍ୟକ୍ତ ଭୟ ବୃଦ୍ଧି ପାଇଛି ଯେ ଲକ୍ଷ ଲକ୍ଷ ପ୍ରକୃତ ଭୋଟରଙ୍କୁ ଏହି ଚାଲୁଣି ମାଧ୍ୟମରେ ଛାଣି ଦିଆଯାଇପାରେ । ତାଲିକାରୁ ୧୩୦ ନିୟୁତରୁ ଅଧିକ ନାମ ବାଦ ଦିଆଯିବା କୌଣସି ଛୋଟ ସଂଖ୍ୟା ନୁହେଁ । ଏହା ଏକ ସମୁଦ୍ରକୁ ପ୍ରତିନିଧିତ୍ୱ କରେ ଯେଉଁଥିରେ ସତ୍ୟ ଓ ଭୁଲର ମୁକ୍ତା ଓ ପଥର ସହାବସ୍ଥାନ କରନ୍ତି । ସେମାନଙ୍କୁ ପୃଥକ କରିବାର ଦାୟିତ୍ୱ ନେଇଥିବା ସଂସ୍ଥା ନିଜେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱରେ ଜୁଲୁମ ହେଉଛି ।

ସାର୍ (SIR) ସହ ଜଡିତ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି ବୋଲି କମିଶନଙ୍କ ଦାବି ଉପରସ୍ତରରେ ସନ୍ତୋଷଜନକ ମନେହୁଏ, କିନ୍ତୁ ନିକଟତର ପରୀକ୍ଷା କରିବା ପରେ, ଏହି ବ୍ୟାଖ୍ୟା ଏକ ପ୍ରଶ୍ନକୁ ଲୁଚାଇ ଦିଏ । ଯଦି ସର୍ବସମ୍ମତି ପ୍ରକୃତରେ ସମ୍ପୂର୍ଣ୍ଣ ଥିଲା, ତେବେ ଚଉଦଟି ଲିଖିତ ଆପତ୍ତିର ଯଥାର୍ଥତା କ'ଣ ଥିଲା ? ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଓ.ପି. ରାୱତଙ୍କ କଥାରେ ପ୍ରତିଫଳିତ ଅସ୍ୱସ୍ତି ଏହି ବିରୋଧାଭାସରୁ ସୃଷ୍ଟି ହୋଇଛି । ଯଦି ମତଭେଦ ପ୍ରକୃତ ଥିଲା, ତେବେ ଏହାକୁ କାହିଁକି ସାର୍ବଜନୀନ କରାଗଲା ନାହିଁ । ଯଦି ଏହା ବ୍ୟକ୍ତିଗତ ରହିଲା, ତେବେ ଏହା କ'ଣ ଆଇନ ଅନୁଯାୟୀ ଥିଲା ?

ଅସହଜ ସତ୍ୟକୁ ଏଡାଇବା ପାଇଁ ଏକ ବ୍ୟବସ୍ଥିତ ନୀରବତା ? ଏହା ପ୍ରଥମ ଥର ନୁହେଁ ଯେତେବେଳେ କମିଶନର କାନ୍ଥ ଭିତରୁ ଭିନ୍ନ ମତ ପ୍ରକାଶ ପାଇଛି । ୨୦୧୯ମସିହାର ଏକ ସ୍ମୃତିଚାରଣ କରି, ନିର୍ବାଚନ କମିଶନର ଅଶୋକ ଲାଭାସା ଦାବି କରିଥିଲେ ଯେ ତାଙ୍କର ଭିନ୍ନ ମତକୁ ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ ମାମଲାରେ ରେକର୍ଡ କରାଯାଉ ଓ ରେକର୍ଡ କରାଯାଉ । ଦଶ ବର୍ଷ ପୂର୍ବରୁ ୨୦୦୯ ମସିହାରେ ମୁଖ୍ୟ ନିର୍ବାଚନ କମିଶନର ଏନ. ଗୋପାଳସ୍ୱାମୀ ଓ କମିଶନର ନବୀନ ଚାୱଲାଙ୍କ ମଧ୍ୟରେ ଏକ ବିବାଦ ରାଷ୍ଟ୍ରପତିଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । ଇତିହାସର ଏହି ପୃଷ୍ଠାଗୁଡ଼ିକ ପ୍ରକାଶ କରେ ଯେ ଏହି ପ୍ରତିଷ୍ଠାନ ଏକ ଅଭେଦ୍ୟ ଦୁର୍ଗ ନୁହେଁ, ବରଂ ଏକ ସ୍ପନ୍ଦନଶୀଳ ମାନବ-ପରିଚାଳିତ ଗଠନ । ଯେଉଁଠାରେ ସମୟ ସମୟରେ ଅହଂକାର, ପାର୍ଥକ୍ୟ ଓ କ୍ଷମତା ସଂଘର୍ଷ ଦେଖାଦେଇଛି ।

ପଶ୍ଚିମବଙ୍ଗରୁ ମିଳିଥିବା ତଥ୍ୟ ଏହି ଚିନ୍ତାକୁ ଆହୁରି ଦୃଢ଼ କରେ । ପ୍ରାୟ ୩୭ ନିୟୁତ ଭୋଟର ଆବେଦନ ଟ୍ରିବ୍ୟୁନାଲ ସମ୍ମୁଖରେ ବିଚାରାଧୀନ ଥିବା ରିପୋର୍ଟ ହୋଇଛି । ଏପର୍ଯ୍ୟନ୍ତ ସମାଧାନ ହୋଇଥିବା ଅଧିକାଂଶ ମାମଲା ଭୋଟରଙ୍କ ସପକ୍ଷରେ ରହିଛି । ଏହି ତଥ୍ୟ ସୂଚାଇ ଦିଏ ଯେ ଯଦି ପ୍ରତି ୧୦୦,୦୦୦ ଆବେଦନ ମଧ୍ୟରୁ ୯୩,୦୦୦ ବୈଧ ବୋଲି ଜଣାପଡ଼େ ଓ କେବଳ ୭,୦୦୦ ଖାରଜ କରାଯାଏ, ତେବେ ବାକି ଲକ୍ଷ ଲକ୍ଷ ବିଚାରାଧୀନ ମାମଲା କେତେ ସଂଖ୍ୟାରେ ନାଗରିକଙ୍କ ନାମ ସେମାନଙ୍କର କୌଣସି ଦୋଷ ବିନା ତାଲିକାରୁ ବାଦ ଦିଆଯାଇଛି ? ଏହି ପ୍ରଶ୍ନ କେବଳ ଏକ ପରିସଂଖ୍ୟାନମୂଳକ ପ୍ରଶ୍ନ ନୁହେଁ, ବରଂ ପ୍ରତ୍ୟେକ ମୁହଁର ପ୍ରଶ୍ନ, ଯେଉଁମାନେ ମତଦାନ କେନ୍ଦ୍ରରେ ପହଞ୍ଚି ଶୁଣିବାକୁ ବାଧ ହୁଅନ୍ତି ଯେ ତାଲିକାରୁ ସେମାନଙ୍କ ନାମ ବାଦ ଦିଆଯାଇଛି ।




**ଡକ୍ଟର ଲକ୍ଷ୍ମଣ ସାହୁ**

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,

କଟକ-୪, ମୋ- ୯୦୪୦ ୧୫୧୪୭୫


ଗଣତନ୍ତ୍ରର ନିଃଶ୍ୱାସ ଭୋଟ ବାକ୍ସରେ ନୁହେଁ, ବରଂ ନାଗରିକମାନେ ସେମାନଙ୍କ ପ୍ରତିଷ୍ଠାନରେ ଯେଉଁ ବିଶ୍ୱାସ ରଖିଛନ୍ତି ସେଥିରେ ରହିଛି । ଏହି ବିଶ୍ୱାସ କାଚ ପରି ସ୍ୱଚ୍ଛ ହେବା ଉଚିତ୍ । କିନ୍ତୁ ଆଭ୍ୟନ୍ତରୀଣ ମତଭେଦର ଉତ୍ତାପକୁ ପ୍ରତିରୋଧ କରିବା ପାଇଁ ଯଥେଷ୍ଟ ଦୃଢ଼ ହେବା ଉଚିତ୍ । ଏଥିପାଇଁ କମିଶନକୁ ଏହାର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମୌଖିକ ଆଲୋଚନା ଓ ଲିଖିତ ଡକ୍ୟୁମେଣ୍ଟେସନ୍ ମଧ୍ୟରେ ଏକ ସ୍ପଷ୍ଟ ରେଖା ଟାଣିବାକୁ ପଡିବ । ଯାହା ଦ୍ ?ାରା ମତଭେଦକୁ ସାର୍ବଜନୀନ ପ୍ରଦର୍ଶନରେ ପରିବର୍ତ୍ତେ ଅନୁଷ୍ଠାନ ମଧ୍ୟରେ ସମାଧାନ କରାଯାଇପାରିବ । ଏହା ବ୍ୟତୀତ, କମିଶନରଙ୍କ କ୍ଷମତା, ଅଭିଯୋଗ ଦାଖଲ କରିବାର ଆଇନଗତ ପ୍ରକ୍ରିୟା ଓ ମତଭେଦ ହେଲେ ଅନୁସରଣ କରାଯିବା ପ୍ରକ୍ରିୟାଗୁଡ଼ିକୁ ଏତେ ସ୍ପଷ୍ଟ ଭାବରେ ପରିଭାଷିତ କରାଯିବା ଉଚିତ ଯେ ଭବିଷ୍ୟତରେ 'ଧମକ' ଓ 'ଅସମତି' ଭଳି ଶବ୍ଦଗୁଡ଼ିକ ବିବାଦୀୟହୋଇଯିବ ନାହିଁ ।

ଏଠାରେ ଚୂଡ଼ାନ୍ତ ସତ୍ୟ ହେଉଛି ଯେ ନିର୍ବାଚନ କମିଶନରମାନଙ୍କ ପାରସ୍ପରିକ ଦାବିର ସତ୍ୟତା ଓ ମିଥ୍ୟା କେବଳ ସଂସଦରେ ମହାଭିଯୋଗର ସମ୍ବିଧାନିକ ପ୍ରକ୍ରିୟା କିମ୍ବା ଅନ୍ୟ ଆଇନଗତ ଉପାୟ ମାଧ୍ୟମରେ ନିର୍ଣ୍ଣୟ କରାଯିବା । କିନ୍ତୁ ଏହା ପୂର୍ବରୁ,କିଛି ପ୍ରଶ୍ନ ଅଛି ଯାହାକୁ ସମ୍ପୂର୍ଣ୍ଣ ସଚ୍ଚୋଟତା ଓ ଗମ୍ଭୀରତାର ସହିତ ସମାଧାନ କରାଯିବା ଆବଶ୍ୟକ । ଯିଏ ଦୋଷୀ ସାବ୍ୟସ୍ତ ହୁଏ, ତାଙ୍କ ବିରୁଦ୍ଧରେ ଯଥାସମ୍ଭବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ । କାରଣ ଏହି ପ୍ରସଙ୍ଗ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଆଘାତ ବିଷୟରେ ନୁହେଁ, ବରଂ ଲକ୍ଷ ଲକ୍ଷ ନାଗରିକଙ୍କ ସାମ୍ବିଧାନିକ ଅଧିକାର ବିଷୟରେ । ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ଏହି ପ୍ରସଙ୍ଗକୁ ରାଜନୈତିକ ଅସ୍ତ୍ରରେ ପରିଣତ କରିବା ଅପେକ୍ଷା ସାଂଗଠନିକ ସଂସ୍କାର ପାଇଁ ଗମ୍ଭୀରତା ଦେଖାଇବା ଉଚିତ୍ ।

ଏକଥା ମନେ ରଖିବାକୁ ହେବ ଯେ ଅନୁଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଗୋଟିଏ ନିଷ୍ପତ୍ତି କିମ୍ବା ଗୋଟିଏ ବିବାଦ ଦ୍ୱାରା ନୁହେଁ, ବରଂ ସମୟ ସହିତ ସଂଗୃହିତ ବିଶ୍ୱାସ ଦ୍ୱାରା ନିର୍ମିତ ହୁଏ । ଯେପରି ଏକ ଗଛ ବର୍ଷ ବର୍ଷର କଠୋରତା ମାଧ୍ୟମରେ ଘନ ଛାଇରେ ବଢ଼ିଥାଏ, ସେହିପରି ନିର୍ବାଚନ କମିଶନ ଦଶନ୍ଧି ଧରି ନିରପେକ୍ଷ ଆଚରଣ ମାଧ୍ୟମରେ ଏହାର ବିଶ୍ୱସନୀୟତା ଅର୍ଜନ କରିଛି । କିନ୍ତୁ ଏହି ବିଶ୍ୱସନୀୟତା ଏକ କାଚ ପ୍ରତିମୂର୍ତ୍ତି ପରି ଭଙ୍ଗୁରଙ୍କ ଗୋଟିଏ ଆଘାତ ଓ ଫାଟ ବହୁଦୂରକୁ ବ୍ୟାପିଯାଏ ।

ତେଣୁ ସମାଲୋଚନାର ସାମ୍ନାରେ ପ୍ରତିରକ୍ଷା କରିବା ପରିବର୍ତ୍ତେ କମିଶନ ନିଜେ ଆଗକୁ ବଢ଼ି ସ୍ୱଚ୍ଛତାର ଉଦାହରଣ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ । ଗଣମାଧ୍ୟମ, ବୁଦ୍ଧିଜୀବୀ ଓ ସଚେତନ ଭୋଟର ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ୍ ଯାହା ନିଶ୍ଚିତ କରିବ ଯେ ଏହି ବିତର୍କ ରାଜନୈତିକ ଅଭିଯୋଗ ଓ ପ୍ରତି-ଆରୋପର ଶବ୍ଦରେ ହଜି ନଯାଏ, ବରଂ ଏହାର ପରିଣାମ କଂକ୍ରିଟ୍ ସାଂଗଠନିକ ସଂସ୍କାରରେ ପରିଣତ ହୁଏ... !

# ଯୁବଶକ୍ତି ବିକଶିତ ଭାରତର ପ୍ରାଣକେନ୍ଦ୍ର

ବିକଶିତ ଭାରତର ପ୍ରାଣକେନ୍ଦ୍ର ହେଉଛି ଯୁବଶକ୍ତି । ଯେକୌଣସି ଦେଶର ପ୍ରଗତି ଓ ସମୃଦ୍ଧି ତାହାର ଯୁବପିଢ଼ିର ଚିନ୍ତାଧାରା, ପରିଶ୍ରମ ଓ ସାମର୍ଥ୍ୟ ଉପରେ ନିର୍ଭର କରେ । ପୃଥିବୀର ବୃହତ୍ତମ ଗଣତନ୍ତ୍ର ଭାରତ ବିଭିନ୍ନ କାରଣରୁ ସେମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ରୂପେ ଆବିର୍ଭୂତ ହୋଇଛି । ଭାରତରେ ପରିଦୃଷ୍ଟ ରାଜନେ ?ତିକ ସ୍ଥିରତା, ଆଇନର ଶାସନ ସହିତ ମିଶି ରହିଛି ଏକ ବୃହତକାୟ ଶିକ୍ଷିତ ଯୁବ ଶ୍ରମଶକ୍ତି, ନୂତନ ଆଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ନେତୃସ୍ଥାନୀୟ ଅଗ୍ରଗତି ଓ ଏକ ବିଶାଳ ଆଭ୍ୟନ୍ତରୀଣ ବଜାର । ନିକଟ ଭବିଷ୍ୟତରେ ତେଣୁ ଭାରତ ତା'ର ଏହି ସମସ୍ତ ଅନ୍ତର୍ନିହିତ ଶକ୍ତି ବଳରେ ଏକ ବିକଶିତ ଅର୍ଥନୀତିରେ ପରିଣତ ହୋଇ ଆନ୍ତର୍ଜାତିକ ଅର୍ଥନେ ?ତିକ ପ୍ରତିଯୋଗିତାରେ ଯେ ବିଜୟ ଲାଭ କରିବାକୁ ଯାଉଛି । କୁହାଯାଏ ଯେ କୌଣସି ଦେଶକୁ ଆଗକୁ ବଢିବାକୁ ହେଲେ, ଏହାର ଯୁବ ସମାଜ ସଶକ୍ତ ଏବଂ ଦକ୍ଷ ହେବା ଆବଶ୍ୟକ । ଭାରତ ହେଉଛି ବିଶ୍ୱର ସେହି ଦେଶ ଯେଉଁଠାରେ ଯୁବକମାନଙ୍କର ସଂଖ୍ୟା ସର୍ବାଧିକ । ଦେଶର ବିକାଶର ଗତି ଯୁବକମାନଙ୍କ ଶକ୍ତି,ଚିନ୍ତାଧାରା ଏବଂ ନିଷ୍ଠା ଦ୍ୱାରା ନିରୁପିତ ହୋଇଥାଏ । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ, ଭାରତ କର୍ମଶକ୍ତିରେ ୭୦ ପ୍ରତିଶତ ମହିଳା ଅଂଶଗ୍ରହଣ ନିଶ୍ଚିତ କରିବାର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି । ମହିଳା ସଶକ୍ତୀକରଣ ଜାତୀୟ ପ୍ରଗତିରେ ଏକ ପ୍ରମୁଖ ଅଂଶିଦାର । ମହିଳାମାନେ ଆଉ ପାରମ୍ପରିକ ଭୂମିକାରେ ସୀମିତ ନାହାନ୍ତି, ସେମାନେ ଅତୀତର ଶିଙ୍କୁଳି ଛିଣ୍ଡାଇ ଦେଶର ଆର୍ଥିକ ଭବିଷ୍ୟତ ଗଠନର ଦାୟିତ୍ୱ ନେଉଛନ୍ତି । ଗ୍ରାମୀଣ ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି କର୍ପୋରେଟ୍ ନେତୃତ୍ୱ ପର୍ଯ୍ୟନ୍ତ, ମହିଳାମାନେ ଏକ ବିକଶିତ ଭାରତ ଆଡ଼କୁ ନିଜେ ନେତୃତ୍ୱ ନେଉଛନ୍ତି ।

ବିଶ୍ୱର ସବୁଠାରୁ ଯୁବ ଦେଶ ମଧ୍ୟରେ ଭାରତ ଅନ୍ୟତମ, ଯେଉଁଠାରେ ଅଧିକାଂଶ ଜନସଂଖ୍ୟା କାର୍ଯ୍ୟକ୍ଷମ ଏବଂ କ୍ଷମତାଶାଳୀ । ବିକଶିତ ଭାରତ ଗଠନରେ ଯୁବଶକ୍ତିର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କାର୍ଯ୍ୟକ୍ରମ ମଧ୍ୟରେ ନବସୃଜନ ଓ ଷ୍ଟାର୍ଟଅପ୍ ଉଦ୍ୟୋଗୀ ମାନସିକତା । ଆଜିର ଯୁବପିଢ଼ି କେବଳ ଚାକିରି ଖୋଜୁନାହାନ୍ତି, ବରଂ ଚାକିରି ସୃଷ୍ଟି କରୁଛନ୍ତି । ନୂତନ ଜ୍ଞାନକୌଶଳ, କୃଷି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ନୂଆ ନୂଆ ନବସୃଜନତ୍ମାକ ପ୍ରକଳ୍ପ ଆରମ୍ଭ କରି ଯୁବପିଢ଼ି ଭାରତକୁ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଆଡ଼କୁ ଆଗେଇ ନେଉଛନ୍ତି । ଡିଜିଟାଲ୍ ବିପ୍ଳବ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଗୋଷ୍ଠୀଗତ ଶୃଙ୍ଖଳା ଏବଂ ରୋବୋଟିକ୍ସ ଭଳି ଆଧୁନିକ ଜ୍ଞାନକୌଶଳକୁ ଆପଣାଇବାରେ ଯୁବକମାନେ ଆଗଧାଡ଼ିରେ ଅଛନ୍ତି । ନୂତନ ଜାତୀୟ ଶିକ୍ଷାନୀତି -୨୦୨୦ ଏବଂ 'ଦକ୍ଷତା ଭାରତ' ଭଳି ଯୋଜନା ମାଧ୍ୟମରେ ଯୁବପିଢ଼ି ଆଧୁନିକ ବଜାରର ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରୁଛନ୍ତି । ବୈଶ୍ୱିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଭାରତୀୟ ମେଧାବୀ ଯୁବକମାନେ ବିଶ୍ୱର ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ନେତୃତ୍ୱ ନେଉଛନ୍ତି, ଯାହା ଭାରତର ବୌଦ୍ଧିକ କ୍ଷମତାକୁ ପ୍ରମାଣିତ କରୁଛି । ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ମାଧ୍ୟମରେ ଆଜିର ଯୁବ ସମାଜ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ଏବଂ ସ୍ୱଚ୍ଛତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରୁଛନ୍ତି । ନେତୃତ୍ୱ ସୃଷ୍ଟି କରି ରାଜନୀତି ଏବଂ ପ୍ରଶାସନରେ ଯୁବପିଢ଼ିର ଅଂଶଗ୍ରହଣ ଦେଶର ନୀତି ନିର୍ଦ୍ଧାରଣକୁ ଏକ ନୂଆ ଦିଗ ଦେଉଛି ଯୁବ ପିଢୀ । ଅଲିମ୍ପିକ୍ସ, ପାରାଲିମ୍ପିକ୍ସ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୁବ କ୍ରିଡାବିତି ଦେଶ ପାଇଁ ପଦକ ଜିତି ଭାରତର ନାମ ସାର୍ଥକ କରୁଛନ୍ତି । ବିକଶିତ ଭାରତ ପାଇଁ ଆବଶ୍ୟକୀୟ ପଦକ୍ଷେପ ଯୁବଶକ୍ତିର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ହେଲେ କେତେକ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ, ଯେପରିକି ସୁଯୋଗର ସମାନତା ଦିଗରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଯୁବକମାନଙ୍କୁ ସମାନ ଶିକ୍ଷା ଓ ରୋଜଗାରର ସୁଯୋଗ ମିଳିବା ଉଚିତ । ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୁବପିଢ଼ିକୁ ନିଶାଦ୍ରବ୍ୟରୁ ଦୂରେଇ ରଖି ସେମାନଙ୍କର ସ୍ୱାସ୍ଥ୍ୟ ଓ ସକାରାତ୍ମକ ମାନସିକତା ଉପରେ କାର୍ଯ୍ୟ କରିବାକୁ ହେବ ।




**କିଶୋର ଚନ୍ଦ୍ର ବେହେରା**

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ

ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ

ନନ୍ଦପୁର, ଜିଲ୍ଲା: କୋରାପୁଟ,

୯୪୩୭୯୫୫୫୬୮


ଯୁବପିଢ଼ୀଙ୍କ ନେତୃତ୍ୱ, ସୃଜନଶୀଳତା ଓ ନବସୃଜନକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେବା ଉଦ୍ଦେଶ୍ୟରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ -୨୦୨୭' ସମ୍ପର୍କରେ ସରକାର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱ ଦେଉଛନ୍ତି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ ' ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ମାଧ୍ୟମରେ ଯୁବମାନଙ୍କୁ 'ବିକଶିତ ଭାରତ ୯୨୦୪୭'ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ ଉପସ୍ଥାପନ କରିବାର ଅପୂର୍ବ ସୁଯୋଗ ମିଳିପାରିବ । ଏହି ସଂଳାପ ହେଉଛି ରାଜ୍ୟ ଓ ଦେଶର ଆଗାମୀ ଯୁବ ନେତାମାନଙ୍କ ପାଇଁ 'ଖେଳପଡ଼ିଆରୁ ସଂସଦ' ଏବଂ 'ଶ୍ରେଣୀଗୃହରୁ ପରିଷଦ କକ୍ଷ' ପର୍ଯ୍ୟନ୍ତ ପହଞ୍ଚିବାର ଏକ ଦକ୍ଷ ମଞ୍ଚ । ଚିନ୍ତାଧାରାରୁ ନବସୃଜନ ପ୍ରକ୍ରିୟାରେ ବିଭିନ୍ନ ଉତ୍ପାଦ ଓ ସେବା ସାମିଲ ରହିଛି । ଯୁବପିଢ଼ିଙ୍କ ମଧ୍ୟରେ ଥିବା ନୂତନ ଚିନ୍ତାଧାରା ଏବଂ ନବସୃଜନକୁ କିପରି ସମୃଦ୍ଧ ଓ ପ୍ରୋତ୍ସାହିତ କରାଯାଇପାରିବ, ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉତ୍ତମ ଚିନ୍ତାଧାରାଗୁଡ଼ିକୁ ସାକାର କରିବା ପାଇଁ ସରକାର ଆଇଆଇଟି ଏବଂ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକର ସହାୟତା ମଧ୍ୟ ନେଉଛନ୍ତି । ଏହି କାର୍ଯ୍ୟକ୍ରମରେ ବିକଶିତ ଭାରତ ଚ୍ୟାଲେଞ୍ଜ, କଲଚରାଲ ଟ୍ରାକ୍, ଡିଜାଇନ୍ ଫର୍ ଭାରତ, ହ୍ୟାକ୍ ଫର୍ ସୋସିଆଲ୍ କଜ୍, ୟୁଥ୍ ଆଣ୍ଟ୍ରେପ୍ରେନରସିପ୍ ଚ୍ୟାଲେଞ୍ଜ ଏବଂ ୟୁଥ୍ ପାର୍ଲାମେଣ୍ଟ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ରହିଛି । ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଯୁବପିଢ଼ୀଙ୍କୁ ମାଇଁ ଭାରତ ପୋର୍ଟାଲ ଜରିଆରେ ଏହି ପ୍ରତିଯୋଗିତାରେ ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବାକୁ ସରକାର ଓ ଜନପ୍ରତିନିଧି ଆହ୍ୱାନ ଦେଇଛନ୍ତି ।



ଗ୍ରାମ ହେଉଛି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆତ୍ମା । ଗ୍ରାମରେ ଭରି ରହିଛି ନିଜ ରାଜ୍ୟର ସଂସ୍କୃତି, ପରମ୍ପରା ଓ ବଣଜଙ୍ଗଲ ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ । କୃଷି, ପରିଶ୍ରମ ଓ ସହଯୋଗ ମାଧ୍ୟମରେ ଗ୍ରାମୀଣ ଜୀବନ ଗଢ଼ି ଉଠେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ । ଯେତେବେଳେ ଗ୍ରାମର ଉନ୍ନତି, ଶିକ୍ଷା, ସ୍ୱଚ୍ଛତା ଓ ରୋଜଗାରର ବୃଦ୍ଧି ପାଏ, ସେତେବେଳେ ସମଗ୍ର ରାଜ୍ୟ ଆଗକୁ ବଢ଼େ । ଗ୍ରାମର ସୁଦୃଢତା ଓ ସମୃଦ୍ଧି ଏକ ବିକଶିତ ଓଡ଼ିଶା ଗଢ଼ିବାର ପ୍ରମୁଖ ଆଧାର । ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଏକ ଜନମଙ୍ଗଳକାରୀ ଯୋଜନା ''ବିକଶିତ ଗାଁ ବିକଶିତ ଓଡ଼ିଶା'' ଯୋଜନା କାର୍ଯ୍ୟକାରୀ ହେଉଛି । ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା, ପୋଲ, ଖେଳପ ?ିଆ, ମୁକ୍ତ ବ୍ୟାୟାମ କେନ୍ଦ୍ର ଓ ଜଳାଶୟ ଆଦିର ବିକାଶ, ଭାଗବତ ଟୁଙ୍ଗୀ, ଭୋଗମଣ୍ଡପ ଓ ପୂଜାସ୍ଥଳୀର ନିର୍ମାଣ ଓ ପୁନରୁଦ୍ଧାର ସହ ସାଂସ୍କୃତିକ କେନ୍ଦ୍ର, ଗ୍ରନ୍ଥାଗାର ଆଦି ପାଇଁ ଏହି ପାଣ୍ଠି ଖର୍ଚ୍ଚ କରାଯାଇପାରିବ । ସେହିପରି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ, ସର୍ବସାଧାରଣ ଉପଯୋଗ ନିମନ୍ତେ କଲ୍ୟାଣ ମଣ୍ଡପ, ଗୋଷ୍ଠୀ କେନ୍ଦ୍ର, ପୋଖରୀ ଓ ନଦୀରେ ଗାଧୁଆ ଘାଟ, ଅସ୍ଥାୟୀ ବଜାର ଓ ନାଳ ନର୍ଦ୍ଦମା ଆଦି ନିର୍ମାଣ ମଧ୍ୟ ହୋଇପାରିବ । ସ୍ୱାମୀ ବିବେକାନନ୍ଦ କହିଥିଲେ, 'ମୋର ବିଶ୍ୱାସ ଯୁବପିଢ଼ୀ ଉପରେ ଅଛି ।' ଯଦି ଭାରତର ଯୁବଶକ୍ତି ସଠିକ୍ ଦିଗରେ ନିଜର ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବେ, ତେବେ ଭାରତକୁ ଏକ ବିଶ୍ୱଗୁରୁ ଏବଂ ବିକଶିତ ରାଷ୍ଟ୍ର ହେବାରୁ କେହି ଅଟକାଇ ପାରିବେ ନାହିଁ ।

# ନେପାଳରେ ପୁଣି ପ୍ରବଳ ବନ୍ୟା

## ଶୋଇଥିଲେ ଲୋକେ, ହଠାତ ଭାସିଗଲା ୩ ପୋଲ, ଅନେକ ଘରେ ପଶିଲା ପାଣି



କାଠମାଣ୍ଡୁ,୧୧।୧୦: ନେପାଳରେ ପୁଣି ବଡ଼ ବନ୍ୟା। ହଠାତ୍ ନେପାଳର ଗୋରଖା ଜିଲାର ବୁଢ଼ୀ ଗଣ୍ଡକୀ ନଦୀରେ ଆସିଥିବା ପ୍ରବଳ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏଥିରେ ତିନୋଟି ପୋଲ ଭାସିଯାଇଥିବା ବେଳେ ବନ୍ୟାଜଳ ଅନେକ ଘରକୁ ଜଳମଗ୍ନ କରିଦେଇଛି। କିଛି ଅଞ୍ଚଳରେ ରାସ୍ତାଘାଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ନେପାଳର ବିପର୍ଯ୍ୟୟ ପରିଚାଳନା ବିଭାଗ ନଦୀ କୂଳରେ ବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ଏବଂ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଛି। ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାରକାରୀ ଦଳ ଲୋକଙ୍କୁ ସହାୟତା ଯୋଗାଉଛନ୍ତି। ନେପାଳ ପୋଲିସର ସୂଚନା ଅନୁଯାୟୀ, ଚୁମନୁବିରି ଗ୍ରାମୀଣ ପୌରପାଳିକାର ୱାର୍ଡ ନଂ-୬ ଅନ୍ତର୍ଗତ ଲୋକପା ଏବଂ ଚୁମଲିଂ ମଧ୍ୟରେ ମାଟି ଓ ପଥର ଖସିବା (ଭୂସ୍ଖଳନ) ଯୋଗୁ ନଦୀର ପ୍ରବାହ ବାଧାପ୍ରାପ୍ତ ହୋଇଥିଲା। ଏହା ଫଳରେ ହଠାତ ବନ୍ୟା ସୃଷ୍ଟି ହୋଇଥିଲା ଯାହା ଆଖପାଖ ଅଞ୍ଚଳକୁ ପ୍ରଭାବିତ କରିଥିଲା। ନଦୀର ପ୍ରବଳ ସ୍ରୋତ ଚୁମନୁବିର-୩ ଅଞ୍ଚଳର ନିୟାକଚେଟ ଏବଂ ସିର୍ଦିବାସକୁ ସଂଯୋଗ କରୁଥିବା ଏକ ପୁରୁଣା ଝୁଲା ପୋଲକୁ ଉସାଇ ନେଇଥିଲା। ସେହିଭଳି, ଧାରଚେ-୫ ଅଞ୍ଚଳର ମାଛାଖୋଲା ଏବଂ କେରାଉଜାକୁ ସଂଯୋଗ କରୁଥିବା ଅନ୍ୟ ଏକ ଝୁଲା ପୋଲ ମଧ୍ୟ ଭାସିଯାଇଥିଲା। ଏହା ବ୍ୟତୀତ, ଆରୁଘାଟର ୱାର୍ଡ ନଂ-୨ ଓ ୩କୁ ସଂଯୋଗ କରୁଥିବା ସୋଟିସ୍ଥିତ ଲୁହା ପୋଲ ମଧ୍ୟ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି।

ମାଛାଖୋଲାର ନିମ୍ନ ଅଞ୍ଚଳରେ ଥିବା ପ୍ରାୟ ୫ରୁ ୭ଟି ଘର ମଧ୍ୟକୁ ବନ୍ୟାଜଳ ପ୍ରବେଶ କରିଛି। ଏଥିସହିତ, ଧାରଚେ-୩ର ସାଲେରୀ ଅଞ୍ଚଳରେ ଥିବା ୨୦ରୁ ୨୨ଟି ଘର ବିପଦ ମଧ୍ୟରେ ରହିଛି। ନେପାଳର ବିପର୍ଯ୍ୟୟ ପରିଚାଳନା ବିଭାଗ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ଢ) ମାଧ୍ୟମରେ ଏକ ସତର୍କବାଣୀ ଜାରି କରି ଲୋକମାନଙ୍କୁ ତ୍ରିଶୂଳୀ ଦୋଭାନ ପର୍ଯ୍ୟନ୍ତ ନଦୀ କୂଳକୁ ନ ଯିବାକୁ ପରାମର୍ଶ ଦେଇଛି। ବନ୍ୟାଜଳ ନ କମିବା ପର୍ଯ୍ୟନ୍ତ ଉଚ୍ଚ ଓ ସୁରକ୍ଷିତ ସ୍ଥାନରେ ରହିବାକୁ ଏବଂ ସତର୍କତା ଅବଲମ୍ବନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

ନେପାଳ ପୂର୍ବରୁ ମଧ୍ୟ ଭୟଙ୍କର ବନ୍ୟାର ସମ୍ମୁଖୀନ ହୋଇଛି। ଉପଲବ୍ଧ ସୂଚନା ଅନୁଯାୟୀ, ଅଗଷ୍ଟ ୨୬ରେ ଭୋଟେ କୋଶୀ ନଦୀରେ ଆସିଥିବା ଭୟଙ୍କର ବନ୍ୟା ଯୋଗୁ ବ୍ୟାପକ ଜୀବନ ଓ ସମ୍ପତ୍ତି ହାନି ଘଟିଥିଲା। ଉକ୍ତ ବିପର୍ଯ୍ୟୟରେ ୧,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଏବଂ ୬,୦୦୦ରୁ ଅଧିକ ଲୋକ ନିଖୋଜ ହୋଇଯାଇଥିବା ଖବର ମିଳିଥିଲା। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଏହି ବନ୍ୟା ଯୋଗୁ ନେପାଳର ପ୍ରାୟ ୧.୬୬ ବିଲିୟନ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ଅର୍ଥନୈତିକ କ୍ଷତି ହୋଇଥିଲା ଏବଂ ଏଥିମଧ୍ୟରୁ ପ୍ରାୟ ୮୩ ପ୍ରତିଶତ କ୍ଷତି ଭିତ୍ତିଭୂମି ସହ ଜଡ଼ିତ ଥିଲା।

ଅଗଷ୍ଟ ମାସରେ ଆସିଥିବା ବନ୍ୟାର ପ୍ରଭାବ ରାସୁୱା ଜିଲାରୁ ଆରମ୍ଭ କରି ନୁୱାକୋଟ ଏବଂ ଧାଡିଂ ପର୍ଯ୍ୟନ୍ତ ବ୍ୟାପିଥିଲା। ଏହି ସମୟ ମଧ୍ୟରେ, ମୋଟ ୨୮୧ ମେଗାୱାଟ କ୍ଷମତା ବିଶିଷ୍ଟ ଆଠଟି କାର୍ଯ୍ୟକ୍ଷମ ଜଳବିଦ୍ୟୁତ ପ୍ରକଳ୍ପ ଏବଂ ୩୮୮ ମେଗାୱାଟ କ୍ଷମତା ବିଶିଷ୍ଟ ନିର୍ମାଣାଧୀନ ଥିବା ଚାରୋଟି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟା ଓ ଭୂସ୍ଖଳନ ଯୋଗୁ ଗାଲଚି-ବେତ୍ରାୱତୀ-ରାସୁୱାଗଢ଼ି ରାସ୍ତା ଏବଂ ପୃଥ୍ୱୀ ରାଜପଥର ବିଭିନ୍ନ ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହା ବ୍ୟତୀତ, ୪୮ଟି ଝୁଲା ପୋଲ ଏବଂ ଯାନବାହାନ ଚଳାଚଳ ପାଇଁ ବ୍ୟବହୃତ ୩୧ଟି ପୋଲ ମଧ୍ୟ ପ୍ରଭାବିତ ହୋଇଥିଲା। ନେପାଳର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ବାଲେନ ଶାହ ମିଳିତ ଜାତିସଂଘ ସାଧାରଣ ସଭାରେ ହିମାଳୟ ଅଞ୍ଚଳ ପ୍ରତି ବୃଦ୍ଧି ପାଉଥିବା ପରିବେଶଗତ ବିପଦର ପ୍ରସଙ୍ଗ ଉଠାଇଥିଲେ। ଅଗଷ୍ଟ ମାସର ବନ୍ୟା ପରେ ସହାୟତା ଯୋଗାଇଥିବାରୁ ସେ ଭାରତ ଓ ଚାଇନାକୁ କୃତଜ୍ଞତା ଜଣାଇଥିଲେ। ଶାହ ଉଲ୍ଲେଖ କରିଥିଲେ ଯେ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁ ପର୍ବତର ବରଫାବୃତ ଭୂମି ତରଳି ଯାଉଛି, ଯାହା ଫଳରେ ପାର୍ବତ୍ୟ ଭୂଭାଗ ଅସ୍ଥିର ହୋଇପଡୁଛି। ଏହା ହିମସ୍ଖଳନ, ପଥର ଖସିବା, ବନ୍ୟା ଏବଂ ଭୂସ୍ଖଳନର ଆଶଙ୍କା ବଢ଼ାଇଥାଏ। ବୁଢ଼ୀ ଗଣ୍ଡକୀ ନଦୀରେ ସମ୍ପ୍ରତି ଆସିଥିବା ବନ୍ୟା ନେପାଳର ପାର୍ବତ୍ୟ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଆହ୍ୱାନକୁ ପୁନର୍ବାର ସାମ୍ନାକୁ ଆଣିଛି।

## ରିୟାଦ ବିମାନବନ୍ଦର ଉପରେ ବଡ଼ ଧରଣର ଆକ୍ରମଣ, ୧୨ ମୃତ ୩୦୦ରୁ ଅଧିକ ଆହତ



ରିଦ,୧୧।୧୦: ସାଉଦି ଆରବ ଏବଂ ୟେମେନର ହୁଥି ବିଦ୍ରୋହୀଙ୍କ ମଧ୍ୟରେ କ୍ରମାଗତ ଆକ୍ରମଣ ଜାରି ରହିଛି। ସମ୍ପ୍ରତି, ହୁଥି ବିଦ୍ରୋହୀମାନେ ସାଉଦି ଆରବର ରାଜଧାନୀ ରିୟାଦସ୍ଥିତ 'କିଙ୍ଗ ଖାଲିଦ ଆନ୍ତର୍ଜାତୀୟ ବିମାନବନ୍ଦର'କୁ ଟାର୍ଗେଟ କରିଥିଲେ। ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ଅତିକମରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଉପଲବ୍ଧ ସୂଚନା ଅନୁଯାୟୀ, ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ମୃତକଙ୍କ ମଧ୍ୟରେ ଚାରିଜଣ ସାଉଦି ନାଗରିକଙ୍କ ସମେତ ବାଂଲାଦେଶ, ପାଲେଷ୍ଟାଇନ, ଯୁକ୍ତରାଷ୍ଟ୍ର ଆମେରିକା, ଇଜିପ୍ଟ, ଜୋର୍ଡାନ, ସିରିଆ ଏବଂ ସୁଦାନର ନାଗରିକମାନେ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଘଟଣା ପରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଏବଂ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଉଲ୍ଲେଖନୀୟ ଯେ, ଇରାନକୁ ନେଇ ଚାଲିଥିବା ସଂଘର୍ଷ ଯୋଗୁ ମଧ୍ୟ-ପୂର୍ବ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ହୁଥି ବିଦ୍ରୋହୀମାନେ ଏହି ଆକ୍ରମଣ କରିଛନ୍ତି। ଏହି ସମୟରେ, ସାଉଦି ଆରବର ବିମାନବନ୍ଦର, ସାମରିକ ଘାଟି ଏବଂ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣର ଖବର ଆଞ୍ଚଳିକ ସୁରକ୍ଷା ନେଇ ଚିନ୍ତା ବଢ଼ାଇ ଦେଇଛି।

ଏହି ଆକ୍ରମଣ ପରେ, ସାଉଦି ଆରବର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ରିୟାଦ ବିମାନବନ୍ଦରରେ କାର୍ଯ୍ୟକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଅଧିକାରୀମାନେ କ୍ଷୟକ୍ଷତି ଆକଳନ ଏବଂ ଆହତଙ୍କ ସ୍ଥିତି ସମୀକ୍ଷା କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏକ ସରକାରୀ ବିମାନ ଚଳାଚଳ ନୋଟିସ ଅନୁଯାୟୀ, କାର୍ଯ୍ୟର ସ୍ଥଗିତ ମଧ୍ୟରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଫ୍ଲାଇଟ ଟ୍ରାକିଂ ସେବା ରକ୍ଷସଶଷଜ୍ଞଜବୟବକ୍ସ୨୪ ରିପୋର୍ଟ କରିଛି ଯେ ପ୍ରଭାବିତ ବିମାନଗୁଡ଼ିକୁ ଅନ୍ୟ ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଇଛି। ଏହି ସମୟରେ, ସୁରକ୍ଷା ଚିନ୍ତାକୁ ଉଦ୍ଧୃତ କରି, କିଛି ଏୟାରଲାଇନ୍ସ ପୂର୍ବରୁ ରିୟାଦ ଏବଂ ସାଉଦି ଆରବର ଅନ୍ୟାନ୍ୟ ବିମାନବନ୍ଦରକୁ ଉଡ଼ାଣ ବାତିଲ କରିସାରିଛନ୍ତି। ଗଣମାଧ୍ୟମ ରିପୋର୍ଟ ମନେ ପକାଇଛି ଯେ ଇରାନ-ସମର୍ଥିତ ହୁଥି ବିଦ୍ରୋହୀମାନେ ପୂର୍ବରୁ ବିମାନବନ୍ଦର ଉପରେ ଆକ୍ରମଣ ପାଇଁ ଦାୟୀ ହୋଇଥିଲେଙ୍କ ସେହି ଘଟଣାଗୁଡ଼ିକରେ ଜଣେ ପାଇଲଟ ସମେତ ତିନି ଜଣ ସାଉଦି ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଜଣେ ଆଞ୍ଚଳିକ ଅଧିକାରୀଙ୍କ ଉଦ୍ଧୃତି ଦେଇ, ଏହା ରିପୋର୍ଟ କରାଯାଇଥିଲା ଯେ ଶନିବାର ନିକ୍ଷେପ କରାଯାଇଥିବା ଏକ କ୍ଷେପଣାସ୍ତ୍ର ଘରୋଇ ବିମାନ ପରିଚାଳନା ପାଇଁ ବ୍ୟବହୃତ ଟର୍ମିନାଲ ୩ ଏବଂ ୪ କମ୍ପ୍ଲେକ୍ସ ହାଉସିଂ ଉପରେ ପଡ଼ିଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସାଉଦି ଆରବ ଏବଂ ହୁଥି ବିଦ୍ରୋହୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ୟେମେନରେ ସାଉଦି ନେତୃତ୍ୱାଧୀନ ମିଳିତ ସେନା ଏବଂ ହୁଥି ବିଦ୍ରୋହୀଙ୍କ ମଧ୍ୟରେ ତୀବ୍ର ହେଉଥିବା ସଂଘର୍ଷ ପଡ଼ୋଶୀ ଦେଶଗୁଡ଼ିକର ସୁରକ୍ଷା ଉପରେ ମଧ୍ୟ ପ୍ରଭାବ ପକାଉଛି। ଏହି ମିଳିତ ସେନା ୟେମେନର ସରକାରୀ ବାହିନୀକୁ ଆକାଶମାର୍ଗରୁ ସହାୟତା ଯୋଗାଉଛି। ହୁଥି ବିଦ୍ରୋହୀଙ୍କ ବିରୋଧରେ ସାଉଦି ଆରବର ସାମରିକ କାର୍ଯ୍ୟାନୁଷ୍ଠାନରେ ଆମେରିକାର ସମ୍ଭାବ୍ୟ ଅଂଶଗ୍ରହଣ ବିଷୟରେ ବିଚାର କରିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ କହିଥିଲେ। ଏ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ସୂଚନା ଦେଇଥିଲେ ଯେ, କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସାମ୍ପ୍ରତିକ ଆକ୍ରମଣ ସହ ଜଡ଼ିତ ପରିସ୍ଥିତିର ସମୀକ୍ଷା କରାଯିବ।

## ରୁଷ୍‌ରୁ ଡିଜେଲ କିଣିବ ଆମେରିକା

ମସ୍କୋ, ୧୧।୧୦: ରୁଷ ସହ କାରବାର କରୁଥିବା ଦେଶଙ୍କ ଉପରେ ଶୁଳ୍କ ଲାଗୁ କରୁଥିବା ଆମେରିକାର ଏକ ନିଷ୍ପତ୍ତି ବର୍ତ୍ତମାନ ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକା ଏବଂ ବିଶ୍ୱ ବଜାରକୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଇନ୍ଧନ ଯୋଗାଣ କରିବାକୁ ରାଜି ହୋଇଛନ୍ତି। ପୁଟିନଙ୍କ ସହ ସଫଳ ଆଲୋଚନା ପରେ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି ଇରାନ ସହିତ ଉତ୍ତେଜନା ମଧ୍ୟରେ ବର୍ଦ୍ଧିତ ତୈଳ ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ। ଅନ୍ୟପକ୍ଷରେ ପୁଟିନଙ୍କ ସହ ଏହି ଚୁକ୍ତି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ କ୍ରୋଧିତ କରିଛି। ସେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଅନ୍ୟାୟ ବୋଲି କହିଛନ୍ତି। ଜେଲେନସ୍କି କହିଛନ୍ତି ଏହି ନିଷ୍ପତ୍ତି ୟୁକ୍ରେନ ଏବଂ ଅନ୍ୟ ସହଯୋଗୀଙ୍କ ପ୍ରତି ବଡ଼ ଅନ୍ୟାୟ। କାରଣ ପେଟ୍ରୋଲିୟମ ଉତ୍ପାଦ ବିକ୍ରୟକୁ ଅନୁମତି ଦେବା ଦ୍ୱାରା ମସ୍କୋକୁ ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ ଅତିରିକ୍ତ ପାଣ୍ଠି ମିଳିବ। ଜେଲେନସ୍କି ସାମାଜିକ ଗଣମାଧ୍ୟମରେ ଦର୍ଶାଇଛନ୍ତି ଆମେରିକା ପୁଟିନଙ୍କୁ ଉପହାର ଦେବା ଦ୍ୱାରା ନା ଶାନ୍ତି ଆସିବ ନା ସଭ୍ୟ ବିଶ୍ୱର ଲାଭ ହେବ। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ମୁଁ ଭାବୁଛି ଆମ ଦେଶକୁ କେବଳ ବଳି ବୋଦା ଭାବରେ ବ୍ୟବହାର କରାଯାଉଛି। ଅଂଶୀଦାରମାନେ ପରସ୍ପର ସହିତ ଏପରି ବ୍ୟବହାର କରିବା ଉଚିତ୍ ନୁହେଁ। ଜେଲେନସ୍କି ଏହି ଚୁକ୍ତିନାମାକୁ ଜଣେ ଶକ୍ତିଶାଳୀ ସହଯୋଗୀଙ୍କର ଏକ ଦୁର୍ବଳ ନିଷ୍ପତ୍ତି ବୋଲି କହିଛନ୍ତି।

## ଜାତିସଂଘରେ ପାକିସ୍ତାନକୁ ଭାରତର କଡ଼ା ଜବାବ
## ପରମାଣୁ ଧମକ ଦେଇ ଡରାଇ ପାରିବନି

ଜେନେଭା, ୧୧।୧୦: ପାକିସ୍ତାନର ପରମାଣୁ ଆକ୍ରମଣ ଧମକ ଆଗରେ ଆଦୌ ମୁଣ୍ଡ ନୁଆଁଇବ ନାହିଁ ବୋଲି ଜାତିସଂଘ ମଞ୍ଚରେ ଭାରତ ତରଫରୁ ସ୍ପଷ୍ଟ କରି ଦିଆଯାଇଛି। ଜାତିସଂଘ ସାଧାରଣ ପରିଷଦର ପ୍ରଥମ କମିଟି ବୈଠକରେ ପାକିସ୍ତାନ ଜାମ୍ମୁ ଓ କାଶ୍ମୀର ପ୍ରସଙ୍ଗ ଉଠାଇବା ପରେ ଭାରତ ନିଜର 'ରାଇଟ୍ ଅଫ୍ ରିପ୍ଲାଏ' ଅଧିକାର ବ୍ୟବହାର କରି ଏହାର ଦୃଢ଼ ଜବାବ ଦେଇଛି। ପରମାଣୁ ଅସ୍ତ୍ରକୁ ରାଷ୍ଟ୍ରନୀତି ପରିଚାଳନାର ସାଧାରଣ ଉପକରଣ ଭାବେ ବ୍ୟବହାର କରାଯିବା ଉଚିତ୍ ନୁହେଁ ବୋଲି ଭାରତ ସ୍ପଷ୍ଟ କରିଛି। ପରମାଣୁ ଆକ୍ରମଣ ଧମକ ଆମକୁ ଡରାଇ ପାରିବ ନାହିଁ ବୋଲି ଭାରତ କହିଛି।

ଜେନେଭାସ୍ଥିତ ନିରସ୍ତ୍ରୀକରଣ ସମ୍ମିଳନୀରେ ଭାରତର ସ୍ଥାୟୀ ମିଶନର ବରିଷ୍ଠ ପରାମର୍ଶଦାତା ଅନମୋଲ ଶେର ସିଂହ ବେଦୀ କହିଛନ୍ତି, ଜାମ୍ମୁ ଓ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଏବଂ ଅଭିନ୍ନ ଅଙ୍ଗ। ଏହାକୁ ନେଇ ପାକିସ୍ତାନର କୌଣସି ହସ୍ତକ୍ଷେପକୁ ଭାରତ ଗ୍ରହଣ କରିବ ନାହିଁ। ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଭାରତୀୟ ଅଞ୍ଚଳଗୁଡ଼ିକୁ ତୁରନ୍ତ ଖାଲି କରି ଫେରାଇ ଦେବାକୁ ସେ ଦାବି କରିଛନ୍ତି। ଭାରତ ସବୁବେଳେ ଶାନ୍ତି ଓ ସ୍ଥିରତା ସପକ୍ଷରେ ରହିଆସିଛି। କୌଣସି ପଡ଼ୋଶୀ ଦେଶ ସହ ସଂଘର୍ଷ ଚାହୁଁନାହିଁ, କିନ୍ତୁ ଶାନ୍ତିର ଅର୍ଥ ଦୁର୍ବଳତା ନୁହେଁ। ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେଲେ ଭାରତ ଉପଯୁକ୍ତ ଜବାବ ଦେବ ବୋଲି ବେଦୀ ସ୍ପଷ୍ଟ କରିଛନ୍ତି।

ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ ପାକିସ୍ତାନକୁ ଚେତାବନୀ ଦେଇଛି ଭାରତ। ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରାଯିବ ନାହିଁ ବୋଲି ବେଦୀ କହିଛନ୍ତି। ଗତବର୍ଷ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ପରେ ହୋଇଥିବା 'ଅପରେସନ୍ ସିନ୍ଦୂର'ର ଉଦାହରଣ ଦେଇ ଭାରତ ନିଜର ଆତ୍ମରକ୍ଷା ଅଧିକାର ଉପରେ ସେ ଜୋର୍ ଦେଇଛନ୍ତି। ପରମାଣୁ ଧମକ ଦେଇ ସୀମାପାର ଆତଙ୍କବାଦକୁ ସୁରକ୍ଷା ଯୋଗାଇବା ଆଞ୍ଚଳିକ ଶାନ୍ତି ପାଇଁ ବିପଜ୍ଜନକ ବୋଲି ଭାରତ କହିଛି। ଏଭଳି ଦାୟିତ୍ୱହୀନ ଆଚରଣ ଉତ୍ତେଜନା କମାଇବା ପରିବର୍ତ୍ତେ ସଂଘର୍ଷର ଆଶଙ୍କା ବଢ଼ାଇଥାଏ। ତେଣୁ ଶାନ୍ତି ପ୍ରତିଷ୍ଠା ପାଇଁ ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ଜରୁରୀ ବୋଲି ଭାରତ କହିଛି।

## ଦେଶ ସଡ଼କରୁ ନୁହେଁ, ସଂସଦରୁ ଚାଲିବ: ରବିଶଙ୍କର



ନୂଆଦିଲ୍ଲୀ: ଦିଲ୍ଲୀରେ ନିର୍ବାଚନ କମିସନଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକର ପ୍ରଦର୍ଶନକୁ ନେଇ ବିଜେପି ସାଂସଦ ରବିଶଙ୍କର ପ୍ରସାଦ ସେମାନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦେଶ ସଂସଦରୁ ଚାଲିବ, ରାସ୍ତାରୁ ନୁହେଁ ବୋଲି କହିବା ସହ ସେ କଂଗ୍ରେସ, ଆମ୍ ଆଦମୀ ପାର୍ଟି, ତୃଣମୂଳ କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକର ମନୋଭାବକୁ ନାପସନ୍ଦ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରବିଶଙ୍କର କହିଛନ୍ତି ଯେ, ଗତ କିଛି ଦିନ ଧରି ବିରୋଧୀଙ୍କ ପ୍ରଦର୍ଶନ ଯୋଗୁଁ ଦିଲ୍ଲୀବାସୀ ଅସୁବିଧାରେ ପଡ଼ିଛନ୍ତି। ନିର୍ବାଚନରେ ପରାଜୟର କାରଣ ଖୋଜିବା ପରିବର୍ତ୍ତେ ବିରୋଧୀ ରାସ୍ତାରେ ପ୍ରଦର୍ଶନକୁ ଅସ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ଗଣତନ୍ତ୍ରର ଶାଳୀନତା ଓ ଜନସାଧାରଣଙ୍କ ବିଶ୍ୱାସ ଅରାଜକତା ଉପରେ ବିଜୟୀ ହୋଇଛି ବୋଲି ସେ କହିଛନ୍ତି। ଉପନିର୍ବାଚନ ଫଳାଫଳର ଉଦାହରଣ ଦେଇ ସେ ଦାବି କରିଛନ୍ତି ଯେ, ଆସାମ, ନନ୍ଦିଗ୍ରାମ ଓ ପୁଡୁଚେରୀରେ ବିଜେପି ଏବଂ ଏନ୍‌ଡିଏକୁ ସଫଳତା ମିଳିଛି। ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ନଥିବା ନେଇ ମଧ୍ୟ ସେ କଟାକ୍ଷ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମର୍ଥନ କରି ରବିଶଙ୍କର କହିଛନ୍ତି ଯେ, ମୃତ, ସ୍ଥାନାନ୍ତରିତ ଓ ଏକାଧିକ ସ୍ଥାନରେ ନାମ ଥିବା ଭୋଟରଙ୍କ ତଥ୍ୟ ଯାଞ୍ଚ ଜରୁରୀ। ଅଯୋଗ୍ୟ ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ରଖାଯିବା ଉଚିତ କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ

ନୂଆଦିଲ୍ଲୀ,୧୧।୧୦: ସୁପ୍ରିମକୋର୍ଟରେ ଆଜି CJP ବିକ୍ଷୋଭ (ପ୍ରୋଟେଷ୍ଟ) ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ହୋଇଛି, ଯେଉଁଥିରେ ବିକ୍ଷୋଭ କାରଣରୁ ମେଟ୍ରୋ ଏବଂ ଟ୍ରେନ ସେବା ବନ୍ଦ ରଖିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଆବେଦନରେ ନିର୍ଦ୍ଦେଶ ଦେଇଥିବା ଅଧିକାରୀମାନଙ୍କ ବିରୋଧରେ କୋର୍ଟ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯେଉଁଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି, କେବଳ ସେହି ସ୍ଥାନଗୁଡ଼ିକରେ ବାରିକେଡ ଲଗାଯାଉ ଏବଂ ବାକି ସବୁ ସ୍ଥାନରୁ ବାରିକେଡ ହଟାଯାଉ, ଯାହାଫଳରେ ସାଧାରଣ ଲୋକଙ୍କ ଯାତାୟାତରେ କୌଣସି ଅସୁବିଧା ନ ହୁଏ। ମେଟ୍ରୋ ଏବଂ ଟ୍ରେନ ଚଳାଚଳ ମଧ୍ୟ ସ୍ୱାଭାବିକ କରାଯାଉ। ଇଣ୍ଟରନେଟ ସେବାକୁ ମଧ୍ୟ ପୁନଃ କାର୍ଯ୍ୟକ୍ଷମ କରାଯିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାର ଦିନ ହେବ।



କୋର୍ଟ ଅବମାନନା ଆବେଦନ ଏବଂ ବେଆଇନ ଅଟକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ କେନ୍ଦ୍ର ସରକାର ଶପଥପାଠ (ହାଲଫନାମା) ଦାଖଲ କରି ଜଣାନ୍ତୁ ଯେ କାହିଁକି ତାଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ସମସ୍ତ ମେଟ୍ରୋ ଷ୍ଟେସନକୁ କ'ଣ ବନ୍ଦ କରାଯାଇଥିଲା? ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଟ୍ରେନ ଏବଂ ମେଟ୍ରୋ ବନ୍ଦ କରିବା ସହ ଜଡ଼ିତ ଅଧିକାରୀମାନଙ୍କୁ ମଧ୍ୟ ନୋଟିସ ପଠାଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆମ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରାଯାଇଛି। ପ୍ରାୟ ୭୦୦୦ ଲୋକଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା। ଇଣ୍ଟରନେଟ, ରାସ୍ତାଘାଟ, ମେଟ୍ରୋ ଷ୍ଟେସନ ଏବଂ ଟ୍ରେନ ଚଳାଚଳ ବନ୍ଦ କରାଯାଇଥିଲା, କିନ୍ତୁ ଦିଲ୍ଲୀ ପୋଲିସ ନା ବାରିକେଡିଂ କରିପାରିବ, ନା ଇଣ୍ଟରନେଟ ବନ୍ଦ କରିପାରିବ।

## ମୋତେ ଗିରଫ ନୁହେଁ ଅପହରଣ କରାଯାଇଥିଲା: ଧ୍ରୁବ ରାଠୀ



ନୂଆଦିଲ୍ଲୀ, ୧୧।୧୦: 'କକ୍ରୋଚ୍ ଜନତା ପାର୍ଟି' (CJP) ର ବିରୋଧ ପ୍ରଦର୍ଶନରେ ଯୋଗଦେବାକୁ ଆସିଥିବା ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କୁ ପୋଲିସ ହାଜତରୁ ଛା ?ଦିଆଯାଇଛି। ଗତକାଲି ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ମୁକ୍ତ କରିଥିଲା। ମୁକ୍ତ ହେବା ପରେ ଧ୍ରୁବ ଏକ ଭିଡିଓ ଜରିଆରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଭିଡିଓରେ ସେ ତାଙ୍କୁ ଅଟକ ରଖିବା ଘଟଣାକୁ 'ଅପହରଣ' ବୋଲି ଅଭିହିତ କରିଛନ୍ତି।

ଭିଡିଓର ଆରମ୍ଭରେ ଧ୍ରୁବ ରାଠୀ କହିଛନ୍ତି, ''ବନ୍ଧୁମାନେ, ଗତ ୨୪ ଘଣ୍ଟା ଭିତରେ ଆପଣମାନେ ଯେଉଁ ଭଲପାଇବା ଓ ଶୁଭେଚ୍ଛା ଜଣାଇଛନ୍ତି, ସେଥିପାଇଁ ବହୁତ ବହୁତ ଧନ୍ୟବାଦ।'' ଏହି ସମୟରେ ସେ ନିଜର ପାସପୋର୍ଟ ଦେଖାଇ ନିଜର ଭାରତୀୟ ନାଗରିକତା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ କିଛି ଗୋଦୀ ମିଡିଆ ତାଙ୍କୁ ବିଦେଶୀ ପାସପୋର୍ଟଧାରୀ ବୋଲି କହି ଯେଉଁ ଗୁଜବ ପ୍ରଚାର କରୁଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ସେ ଜଣେ ଭାରତୀୟ ନାଗରିକ ଥିଲେ, ଅଛନ୍ତି ଏବଂ ରହିବେ ମଧ୍ୟ। ଜଣେ ସାଧାରଣ ନାଗରିକଙ୍କ ପରି ତାଙ୍କର ମଧ୍ୟ ସମାନ ଅଧିକାର ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅକ୍ଟୋବର ୧୦ ତାରିଖର ଘଟଣାକୁ ବର୍ଣ୍ଣନା କରି ଧ୍ରୁବ କହିଛନ୍ତି, ''ସେଦିନ ସକାଳ ପ୍ରାୟ ୭ଟା ସମୟରେ ମୁଁ ମୋ ବେଡ୍‌ରୁମ୍‌ରେ ଶୋଇଥିଲି। ମୋ ମାଆ ସକାଳେ ଉଠି ଦ୍ୱାର ଖୋଲିବା ବେଳେ ଦେଖିଲେ ଯେ ବାହାରେ ପୋଲିସ ପୋଷାକରେ ନୁହେଁ ବରଂ ସାଧାରଣ ପୋଷାକରେ ବହୁସଂଖ୍ୟକ ଲୋକ ବୁଲୁଛନ୍ତି। ହଠାତ୍ ପ୍ରାୟ ୨୦ ଜଣ ଲୋକ ଘର ଭିତରକୁ ପଶି ଆସିଥିଲେ।''

ସେ ଅଭିଯୋଗ କରିଛନ୍ତି ଯେ ଏହା କୌଣସି ଗିରଫଦାରୀ ବା ଅଟକ ନୁହେଁ, ବରଂ ଏହା ଏକ ସ୍ପଷ୍ଟ 'ଅପହରଣ' ଥିଲା। ଯଦି ସେ ପ୍ରଦର୍ଶନ ସ୍ଥଳକୁ ଯାଆନ୍ତେ, ତେବେ ପୋଲିସ ସେଠାରେ ଅଟକ ରଖିଥା'ନ୍ତା। କିନ୍ତୁ ଏଠାରେ କୌଣସି ପୋଲିସ ନିଜର ପରିଚୟ କିମ୍ବା ୱାର୍ଣ୍ଟ ନ ଦେଇ ଗୁଣ୍ଡାଙ୍କ ପରି ଘରେ ପଶି ଆସିଥିଲେ। ସେହି ସମୟରେ ଘରେ କେବଳ ତାଙ୍କ ମାଆ, ବାପା ଏବଂ ସେ ନିଜେ ଥିଲେ ଏବଂ ବାହାରେ ୫୦ରୁ ଅଧିକ ଲୋକ ଠିଆ ହୋଇଥିଲେ। ଧ୍ରୁବ ରାଠୀ ଅଭିଯୋଗ କରିଛନ୍ତି ଯେ ବେଡ୍‌ରୁମ୍‌ରୁ ସିଡ଼ି ଦେଇ ତଳକୁ ଟାଣିବାରୁ ତାଙ୍କ ଶରୀରରେ ଆଘାତ ଲାଗିଛି। ତାଙ୍କୁ ଚପଲ ପିନ୍ଧିବାର ସୁଯୋଗ ମଧ୍ୟ ଦିଆଯାଇ ନଥିଲା।

## ବିଶାଖାପାଟଣାରୁ ୮.୯୮ କୋଟିର ସୁନା ବିସ୍କୁଟ ଜବତ, ୨ ଗିରଫ




ବିଶାଖାପାଟଣା, ୧୧।୧୦: ବିଶାଖାପାଟଣାରୁ ୮.୯୮ କୋଟି ଟଙ୍କା ମୂଲ୍ୟର ସୁନା ବିସ୍କୁଟ ଜବତ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥରେ ପାଟ୍ରୋଲିଂ ସମୟରେ ଡିଆରଆଇ ଅଧିକାରୀମାନେ ଏହି ସୁନା ଜବତ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୁନା ବିସ୍କୁଟଗୁଡ଼ିକ କୋଲକାତାରୁ ହାଇଦ୍ରାବାଦକୁ ଚାଲାଣ କରାଯାଉଥିଲା। ଏହି ସମୟରେ ବିଶାଖାପାଟଣାରେ ଡିଆରଆଇ ଅଧିକାରୀମାନେ ଗାଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିର ଏକ ଗୁପ୍ତ ଚାମ୍ବରରୁ ତିନୋଟି ପ୍ୟାକେଟରେ ରଖାଯାଇଥିବା ସୁନା ବିସ୍କୁଟ ମିଳିଥିଲା।ଜବତ ସୁନାର ମୋଟ ଓଜନ ୫୮୩୨.୯୦ ଗ୍ରାମ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮.୯୮ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇ ଚାଲାଣ ସମ୍ପର୍କରେ ତଦନ୍ତ ଜାରି ରହିଛି। ସୁନା କେଉଁଠାରୁ ଆସିଥିଲା ଏବଂ ଏହାର ଚାଲାଣ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ତଦନ୍ତ କରାଯାଉଛି।

# ଆଗାମୀ ଛାତ୍ରସଂସଦ ନିର୍ବାଚନକୁ ନେଇ କେନ୍ଦୁଝର ପୋଲିସର ପ୍ରସ୍ତୁତି ବୈଠକ



କେନ୍ଦୁଝର:୧୧/୧୦(ଦିଲ୍ଲୀପ କୁମାର ସାହୁ) – ଆଗାମୀ ଛାତ୍ରସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ କେନ୍ଦୁଝର ପୋଲିସ ପକ୍ଷରୁ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ (ଡିଡି ୟୁନିଭର୍ସିଟି) ଏବଂ ସରକାରୀ ମହିଳା ମହାବିଦ୍ୟାଳୟ (ଗଭ୍ଟ ଓମେନସ କଲେଜ) ଠାରେ ପୃଥକ୍ ପୃଥକ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଭୟ ବୈଠକରେ ଏସ୍‌ଡିପିଓ, ସଦର ଏବଂ ଆଇଆଇସି, ଟାଉନ ପିଏସ ଯୋଗଦେବା ସହ ସମ୍ପୃକ୍ତଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ ।ବୈଠକରେ ନିର୍ବାଚନର ସୁଚାରୁ ପରିଚାଳନା, ଶୃଙ୍ଖଳା ରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଏବଂ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହ ନିର୍ବାଚନ ସମୟରେ କ'ଣ କରିବା ଉଚିତ ଏବଂ କ'ଣ କରିବା ଅନୁଚିତ ସେ ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ନିର୍ବାଚନ ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ନିର୍ଦ୍ଦେଶ ଦିଆଯାଇଥିଲା ।ନିର୍ବାଚନ ସମୟରେ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ବଜାୟ ରଖିବା, ନିର୍ବାଚନ ସମ୍ବନ୍ଧୀୟ ନିୟମାବଳୀ ପାଳନ କରିବା, ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଏବଂ କୌଣସି ପ୍ରକାରର ଗଣ୍ଡଗୋଳ କିମ୍ବା ଉତ୍ତେଜନାମୂଳକ କାର୍ଯ୍ୟ ଓ ଅଶାନ୍ତି ସୃଷ୍ଟିକାରୀ କାର୍ଯ୍ୟରୁ ଦୂରେଇ ରହିବାକୁ କୁହାଯାଇଥିଲା । ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀ ମାନଙ୍କୁ ମଧ୍ୟ ନିୟମାନୁଯାୟୀ ନିର୍ବାଚନ ପରିଚାଳନା କରିବାସହ ଯେକୌଣସି ସମ୍ଭାବ୍ୟ ସମସ୍ୟା ସମ୍ପର୍କରେ ତୁରନ୍ତ ପୋଲିସକୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଥିଲା ।କେନ୍ଦୁଝର ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଘଟଣାମୁକ୍ତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପ୍ରତିଷେଧମୂଳକ ଓ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯିବ । ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା, ଗଣ୍ଡଗୋଳ କରିବା କିମ୍ବା ଆଇନଶୃଙ୍ଖଳା ଭଙ୍ଗ କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀ ମାନଙ୍କ ସକ୍ରିୟ ସହଯୋଗରେ ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିବାକୁ କେନ୍ଦୁଝର ପୋଲିସ ପ୍ରତିବଦ୍ଧ ।

# ଇନରହୁଇଲ କ୍ଲବ ଚେୟାରମ୍ୟାନଙ୍କ କେନ୍ଦୁଝରକୁ ଅଫିସିଆଲ୍ ଭିଜିଟ୍



କେନ୍ଦୁଝର:୧୧/୧୦(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ସହରସ୍ଥ ରୋଟାରୀ ଭବନ ପରିସରରେ ଇନରହୁଇଲ କ୍ଲବ ଚେୟାରମ୍ୟାନଙ୍କ ଅଫିସିଆଲ୍ ଭିଜିଟ୍ ଚଳିତ ମାସ ୯ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ୍ ଡ଼ ମଞ୍ଜୁଷା ବୈଶମ୍ପାୟନ ଯୋଗ ଦେଇଥିଲେ । ଏହି ଦିନିକିଆ କାର୍ଯ୍ୟକ୍ରମ ଅବସରରେ ଇନରହୁଇଲ୍ କ୍ଲବ କେନ୍ଦୁଝରର ସଭାନେତ୍ରୀ ସର୍ବାଣୀ ମହାପାତ୍ର ନେତୃତ୍ୱ ନେଇଥିଲେ । ଇନରହୁଇଲ୍ କ୍ଲବର ସଦସ୍ୟା ମାନେ ପରୁଣାବଜାର ସ୍ଥିତ ବେଦ ବିଦ୍ୟାଳୟ ପିଲାମାନଙ୍କୁ ଖାଇବା ସାମଗ୍ରୀ ପ୍ରଦାନ କରିବା ସହିତ ସେଠାକାର ପିଲାମାନଙ୍କ ସୁବିଧା ପାଇଁ ଏକ ହାତ ଧୋଇବା ବେସିନ ଲଗାଯାଇଥିଲା । ଏହାପରେ ଆଟୋପୁର ଛକ ଠାରେ ଏକ ରାସ୍ତା ସୁରକ୍ଷା ଆଇନ ପ୍ରତିଷ୍ଠାପନ କରାଯାଇ ଚେୟାରମ୍ୟାନ୍ ଡ଼ ମଞ୍ଜୁଷା ବୈଶମ୍ପାୟନଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା । ଏହା ସହିତ ଆଦୃତ ଅନାଥାଶ୍ରମର ପିଲାମାନଙ୍କ ପାଇଁ ଏକ ତବଲା ବାଦ୍ୟଯନ୍ତ୍ର କ୍ଲବ ତରଫରୁ ପ୍ରଦାନ କରାଯାଇଥିଲା । ଶେଷରେ ରୋଟାରୀ ଭବନ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆଗାମୀ ଦିନରେ କେନ୍ଦୁଝରରେ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂପାଦିକା ମିନତୀ ମହାପାତ୍ରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟାମାନେ ସହଯୋଗ କରିଥିଲେ ।

# କେନ୍ଦୁଝର ପୋଲିସ ପକ୍ଷରୁ 'ଜୁଭେଣ୍ଟିକା'କାର୍ଯ୍ୟକ୍ରମ ଆୟୋଜିତ

## "ବାଲ୍ୟ ବିବାହକୁ ନା, ଶିକ୍ଷା ଓ ସ୍ୱପ୍ନକୁ ହଁ" କେନ୍ଦୁଝର ପୋଲିସ



କେନ୍ଦୁଝର:୧୧/୧୦(ଦିଲ୍ଲୀପ କୁମାର ସାହୁ) – ଆନ୍ତର୍ଜାତୀୟ ବାଳିକା ଦିବସ – ୨୦୨୬ ଅବସରରେ କେନ୍ଦୁଝର ପୋଲିସ ପକ୍ଷରୁ ଆଜି ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚଳିତ ୨୦୨୬ ବର୍ଷର ମୁଖ୍ୟ ବାର୍ତ୍ତା "ବାଲ୍ୟ ବିବାହର ଅନ୍ତ ଘଟାଅ ଏବଂ ଝିଅମାନଙ୍କ ଅଧିକାରରେ ନିବେଶ କର" ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବାଲ୍ୟ ବିବାହ ନିରାକରଣ, ଲିଙ୍ଗଗତ ସମାନତା, ବାଳିକାମାନଙ୍କ ଶିକ୍ଷା ଓ ଅଧିକାର ସମ୍ପର୍କରେ କିଶୋର-କିଶୋରୀ ଏବଂ ଯୁବପିଢ଼ିଙ୍କୁ ସଚେତନ କରିବା ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଡିଏସ୍‌ପି ଜୟଦୀପ ମହାନ୍ତ, ଇନ୍ସପେକ୍ଟର ହେରୋଫିନା ହାସଦା, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ, କେନ୍ଦୁଝର ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଞ୍ଜିତା ଦାଶ, ସିଡିପିଓ ସ୍ୱର୍ଣ୍ଣଲତା ବେହେରା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ପ୍ରିୟଙ୍କା ମଲ୍ଲିକ ଯୋଗଦେଇଥିଲେ । ଏଥିରେ ବହୁ କିଶୋର-କିଶୋରୀ ଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ବାଲ୍ୟବିବାହର କୁପରିଣାମ, ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷା, ଝିଅମାନଙ୍କ ପ୍ରତି ସମ୍ମାନ, ଲିଙ୍ଗଗତ ଭେଦଭାବ ଦୂରୀକରଣ ଏବଂ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବାଲ୍ୟ ବିବାହ ରୋକିବାରେ କେବଳ ପ୍ରଶାସନ ନୁହେଁ, ପରିବାର, ଶିକ୍ଷାନୁଷ୍ଠାନ, ସମାଜ ଏବଂ ଯୁବପିଢ଼ିଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଉପସ୍ଥିତ କିଶୋରମାନେ ବାଲ୍ୟ ବିବାହକୁ ବିରୋଧ କରିବା, ଝିଅମାନଙ୍କ ଅଧିକାର ଓ ପସନ୍ଦକୁ ସମ୍ମାନ ଦେବା, ଲିଙ୍ଗଗତ ଭେଦଭାବରୁ ଦୂରେଇ ରହିବା ଏବଂ ନିଜ ପରିବାର ଓ ସମାଜରେ ବାଲ୍ୟ ବିବାହ ରୋକିବା ପାଇଁ ସକ୍ରିୟ ଭୂମିକା ନେବା ନିମନ୍ତେ ଶପଥ ଗ୍ରହଣ କରିଥିଲେ ।କେନ୍ଦୁଝର ପୋଲିସ ପକ୍ଷରୁ ସମସ୍ତ ଅଭିଭାବକ, ଶିକ୍ଷକ, ସାମାଜିକ ସଂଗଠନ ଓ ଜନସାଧାରଣଙ୍କୁ ବାଲ୍ୟ ବିବାହ ନିରାକରଣ ଦିଗରେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ପ୍ରତ୍ୟେକ ଶିଶୁର ସୁରକ୍ଷିତ ଓ ସୁନ୍ଦର ଭବିଷ୍ୟତ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି ।

# ହାଟଡିହିରେ ସେବା ସଂକଳ୍ପ ଓ ସେବା ସେତୁ କାର୍ଯ୍ୟକ୍ରମ



ହାଟଡିହି: ୧୧/୧୦ (ଅମୀୟ ବରାଳ) – ହାଟଡିହି ବ୍ଲକ ସଭାଗୃହ ଠାରେ ସେବା ସଂକଳ୍ପ ଓ ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହାଟଡିହି ବିଡ଼ିଓ ରଂଜନ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ପୁର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତା ନାୟକ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର,ଏବିଡିଓ ରଶ୍ମି ରେଖା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟଦେବ ପାତ୍ର, ମୋନାଲିସା ନାଇକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶରତ କୁମାର ବେଜ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଶେଷ କରି ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଗ୍ରାମାଞ୍ଚଳ ଲୋକମାନଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କୃଷି, ଖାଦ୍ୟ ସୁରକ୍ଷା, ମନରେଗା ଯୋଜନା, ଭତ୍ତା, ମାଛଚାଷ ଇତ୍ୟାଦି ଯୋଜନାରେ ଶ୍ରମିକମାନଙ୍କୁ ସଚେତନ କରାଇ ସାମିଲ କରିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସହଶ୍ରମିକ ଅଧିକାରୀ ଶାସ୍ୱତପ୍ରିତମ ଅତିଥି ମାନଙ୍କ ଦ୍ୱାରା ନିର୍ମାଣ ଶ୍ରମିକ ରାମଚନ୍ଦ୍ର ନାଏକ, ପ୍ରଦୀପ କୁମାର ବାରିକ, ରବିନ୍ଦ୍ର ନାଏକ, ରତ୍ନାକର ଜେନା ପ୍ରମୁଖଙ୍କୁ ସେକାର୍ଡ ବଣ୍ଟନ କରିଥିଲେ ।

# ଚେକିଂବେଳେ ବନ୍ଧୁକ ଓ ଗୁଳି ଜବତ କଲା ଆନନ୍ଦପୁର ପୋଲିସ

କେନ୍ଦୁଝର:୧୧/୧୦(ଦିଲ୍ଲୀପ କୁମାର ସାହୁ) – ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କେନ୍ଦୁଝର ପୋଲିସ କଡ଼ା ପଦକ୍ଷେପ ନେଇଛି । ଜିଲ୍ଲାସାରା ଯାନବାହାନ ଚେକିଂ କଡ଼ାକଡ଼ି କରାଯାଇଛି ।ଆନନ୍ଦପୁର ଉପଖଣ୍ଡରେ ପ୍ରଥମଥର ପାଇଁ ପୋଲିସ ଏକ ବଡ଼ଧରଣର ସଫଳତା ହାସଲ କରିଛି, ଯାହା ଆନନ୍ଦପୁର ଉପଖଣ୍ଡ ଇତିହାସରେ ପ୍ରଥମ ଘଟଣା ବୋଲି ଆଲୋଚନା ହେଉଛି । ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ରବିବାର ସକାଳୁ ଚାଲିଥିବା ଚେକିଂ ବେଳେ ବାପ-ପୁଅଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଏବଂ ବିପୁଳ ପରିମାଣର ଗୁଳି ଜବତ କରାଯାଇଛି । କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଦାଗଡୁଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଜିଲାରେ ପୋଲିସ ପକ୍ଷରୁ ସଡ଼କସୁରକ୍ଷା ସଚେତନତା ଏବଂ ଯାଞ୍ଚପ୍ରକ୍ରିୟା ଜୋରଦାର କରାଯାଇଛି । ଆଜି ସକାଳୁ ଆନନ୍ଦପୁର ଥାନା ଅନ୍ତର୍ଗତ କାଠକଟା ପଞ୍ଚାୟତର ବରଗୋଠା ଗ୍ରାମ ରାସ୍ତାରେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଏବଂ ଆନନ୍ଦପୁର ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଉକ୍ତ ରାସ୍ତାରେ ଯାଉଥିବା ନଣ୍ଡା ହୋ (୫୦) ଏବଂ ତାଙ୍କ ପୁଅ ଚକ୍ର ହୋ (୩୦)ଙ୍କୁ ସନ୍ଦେହ କରି ପୋଲିସ ଯାଞ୍ଚ କରିଥିଲା । ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ଏବଂ ବହୁ ପରିମାଣର ଗୁଳି ଜବତ କରାଯାଇଥିଲା । ଆନନ୍ଦପୁର ଉପଖଣ୍ଡରେ ଏପରି ଅସ୍ତ୍ରଶସ୍ତ୍ର ଜବତ ହେବା ଘଟଣା ପ୍ରଥମ



ବୋଲି ଜଣାପଡ଼ିଛି । ଏନେଇ ଏସ୍‌ଡିପିଓ କମଳ କୁମାର ପଣ୍ଡା କହିଛନ୍ତି ଯେ, କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ପୂଜା ଋତୁକୁ ଦୃଷ୍ଟିରେ ରଖି ପୋଲିସ ସବୁବେଳେ ସତର୍କ ରହିଛି । ଜବତ ହୋଇଥିବା ବନ୍ଧୁକ ଓ ଗୁଳି ସେମାନେ କେଉଁଠୁ ଏବଂ କାହାଠାରୁ ଆଣିଥିଲେ, ଏହାର କୌଣସି ଅପରାଧିକ ଲିଙ୍କ୍ ଅଛି କି ନାହିଁ, ସେନେଇ ପୋଲିସ ବାପ-ପୁଅଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଆଗକୁ ଆଉ କେତେକ ସ୍ଥାନରେ ମଧ୍ୟ ତନାଘନା କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।

# ସଦର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ



କେନ୍ଦୁଝର ସଦର, ୧୧।୧୦( ମନୋଜ କୁମାର ପଟେଲ): ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସଦର ବ୍ଲକର ଏକ ବୈଠକ ମହାଲକ୍ଷ୍ମୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପଦ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ସଂଗଠନର ଜିଲ୍ଲା ଶାଖା ସଭାପତି ସଂଜୟ ବସନ୍ତ ଚକ୍ର,ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା,ସଂଯୋଜକ କ୍ଷୀରୋଦ କୁମାର ରାଉତ ଓ ରାଜ୍ୟ ସଂପାଦକ ଭିକାରୀ ଚରଣ ସାହୁ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଖଣ୍ଡଳମଣି ବାରିକ,ଘାସିରାମ ପ୍ରଧାନ,ଜଳଧର ସାହୁ,ରମାକାନ୍ତ ପ୍ରଧାନ ଉପସ୍ଥିତ ସଦସ୍ୟ,ସଦସ୍ୟାମାନଙ୍କୁ ସଂଗଠନର ଲକ୍ଷ୍ୟ,ଉଦେ୍ଦଶ୍ୟ,ଆଗାମୀ କାର୍ଯ୍ୟକ୍ରମ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ । କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅହେତୁକ ଭାବେ ଅନେକ ପେନସନ ପେପର ଚୂଡାନ୍ତ ହେଉନଥିବା କଥା ଉପସ୍ଥିତ ସଦସ୍ୟମାନେ ଆଲୋଚନା ରଖିଥିଲେ । ଏହି ସଭାରେ ମହାବିଦ୍ୟାଳୟ,ମାଧ୍ୟମିକ,ପ୍ରାଥମିକ ସ୍ତରରୁ ପ୍ରାୟ ଶତାଧିକ ସଦସ୍ୟ/ସଦସ୍ୟା ଏହି ସଭାରେ ଅଂଶଗ୍ରହଣ କରିଥିଲେ । ପରେ ପରେ ସଦର ବ୍ଲକ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ ଭିତ୍ତିରେ କରାଯାଇଥିଲା । ଉପଦେଷ୍ଟା ଭାବେ ସର୍ବଶ୍ରୀ ଶରତ ଚନ୍ଦ୍ର ମିଶ୍ର,ଘାସିରାମ ପ୍ରଧାନ,ବାମଦେବ ଦାସ,ବେଣୁଧର ସାହୁ,ସହଦେବ କୁଅଁର,ଶିଶିର କୁମାର ରାୟ,ସ୍ୱପ୍ନେଶ୍ୱର ସାହୁ,ଜଳଧର ସାହୁ,ବିଦ୍ୟାଧର ପ୍ରଧାନ,ପ୍ରଦୀପ କୁମାର ପରିଡା,ଚନ୍ଦ୍ରମୋହନ ମହାନ୍ତ ମନୋନୀତ ହୋଇଛନ୍ତି । ସଭାପତି ଭାବେ ରାଧାକାନ୍ତପ୍ରଧାନ,କାର୍ଯ୍ୟକାରୀ ସଭାପତି ଭାବେ ଆଖଣ୍ଡଳମଣି ବାରିକ,ଉପସଭାପତି ଭାବେ ବଂଶୀଧର ସାହୁ ଓ ମୁରଲୀଧର କୁଅଁର,ସଂପାଦକ ଭାବେ ତ୍ରୈଲୋଚନ ସାହୁ,ସହ ସଂପାଦକ ଭାବେ ସୁରେନ୍ଦ୍ର ନାଥ ସାହୁ ଓ ଦୀନବନ୍ଧୁସାହୁ,କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ସାହୁ,କାର୍ଯ୍ୟକାରୀ ସମିତି ସଦସ୍ୟ ଭାବେ ଦ୍ୱିତୀକୃଷ୍ଣ ବେହେରା,ମୁକୁନ୍ଦ ଚରଣ ପରିଡା,ଯଦୁମଣି ରାଉତ,ନିରଞ୍ଜନ ସାହୁ ଓ କେଶବ ଚନ୍ଦ୍ର ମହାରଣା ଏବଂ ବ୍ଲକ ସଂଯୋଜକ ଭାବେ ଦିଗମ୍ବର ଗିରି ମନୋନୀତ ହୋଇଥିବା ଜଣାପଡିଛି ।

# ନାବାଳିକା ବିବାହ ବନ୍ଦ କରିବା ଏବଂ ବାଳିକା ଅଧିକାର ସଚେତନତା କାର୍ଯ୍ୟକ୍ରମ




ଚମ୍ପୁଆ,୧୧।୧୦:(ରାମକୃଷ୍ଣ ଜିତ ):-ଚମ୍ପୁଆ ଏନଏସି ଅନ୍ତର୍ଗତ ଚମ୍ପୁଆ ୬ନଂ, ୮ନଂ, ୯ନଂ, ୧୨ନଂ, ୧୩ନଂ ଓ୍ୱାର୍ଡରେ ନାବାଳିକା ବିବାହ ହ୍ରାସ ଏବଂ ବାଳିକା ଅଧିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରାୟୋଜିତ କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ପକ୍ଷରୁ କେନ୍ଦୁଝର ପୁଲିସ ମାଧ୍ୟମରେ ସଂଯୋଜନା କରାଯାଇଥିଲାବେଳେ ଚମ୍ପୁଆ ପୁଲିସ ପ୍ରଶାସନ ପକ୍ଷରୁ ପରିଚାଳନା କରାଯାଇଥିଲା । ଚମ୍ପୁଆ ପୁଲିସ ଏସଡିପିଓ ରଶ୍ମିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆ ଆଇଆଇସି ସ୍ୱରୂପ ରଞ୍ଜନ ନାୟକ, ରେବତୀ ବୁଡ଼ା, ଶ୍ୟାମସୁନ୍ଦର ମୁଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ପୁଲିସ ଅଧିକାରୀ ଓ କର୍ମଚାରୀ ଆଦି ପରିଚାଳନା କରିଥିଲେ । ଏଥିରେ ବାଲ୍ୟବିବାହ ବନ୍ଦ କରିବା, ଶିଶୁଙ୍କ ଭବିଷ୍ୟତ ଗଢିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଝିଅକୁ ବିବାହ ନୁହେଁ ଶିକ୍ଷା ଦିଅ ଏବଂ ତାର ସ୍ୱପ୍ନକୁ ସାକାର କର । ବାଲ୍ୟ ବିବାହ ତାଙ୍କର ସମାଧାନ ନୁହେଁ, ଉତ୍ତମ ଶିକ୍ଷା ତାର ପରିଚୟ ହେଉ, ବୟସ ପୂର୍ବରୁ ବିବାହ ମନା, ପ୍ରଥମେ ଶିକ୍ଷା ଓ ପରେ ଜୀବନର ନୂଆପଥ ବୋଲି ବିଭିନ୍ନ ସ୍ଲୋଗାନ ଆଦି ପ୍ରଦାନ କରାଯାଇ ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ବାଲ୍ୟ ବିବାହ ରୋକିବା ଆମର ସମସ୍ତଙ୍କର ଦାୟିତ୍ୱ ଓ ଶିଶୁଙ୍କ ସୁରକ୍ଷା ଆମର ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ପ୍ଲାକାର୍ଡ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି । ବିବାହର ବୋଝ ନଦେଇ ଶିଶୁଙ୍କ ହାତରେ ପୁସ୍ତକ ପ୍ରଦାନ କରି ତାଙ୍କର ଉତ୍ତମ ଭବିଷ୍ୟତ ଗଠନ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

# ଘଷିପୁରା ବ୍ଲକ ଅଞ୍ଚଳରେ ପାଗଳା ସିଆଳ ଆତଙ୍କ



କେନ୍ଦୁଝର:୧୧/୧୦(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅଞ୍ଚଳ ପାଗଳା ସିଆଳ ଆତଙ୍କରେ ଆତଙ୍କିତ ହୋଇପଡ଼ିଛି । ବ୍ଲକର ତରିମୂଳ, କଣ୍ଟାରୋହି, ନରସିଂହପୁର ଗ୍ରାମ, କୋଚିଆନାଣ୍ଡି ଗ୍ରାମ ସମେତ ଆଖପାଖର କିଛି ଗ୍ରାମରେ ପାଗଳ ଶିଆଳଙ୍କର ଆତଙ୍କ ଦେଖିବାକୁ ମିଳିଛି । ଗତକାଲି ସନ୍ଧ୍ୟା ସମୟରେ ତରିମୂଳ ଗ୍ରାମର ସନାତନ ରାଉତ (ଜନ) ଙ୍କୁ ତାଙ୍କ ଘର ଆଗରେ ଏକ ପାଗଳ ଶିଆଳ ହଠାତ୍ ଆକ୍ରମଣ କରିଥିଲା ଏବଂ ଦେହ ସାରା କାମୁଡ଼ିକି ରକ୍ତାକ୍ତ କରିଦେଇଥିଲା ଏବଂ ଘଟଣା ସ୍ଥଳରେ ନିଜକୁ ବଞ୍ଚାଇବାକୁ ଯାଇ ସେ ସେହି ସିଆଳଟିକୁ ପିଟିପିଟି ମାରି ଦେଇଥିଲେ ।ଏଠାରେ ସୂଚନାଯୋଗ୍ୟ ଯେ, ଘଷିପୁରା ବ୍ଲକ ଅଞ୍ଚଳରେ ଏଯାବତ ୧୫ ଜଣ ଲୋକଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିସାରିଲେଣି ପାଗଳା ସିଆଳ । ଆଖପାଖ ଗ୍ରାମରେ ରାତି ହେଲେ ଭୟର ବାତାବରଣ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ ଆହୁରି ୨୦ ରୁ ୩୦ ପାଗଳ ଶିଆଳ ଆଖପାଖ ଗ୍ରାମ ଭିତରକୁ ରାତି ହେଲେ ଆସୁଛନ୍ତି ଏବଂ ଆକ୍ରମଣ କରୁଛନ୍ତି ।ଦୟାକରି ରାତ୍ରି ସମୟରେ କେହି ଏକା ବାହାରକୁ ଯାଆନ୍ତୁ ନାହିଁ, ଯଦି କିଛି ଜରୁରୀ କାମ ପାଇଁ ଯାଉଛନ୍ତି ସାଥିରେ ଟର୍ଚ୍ଚ ଏବଂ ଠେଙ୍ଗା ଧରି ଯାଆନ୍ତୁ ବୋଲି ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି ।

# ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ୫୮ତମ ପୂଜା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦୁଝର ସଦର ୧୧/୧୦( ମନୋଜ କୁମାର ପଟେଲ) ବିଗତ ୫୭ବର୍ଷ ଧରି କେନ୍ଦୁଝର ସହରର ମଧ୍ୟଭାଗରେ ଥିବା ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ କାଳୀପୂଜା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ୫୮ତମ କାଳୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟି ପରିସରରେ ଶନିବାର ସଂଧ୍ୟାରେ ପବିତ୍ର ମହାଳୟା ଅମାବାସ୍ୟା ଅବସରରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ତଥା ବରିଷ୍ଠ ଆଇନଜିବୀ ଜ୍ଞାନେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ପ୍ରମୋଦ କୁମାର ନନ୍ଦଙ୍କ ଶାରୀରିକ ଅସୁସ୍ଥତା କାରଣରୁ ଅନୁଷ୍ଠାନର ସଂଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ପଣ୍ଡା ପ୍ରସ୍ତୁତି ବୈଠକକୁ ପରିଚାଳନା କରି ଅନୁଷ୍ଠିତ ହେବାକୁ ଥିବା ମା କାଳୀଙ୍କ ପୂଜାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ । ନଭେମ୍ବର ୮ତାରିଖ ଦିନ ମା କାଳୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ କେବଳ ଶୁଭେଚ୍ଛୁ ଓ ବନ୍ଧୁମାନଙ୍କୁ ନେଇ ଏକ ଲଟେରୀ କାର୍ଯ୍ୟକ୍ରମ ହେବ । ପୂର୍ବବର୍ଷ ଅନୁଯାୟୀ ବେଦଜ୍ଞ ବ୍ରାହ୍ମଣଙ୍କୁ ନେଇ ପୂଜା ଅନୁଷ୍ଠିତ ହେବ । ଏହାସହିତ ମେଳା,ମୀନାବଜାର,ଖାଦ୍ୟମେଳା ବା ଫୁଡ ଫେଷ୍ଟିଭାଲ ଅନୁଷ୍ଠିତ ହେବ । ୧୧ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାକାର୍ଯ୍ୟକୁ ସୁଚାରୁ ରୁପେ ସମ୍ପାଦନ କରିବା ପାଇଁ ବିଭିନ୍ନ କମିଟିମାନ ଗଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର,ଆଶିଷ ଚକ୍ରବର୍ତ୍ତୀ,ଦେବାଶିଷ ମିଶ୍ର,ସାମ୍ବାଦିକ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ବିଭିନ୍ନ ସୂଚନା ଦେଇଥିବାବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେଶ ରାଉତ,ସତ୍ୟନାରାୟଣ ସାହୁ,ତପନ ଘୋଷ,ପ୍ରତାପ କୁମାର ପାତ୍ର,ଶଙ୍କର୍ଷଣ ବେହେରା,ମନୋଜ ବାରିକ,ରାଜା ଦାସ,ଅନୁପ କୁମାର ସାହୁ,ଯତିନ୍ଦ୍ର ଜେନା,ଗିରିଧାରୀ ସାହୁଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ହୋଇ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପିପୁଲ୍ସ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା : ୧୧/୧୦/(ଅକ୍ଷର ଓଡିଶା ) : ସ୍ଥାନୀୟ ପିପୁଲ୍ସକଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସଭାଗୃହରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରତୀକ୍ଷା ସାହୁ, ଅଧ୍ୟାପିକା କ୍ରିଷ୍ଣା କୁମାରୀ ବର୍ଗେ ଓ ମଧୁସ୍ମିତା ପ୍ରଧାନ , ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏ ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କୁ ଉପହାର ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ନିଜ ଡିପାର୍ଟମେଣ୍ଟ ଓ କଲେଜର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ । ଏଥି ସହ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବିଭାଗୀୟ ଅଧ୍ୟାପନାକାରୀମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀ ଶ୍ୱେତାଙ୍ଗନା ଖାଡଙ୍ଗା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଛାତ୍ର ଚନ୍ଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ବିଏରର ଯତନ ନାୟକ ସକ୍ରିୟ ସହଯୋଗ କରିଥିଲେ ।

# ମା’ ଶୈଳପୁତ୍ରୀଙ୍କ ପୂଜାର୍ଚ୍ଚନା ସହ ନବଦିନାତ୍ମକ ପୂଜାର ଶୁଭାରମ୍ଭ



ନୂଆପଡ଼ା, ୧୧/୧୦ (ଅକ୍ଷର ଓଡ଼ିଶା): ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ଆଶ୍ୱିନ ମାସର ଶୁକ୍ଲପକ୍ଷ ପ୍ରତିପଦା ତିଥିରେ ମା’ ଦୁର୍ଗାଙ୍କ ନବରାତ୍ର ପୂଜାର ଶୁଭାରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ମା’ଙ୍କ ଶୈଳପୁତ୍ରୀ ସ୍ୱରୂପକୁ ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ପୂଜା ମଣ୍ଡପରେ ଭକ୍ତିମୟ ପରିବେଶ ମଧ୍ୟରେ ପୂଜାବିଧି ଆରମ୍ଭ ହୋଇଛି ।ଖଡ଼ିଆଳର ରାଜାପଡ଼ା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ୧୯୫୪ ମସିହାରୁ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ଧରି ଏଠାରେ ପରମ୍ପରା ଓ ରୀତିନୀତି ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ପୂଜାରେ କର୍ତ୍ତା ଭାବେ ବସନ୍ତ କୁମାର ସିଂ ଦେଓ ଦାୟିତ୍ୱ ନିର୍ବାହ କରୁଛନ୍ତି ।ସେହିପରି ଖଡ଼ିଆଳର ପଟ୍ଟନାୟକପଡ଼ା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମଧ ନବଦିନାତ୍ମକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି କମିଟି ପକ୍ଷରୁ ମଧ ୧୯୫୪ ମସିହାରେ ପୂଜା ଆରମ୍ଭ କରାଯାଇଥିଲା। ସେବେଠାରୁ ଏଠାରେ ପ୍ରତିବର୍ଷ ନିରନ୍ତର ଭାବେ ପୂଜା ଅନୁଷ୍ଠିତ ହୋଇଆସୁଛି ।ଶାରଦୀୟ ଦୁର୍ଗାପୂଜାକୁ ନେଇ ଅଞ୍ଚଳରେ ଭକ୍ତି ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଆଗାମୀ ନଅ ଦିନ ଧରି ମା’ଙ୍କ ବିଭିନ୍ନ ସ୍ୱରୂପର ପୂଜାର୍ଚ୍ଚନା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଜାରି ରହିବ।

# କଲେଜରେ ସାଇନ୍-ଏ-ଡାଏ ଘୋଷଣା

## ପ୍ରାର୍ଥୀପତ୍ର ନାକଚକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ

ଦେବଗଡ଼,୧୧।୧୦(ଅକ୍ଷର ଓଡ଼ିଶା): ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ରକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଶାନ୍ତି ଓ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବାରୁ କଲେଜ କର୍ତ୍ତୃପକ୍ଷ ଶନିବାର ସନ୍ଧ୍ୟାରେ ସାଇନ୍-ଏ-ଡାଏ ଘୋଷଣା କରିଛନ୍ତି। ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ କେତେକ ପଦବୀ ପାଇଁ ଦାଖଲ ହୋଇଥିବା ମନୋନୟନ ପତ୍ର ନାକଚ ହେବାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୁଲିସ ଅଧିକାରୀଙ୍କ ସମେତ ଫୋର୍ସ ମୁତୟନ କରାଯାଇଛି ।ସୂଚନା ଅନୁଯାୟୀ, କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଭିନ୍ନ ପଦପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଶୁକ୍ରବାର ୨୦ଟି ପଦବୀ ମଧ୍ୟରୁ ୭ଟି ପଦବୀ ପାଇଁ ୧୧ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିଲେ। ପରେ ନାମାଙ୍କନ ପତ୍ର ଯାଞ୍ଚ ସମୟରେ ବିଭିନ୍ନ କାରଣରୁ ୬ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ବେଳେ ୫ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିଲା ।ତେବେ ଶିବୁନ ଦେହୁରୀଙ୍କ ନିର୍ବାଚନ ସମ୍ପର୍କରେ ଆସନ୍ତା ୧୫ ତାରିଖରେ କଲେଜ କର୍ତ୍ତୃପକ୍ଷ ବିଧିବଦ୍ଧ ଘୋଷଣା କରିବେ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି ।ଛାତ୍ର ସଂସଦ ନିର୍ବାଚନକୁ ନେଇ ଉପୁଜିଥିବା ଉତ୍ତେଜନା ମଧ୍ୟରେ କଲେଜ କର୍ତ୍ତୃପକ୍ଷଙ୍କ ସାଇନ୍-ଏ-ଡାଏ ଘୋଷଣା ଓ ପୁଲିସ ମୁତୟନକୁ ନେଇ କଲେଜ ପରିସରରେ ସତର୍କତା ଅବଲମ୍ବନ କରାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ବାରହା ମୃତ

ବନ୍ତଲା(୧୧/୧୦(ଅକ୍ଷର ଓଡିଶା )) : ଅନୁଗୋଳ ଜିଲ୍ଲା ବନ୍ତଲା ବନାଞ୍ଚଳ ଅନ୍ତର୍ଗତ ଖାଲଗାଁ ଗ୍ରାମରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଏକ ବାରହାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବାରହାଟି ଗୁରୁତର ଅବସ୍ଥାରେ ଥିବା ଖବର ପାଇବା ପରେ ବନ୍ତଲା ବନ ବିଭାଗ କର୍ମଚାରୀ ପହଂଚି ଏହାକୁ ଉଦ୍ଧାର କରିଥିଲେ । ଉଦ୍ଧାର ବାରହା କୁ କୁଲାସିଙ୍ଗା ନର୍ସରୀ କୁ ନିଆଯାଇ ସେଠାରେ ତାହାର ଚିକିତ୍ସା ଚାଲିଥିବା ସମୟରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।ତେବେ ବାରହାଟି କେଉଁ ପରିସ୍ଥିତିରେ ଗୁରୁତର ହୋଇଥିଲା, ତାହାର ମୃତ୍ୟୁ ପଛରେ କେଉଁ କାରଣ ରହିଛି ଏବଂ ଘଟଣାଟି କିପରି ଘଟିଲା, ସେ ସମ୍ପର୍କରେ ଅଧିକ ତଥ୍ୟ ମିଳିବା ପରେ ଘଟଣାର ସବିଶେଷ ବିବରଣୀ ସ୍ପଷ୍ଟ ହୋଇପାରିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ରାୟଗଡ଼ାରେ ୪ କେଜିରୁ ଅଧିକ ବଜ୍ରକାପ୍ତା ଖପୁରୀ ଜବତ, ୩ ଗିରଫ



ରାୟଗଡ଼ା,୧୧/୧୦ (କୈଳାସ ସ୍ୱାଇଁ):ଅ ଗତକାଲି ତା ୧୦.୧୦.୨୦୨୬ ରିଖ ଶନିବାର ଦିନ ପ୍ରାୟ ୧୧.୩୦ ଘଣ୍ଟିକା ସମୟରେ ବନଖଣ୍ଡ ଅଧିକାରୀ ରାୟଗଡ଼ାଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ବନାଞ୍ଚଳ ଅଧିକାରୀଙ୍କ ତତ୍ୱାବଧାନରେ ରାୟଗଡ଼ା ସହର ସ୍ଥିତ ଓରମାସ ଅଫିସ ପଛ ପଡ଼ିଆଠାରେ ବଜ୍ରକାପ୍ତା ଖପୁରୀ ବିକ୍ରି ବେଳେ ୩ ଜଣଙ୍କୁ ବନ ବିଭାଗ ମାଡ଼ିବସି ଧରିଛି। ସେମାନଙ୍କ ନିକଟରୁ ପାଖାପାଖି ୪ କି.ଗ୍ରା.ରୁ ଅଧିକ ଓଜନର ବଜ୍ରକାପ୍ତା ଖପୁରୀ ଜବତ କରାଯାଇଛି ।ଅଭିଯୁକ୍ତମାନେ ହେଲେ - ଜଗନ ହିମିରିକା (୩୮) ଗ୍ରାମ ପଣସପୁଟ, ନୀଳାମ୍ବର ଖୋସଲା (୬୭) ଓ ପୁରୁଷୋତ୍ତମ ଖୋସଲା (୪୮) ଗ୍ରାମ କୁମ୍ଭୀକଟା, ଥାନା ରାୟଗଡ଼ା ।ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଇଉର ସତୀଶ କୁମାର ଧାରୁଆ ତଦନ୍ତ ଚଲାଇଛନ୍ତି। ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ଡାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରାଯାଇଛି ବୋଲି ଇଉର ଶ୍ରୀ ଧାରୁଆ କହିଛନ୍ତି।

# ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ

## ଜୀବନ୍ତ ଜଳିଗଲା ୪ ବର୍ଷର ଶିଶୁ କନ୍ୟା, ବାପା-ମା’ଙ୍କ ସହ ବଡ଼ବାପା ଗୁରୁତର



ଯାଜପୁର୧୧/୧୦ (ଅକ୍ଷର ଓଡ଼ିଶା) :ରୋଷେଇ ଗ୍ୟାସ ଲିକେଜରୁ ଭୟାବହ ଅଗ୍ନିକାଣ୍ଡ ଘଟି ନିଆଁରେ ଜଳିପୋଡ଼ି ଜଣେ ଚାରି ବର୍ଷର ଶିଶୁ କନ୍ୟାର ଦାରୁଣ ମୃତ୍ୟୁ ଘଟିଛି। ଝିଅକୁ ବଞ୍ଚାଇବାକୁ ଯାଇ ବାପା ଓ ମା’ ଗୁରୁତର ହୋଇଥିବା ବେଳେ ଉଦ୍ଧାର କରିବାକୁ ଆସି ବଡ଼ବାପା ମଧ ଆହତ ହୋଇଛନ୍ତି। ଏହି ହୃଦୟବିଦାରକ ଘଟଣା ଘଟିଛି ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ଗ୍ରାମରେ ।ପ୍ରାପ୍ତ ସୂଚନା ଅନୁଯାୟୀ, ଅରାବଳ ଗାଁର ଅଭିରାମ ମଲ୍ଲିକଙ୍କ ପତ୍ନୀ ତିଳୋତ୍ତମା ମଲ୍ଲିକ ଆଜି ସକାଳ ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ପରିବାର ଲୋକଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରିବାକୁ ରୋଷେଇ ଘରକୁ ଯାଇଥିଲେ। ସେ ଗ୍ୟାସ ଚୁଲାର ରେଗୁଲେଟର ଅନ୍ କରି ଡିଆସିଲ ମାରିବା ମାତ୍ରେ ପୂର୍ବରୁ ପାଇପ୍ ଲିକ୍ ଯୋଗୁଁ ଜମି ରହିଥିବା ଗ୍ୟାସରେ ହଠାତ୍ ନିଆଁ ହୁତୁହୁତୁ ହୋଇ ଜଳିଉଠିଥିଲା। ନିମିଷକ ମଧ୍ୟରେ ସମଗ୍ର ରୋଷେଇ ଘର ତଥା ଘର ଭିତରକୁ ନିଆଁ ବ୍ୟାପିଯାଇଥିଲା ।ସେହି ସମୟରେ ଘରେ ଉପସ୍ଥିତ ଥିବା ୪ ବର୍ଷର ଝିଅ ମାମାଲି ନିଆଁ ଆଁ ଭିତରେ ଫସିଯାଇଥିଲା। ଆଖି ଆଗରେ ଝିଅ ଜଳିଯାଉଥିବା ଦେଖି ତାକୁ ରକ୍ଷା କରିବା ପାଇଁ ବାପା ଅଭିରାମ ଓ ମା’ ତିଳୋତ୍ତମା ନିଆଁ ଭିତରକୁ ଡେଇଁ ପଡ଼ିଥିଲେ। ହେଲେ ନିଆଁର ପ୍ରକୋପ ଏତେ ପ୍ରଚଣ୍ଡ ଥିଲା ଯେ ସେମାନେ ଝିଅକୁ ଉଦ୍ଧାର କରିପାରିନଥିଲେ ଏବଂ ଘଟଣାସ୍ଥଳରେ ହିଁ କୁନି ଝିଅ ମାମାଲିର ଦାରୁଣ ମୃତ୍ୟୁ ଘଟିଥିଲା। ପାଟିତୁଣ୍ଡ ଶୁଣି ଅଭିରାମଙ୍କ ବଡ଼ଭାଇ ଉତ୍ତମ ମଲ୍ଲିକ ଝରକା ଭାଙ୍ଗି ସେମାନଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ସେ ମଧ ନିଆଁ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ ।ଚିତ୍କାର ଶୁଣି ଗ୍ରାମବାସୀ ଓ ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଗୁରୁତର ଅବସ୍ଥାରେ ଅଭିରାମ ଓ ତିଳୋତ୍ତମାଙ୍କୁ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଉଭୟଙ୍କ ଶରୀର ଗୁରୁତର ଭାବେ ପୋଡ଼ିଯାଇଥିବାରୁ ଏବଂ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ବଡ଼ଭାଇ ଉତ୍ତମ ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ସ୍ୱର୍ଗତ ପ୍ରଦୀପ କୁମାର ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ



ରିଆମାଳ,୧୧।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକର ବିଜୁ ଜନତା ଦଳର ସକ୍ରିୟ କର୍ମୀ ସ୍ୱର୍ଗତ ପ୍ରଦୀପ କୁମାର ସାହୁଙ୍କ ଏକାଦଶାହ କର୍ମରେ ଦେବଗଡ ବିଧାୟକ ଶ୍ରୀଯୁକ୍ତ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।ସ୍ୱର୍ଗତ ସାହୁଙ୍କ ଅକାଳ ବିୟୋଗରେ ବିଜୁ ଜନତା ଦଳ ପରିବାରରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କର ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶୋକବ୍ୟକ୍ତ କରାଯାଇଛି ।ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବାକୁ ପ୍ରାର୍ଥନା କରାଯାଇଛି।

# ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ ବିକ୍ଷୋଭ

## ଅଧ୍ୟକ୍ଷଙ୍କ ଇସ୍ତଫା ଦାବି କଲେ ଆନ୍ଦୋଳନକାରୀ



ନୂଆପଡ଼ା,୧୧/୧୦ (ଅକ୍ଷର ଓଡ଼ିଶା): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଏବିଭିପି ସମର୍ଥିତ ପ୍ରାର୍ଥୀ ପରୀ ଟଣ୍ଡନଙ୍କ ସମେତ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ୧୩ ଜଣ ପ୍ରାର୍ଥୀ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପୁନର୍ବାର କରାଇବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଯଦି କଲେଜ ଅଧକ୍ଷ ନିର୍ବାଚନ କରାଇବାରେ ସମର୍ଥ ନୁହନ୍ତି, ତେବେ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି ଉଠାଇଛନ୍ତି। ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ଛାତ୍ର ସଂସଦ ନିର୍ବାଚନ ଛାତ୍ରଛାତ୍ରୀଙ୍କୁ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ସହ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରିଥାଏ। ନିର୍ବାଚନ ବାତିଲ ହେବା ଫଳରେ ଛାତ୍ରଛାତ୍ରୀମାନେ ଏହି ସୁଯୋଗରୁ ବଞ୍ଚିତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି ।ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ନେଇ ନିର୍ଦ୍ୱନ୍ଦ୍ୱରେ ବିଜୟୀ ପ୍ରାର୍ଥୀମାନେ କ୍ଷୋଭ ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ଓ ଭବିଷ୍ୟତ ନେତୃତ୍ୱର ସୁଯୋଗକୁ ଦୃଷ୍ଟିରେ ରଖି ନିର୍ବାଚନ କରାଇବାକୁ ଦାବି କରିଛନ୍ତି।

# ବାଲିଗୁଡ଼ା ବିଜେଡି ନେତା ଭେଟିଲେ ନବୀନଙ୍କୁ

ବାଲିଗୁଡା : ୧୧/୧୦(ଅକ୍ଷର ଓଡିଶା )ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ରାଜନୈତିକ ତତ୍ପରତା ବଢ଼ୁଥିବା ବେଳେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ପୁନର୍ବାର ସୁଦୃଢ଼ କରିବା ଦିଗରେ ଅଣ୍ଟା ଭିଡ଼ିଛି ବିଜୁ ଜନତା ଦଳ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କନ୍ଧମାଳ ଜିଲ୍ଲାର କିଛି ଦଳୀୟ ନେତା ଭେଟି ଆଗାମୀ ନିର୍ବାଚନୀ ରଣନୀତି ଓ ସାଂଗଠନିକ ସ୍ଥିତି ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ବିଶେଷକରି ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତିକୁ ମଜଭୁତ କରିବା ସହ ଗାଁଠାରୁ ସହର ପର୍ଯ୍ୟନ୍ତ କର୍ମୀ ଓ ସମର୍ଥକଙ୍କୁ ଏକଜୁଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବା ଜଣାଯାଇଛି। ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ପରିସ୍ଥିତିରେ ଦଳର ସ୍ଥିତିକୁ ଅଧିକ ମଜଭୁତ କରିବା ଏବେ ନେତୃତ୍ୱ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ସଫଳତା ପାଇଁ ସ୍ଥାନୀୟ ନେତୃତ୍ୱର ସକ୍ରିୟତା, କର୍ମୀଙ୍କ ଏକତା ଓ ଜନସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି।

# କୁଚିଣ୍ଡା ଘୋଷାରେ ଚର୍ଚ୍ଚିତ ‘ରାଜୁ’ ହାତୀ

## ୬ ଟିକିଆ ପଲକୁ ନେଇ ଆତଙ୍କ



କୁଚିଣ୍ଡା: ୧୧ ।୧୦ ( ଚତୁର୍ଭୁଜ ଜୟପୁରିଆ ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବନଖଣ୍ଡ ଅଧୀନସ୍ଥ ଘୋଷା ଅଞ୍ଚଳରେ ଏବେ ଚର୍ଚ୍ଚିତ ଦନ୍ତା ‘ରାଜୁ’ ହାତୀର ଉପସ୍ଥିତିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି। ଅନୁଗୋଳ ଏବଂ ଦେବଗଡ଼ ଜିଲ୍ଲା ଦେଇ ଗତି କରିବା ପରେ ଏହି ହାତୀଟି ଏବେ କୁଚିଣ୍ଡା ଅଞ୍ଚଳରେ ଡେରା ପକାଇଛି। ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ‘ରାଜୁ’ କ୍ରମାଗତ ଭାବେ ଗତିପଥ ବଦଳାଇ ରେଙ୍ଗାଲବେଡ଼ା, ଭୋଜପୁର ଏବଂ ଲାଡ଼ ଅଞ୍ଚଳ ଦେଇ ବର୍ତ୍ତମାନ ଘୋଷା ଗ୍ରାମ ନିକଟରେ ପହଞ୍ଚିଛି। ତା’ର ଗତିବିଧିକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, କେବଳ ରାଜୁ ନୁହେଁ, ବରଂ କୁଚିଣ୍ଡା ଆଖପାଖ ଅଞ୍ଚଳରେ ଆଉ ଏକ ୬ ଟିକିଆ ହାତୀ ପଲ ମଧ୍ୟ ବିଚରଣ କରୁଥିବା ଦେଖିବାକୁ ମିଳିଛି। ଏହି ପଲ ଯୋଗୁଁ ଧାନ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀ ଓ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଉଭୟ ରାଜୁ ଏବଂ ୬ ଟିକିଆ ହାତୀ ପଲର ଗତିବିଧି ଉପରେ କୁଚିଣ୍ଡା ବନ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ହାତୀମାନେ ଯେପରି ଜନବସତି ଭିତରକୁ ନ ପଶିବେ ଏବଂ ଧନଜୀବନର କୌଣସି କ୍ଷତି ନ ଘଟାଇବେ, ସେଥିପାଇଁ ବନ କର୍ମଚାରୀମାନେ ଦିନରାତି ପାଟ୍ରୋଲିଂ ଜାରି ରଖିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ରାତି ସମୟରେ ଜଙ୍ଗଲ ରାସ୍ତାରେ ଯାତାୟାତ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଖଣ୍ଡପଡାରେ ଶୁଳିଆ କାଠି ପର୍ବ ପାଳିତ



ଖଣ୍ଡପଡା ୧୧।୧୦ (ଅକ୍ଷର ଓଡ଼ିଶା) ଗଡଜାତ ଖଣ୍ଡପଡା ଅଂଚଳରେ ଶୁଳିଆ କାଠି ପର୍ବ ଶନିବାର ବିଳମ୍ବିତ ରାତିରେ ପାଳିତ ହୋଇଯାଇଛି ।ପରମ୍ପରା ଅନୁସାରେ ଶୁଳିଆ କାଠି ଦିଅଁ ଖଣ୍ଡପଡ଼ା ସହର ପରିକ୍ରମା କରିବା ସମୟରେ ପ୍ରତ୍ୟେକ ବ୍ୟକ୍ତି ବାସଗୃହ ସମ୍ମୁଖରେ ବିଗ୍ରହଙ୍କୁ ଭୋଗ ଲାଗି କରିବା ସହ ଦର୍ଶନ କରିଥିଲେ ।ପରେ ବିଳମ୍ବିତ ରାତିରେ ଶୁଳିଆ କାଠି ଦିଅଁ ଖଣ୍ଡପଡା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପହଞ୍ଚି ଥିବା ଜଣାପଡିଛି ।ସୂଚନାଯୋଗ୍ୟ ନିକଟସ୍ଥ ଖଳିସାହି ତୋଟା ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଳିଆ କାଠି ଦିଅଁକୁ ସେବାୟତମାନେ ସଙ୍ଗରେ ଧରି ଗ୍ରାମ ପରିକ୍ରମା କରିବାର ପରମ୍ପରା ରାଜ ରାଜୁଡା ଅମଳରୁ ପ୍ରଚଳିତ ହୋଇ ଆସୁଥିବା ବେଳେ ଦଶହରା ପର୍ଯ୍ୟନ୍ତ କାଠି ଦିଅଁ ପର୍ବ ଘରେ ଷୋଡ଼ଶ ଉପଚାରରେ ପୂଜା ପାଇବେ ବୋଲି ଜଣାପଡିଛି।

# କିସିଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳରୁ ଶିକାରୀ ଗିରଫ

ରେଢ଼ାଖୋଲ୧୧/୧୦ (ଷଡ଼ାନନ ପ୍ରଧାନ )ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ କିସିଣ୍ଡା ବନାଞ୍ଚଳ ରୁ ଜଣେ ଶିକାରୀ କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ। ବନାଞ୍ଚଳ ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ବନ ପାଳ ଖଳାଶୁଣୀ, ବନରକ୍ଷୀ ଭାଲୁଲୁଖୋଲ, ବନରକ୍ଷୀ କଞ୍ଚନପୁରଙ୍କ ସହ କିସିଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପେଟ୍ରୋଲିଂ କରୁଥିବା ବେଳେ ଖନ୍ଦିବାହାଳ ଗ୍ରାମ ନିକଟରେ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ଜମିରେ ତାଙ୍କ ନିକଟ ଜଳ ସେଚନ ଟ୍ରାନ୍ସଫର୍ମରରୁ ବେଆଇନ ବିଦ୍ୟୁତ ତାର ଲଗାଇ ଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ବିଛା ଯାଇଥିବା ଦେଖିବାକୁ ମିଳିଥିଲା । ଭୋର ରୁ ଜମି ମାଲିକରାଜେନ୍ଦ୍ର ପ୍ରସାଦ ସାହୁ ଘଟଣା ସ୍ଥଳକୁ ଆସିଥିବା ବେଳେ ପୂର୍ବରୁ ଜଗିରହିଥିବା ବନ କର୍ମଚାରୀ ତାଙ୍କୁ କାବୁ କରିନେଇଥିଲେ । ଘଟଣା ସ୍ଥଳକୁ ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଧରି ପହଁଚିଲେ। ବିଦ୍ୟୁତ କର୍ମଚାରୀ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ତାରକୁ ଉଦ୍ଧାର କଲେ। ତଦନ୍ତ ବେଳେ ସେ ଏଥିରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲା ।ସେଥିରେ ବ୍ୟବହୃତ ଏକ କିଗ୍ରା ୩୭୫ ଗ୍ରାମ ବିଦ୍ୟୁତ ତାର ଏବଂ ୧୯ ଖଣ୍ଡ ଶୁଖା କାଠି ଜବତ କରିଥିଲେ । ବିଦ୍ୟୁତ ତାର ଲଗାଇ ଜନ୍ତୁ ଶିକାର କରିବା ବନ୍ୟ ପ୍ରାଣୀ ଆଇନ ଅନୁଯାୟୀ ଏକ ଧର୍ତ୍ତ୍ୱ ଅପରାଧ ହୋଇଥିବାରୁ ଆସାମୀ ରାଜେନ୍ଦ୍ର ପ୍ରସାଦ ସାହୁଙ୍କୁ ଓଡିଶା ବନ୍ୟପ୍ରାଣୀ ଆଇନ ୧୯୭୨ ଅନୁଯାୟୀ ଗିରଫ କରି ଡାକ୍ତରୀ ପରୀକ୍ଷା ପରେ ରେଢ଼ାଖୋଲ ସ୍ଥିତ କୋର୍ଟରେ ହାଜର କରାଯାଇଥିଲା ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଗଲା। ଚଢ଼ାଉ ରେ ପଦ୍ମଲୋଚନ ବଡଗୁଛିଆ ବନପାଳ ଖଳାଶୁଣୀ, ଭାଗିରଥି ମହାନନ୍ ବନରକ୍ଷୀ ଭାଲୁଖୋଲ, ଅଶୋକ କିସାନ ବନରକ୍ଷୀ କଞ୍ଚନପୁର ପ୍ରମୁଖ ସାମିଲ ଥିଲେ।

# ଆରମ୍ଭ ହେଲା ପ୍ରସିଦ୍ଧ ବାଲିଯାତ୍ରାର ଆଦ୍ୟପର୍ବ

ସୁବର୍ଣ୍ଣପୁର:୧୧।୧୦(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁରବୁଢ଼ାରଜା ବଳି ଯାତ୍ରା ହେଉଛି ପଶ୍ଚିମ ଓଡ଼ିଶାର ଏକ ପ୍ରସିଦ୍ଧ ତଥା ପ୍ରାଚୀନ ତାନ୍ତ୍ରିକ ଓ ଶାକ୍ତ ପରମ୍ପରାର ଅନନ୍ୟ ଲୋକଉତ୍ସବ। ଆଶ୍ୱିନ ମାସରେ ସୋନପୁର ରାଜପ୍ରାସାଦ ସମ୍ମୁଖରେ ଅବସ୍ଥିତ ଐତିହାସିକ ବୁଢ଼ାରଜା ମନ୍ଦିର ନିକଟରେ ଏହି ପାରମ୍ପରିକ ବଳିଯାତ୍ରାର ଗୁରୁତ୍ୱପୂର୍ଣ୍ଣ ରୀତିନୀତି ସମ୍ପନ୍ନ ହୋଇଥାଏ। ଏଠାରେ ବରୁଆ ବା କାଳିସୀଙ୍କ ଦେହରେ ଦେବୀ ଶକ୍ତିଙ୍କ ଆବିର୍ଭାବ ହୁଏ ଏବଂ ଢୋଲ, ମହୁରୀ ଓ ଘଣ୍ଟର ତାଳେ ତାଳେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଏ ।ଆଜି ଏହି ସୁବର୍ଣ୍ଣପୁର ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା ଆରମ୍ଭ ହୋଇଯାଇଛି । ମହାଳୟା ର ମଧ ରାତ୍ରି ରେ ବୁଢ଼ାରଜା ବଳୀ ସହ ଆରମ୍ଭ ହୋଇଛି ମହାବଳି ଯାତ୍ରା ର ଆଦ୍ୟ ପର୍ବ । ବିଳମ୍ବିତ ରାତିରେ ମା ସୁରେଶ୍ୱରୀ ମନ୍ଦିର ରୁ ବାଉତ୍ୱିଧି ଅନୁସାରେ ବାରୂମାନେ ଯିବା ରାସ୍ତା ବିଳମ୍ବିତ ରାତିରେ ଲଙ୍ଗଳ ଗାର ଓ କୁକୁଡ଼ା ପକ୍ଷୀ ପକେଇବା ପରେ ଉଭୟ ଦେବୀଙ୍କୁ ପିଠ କୁ ନିଆଯାଇଥିଲା । ଛତ୍ର ବାହାରି ସମଲେଇ ଙ୍କ ଠାରେ ପହଞ୍ଚି ବରୁଆ ଙ୍କ ଠାରେ ଦେବୀ ଆବିର୍ଭାବ ହୋଇ ସହର ମଧ ଦେଇ ବୁଢ଼ାରଜା ଛକରେ ପହଞ୍ଚି ସେଠାରେ ବଳୀ ଯାତ୍ରା ଆରମ୍ଭ ହୋଇଥିଲା ।ମାନସିକ ପୂରଣ ପାଇଁ ଭକ୍ତମାନେ ପିଠ ରେ ମା,ଙ୍କୁ ଅର୍ପଣ ପାଇଁ ବିଭିନ୍ନ ପ୍ରକାର ଭୋଗ ଧରି ଆସିବା ସହ ମା ଙ୍କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା । ବୁଢ଼ୀରଜା ଯୁବ ସଂଘଠନ ପକ୍ଷରୁ ଭକ୍ତମାନଙ୍କ ପାଇଁ ଭୋଗ ର ବ୍ୱେସ୍ଥା କରାଯିବା ସହ ନିକଟରେ ସଂ ।ସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ଜୟପୁରରେ ପୋଲିସର ‘ଯୁଭେନ୍ତିକା’ ସଚେତନତା ରାଲି




ଜୟପୁର, ୧୧/୧୦(ସମୀର ରଞ୍ଜନ ପାତ୍ର ): କିଶୋର ଓ ନାବାଳକଙ୍କ ସୁରକ୍ଷା, ଅଧିକାର ଏବଂ ସଚେତନତାକୁ ଗୁରୁତ୍ୱ ଦେଇ ଜୟପୁର ଟାଉନ୍ ପୋଲିସ ପକ୍ଷରୁ ‘ଯୁଭେନ୍ତିକା’ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ରାଲିରେ ଜୟପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଶିଶୁ ଓ କିଶୋରକିଶୋରୀଙ୍କ ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ ।ଜୟପୁର ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲି ଟାଉନ୍ ଥାନା ପରିସରରୁ ବାହାରି ମୁଖ୍ୟ ଟ୍ରାଫିକ୍ ଛକ ଓ ସର୍ଦ୍ଦାର ପଟେଲ ମାର୍ଗ ଦେଇ ୱେଲକମ୍ ଛକରେ ପହଞ୍ଚିଥିଲା ।ପରେ ସେଠାରୁ ଫେରି ଟାଉନ୍ ଥାନା ପରିସରରେ ରାଲିର ସମାପନ ହୋଇଥିଲା। ଏଥିରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଅତିଥି ଭାବେ ଯୋଗଦେଇ କିଶୋରୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଏସ୍‌ଡିପିଓ ମିତ୍ତଲ କହିଥିଲେ ଯେ, କୌଣସି ଅସୁବିଧା କିମ୍ବା ଅସୁରକ୍ଷିତ ପରିସ୍ଥିତିର ସମ୍ମୁଖୀନ ହେଲେ ପୋଲିସକୁ ଭୟ ନକରି ନିର୍ଭୟରେ ସହାୟତା ନେବା ଉଚିତ। ବିଶେଷକରି କିଶୋରୀମାନେ ମହିଳା ପୋଲିସଙ୍କ ନିକଟରେ ନିଜ ସମସ୍ୟା ଖୋଲାଖୋଲି ଭାବେ ଜଣାଇଲେ ଉପଯୁକ୍ତ ପଦକ୍ଷେପ ନେବା ସହଜ ହେବ ବୋଲି ସେ ପରାମର୍ଶ ଦେଇଥିଲେ। ଏଥିସହ ମୋବାଇଲ୍ ଫୋନ୍‌ର ବ୍ୟବହାର ଉପରେ ସଚେତନ କରାଇ ସୂଚନା ସଂଗ୍ରହ ଓ ପାଠପଢ଼ା ଭଳି ଆବଶ୍ୟକ କାର୍ଯ୍ୟରେ ଏହାକୁ ସୀମିତ ସମୟ ପାଇଁ ବ୍ୟବହାର କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ ଓ କିଶୋରକିଶୋରୀଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା, ସେମାନଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରିବା ଏବଂ ଆବଶ୍ୟକ ସମୟରେ ପୋଲିସର ସହାୟତା ନେବାକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

# ଶାରଦୀୟ ଦୂର୍ଗା ପୂଜା ଉପଲକ୍ଷେ ଦଶ ପୁର ଫାଣ୍ଡି ଅଧିକାରୀଙ୍କ ଅଧିନରେ ଆଲୋଚନା

କଳାହାଣ୍ଡି/୧୧/୧୦/ ( ରାମ କୁମାର ସେନାପତି)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶ ପୁର ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ଙ୍କ ଅଧିନରେ ଶାରଦୀୟ ଦୂର୍ଗା ପୂଜା ଉପଲକ୍ଷେ ଦୂର୍ଗା ପୂଜା କମିଟି , ଦଶ ପୁର, ଖମାର ହଲଦି, ଚିଚିଆ ଓ ରେଂଗସା ପାଲି ପ୍ରମୁଖ କମିଟିର କର୍ମକର୍ତ୍ତା ମାନଙ୍କ ଉପସ୍ଥିତି ରେ ଆଲୋଚନା ହୋଇ ଥିଲା, ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରିବା ପାଇଁ ଫାଣ୍ଡି ଅଧିକାରୀ ଙ୍କୁ କମିଟି ପକ୍ଷରୁ ଅନୁରୋଧ କରିଥିଲେ।, ଦଶ ପୁର ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ମଧ କମିଟିର ଅନୁରୋଧ କୁ ନିଶ୍ଚୟ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ଫାଣ୍ଡି ଅଧିକାରୀ ଙ୍କ ପ୍ରତିଶ୍ରୁତି କୁ ନେଇ କମିଟି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଚାଷୀଙ୍କ ହିତ ପାଇଁ ଲୋଭଲ କମ୍ପାନୀ ଉତ୍ସର୍ଗିକୃତ

ନିମାପଡା,୧୧।୧୦(ବିଜୟ ବେହେରା) ନିମାପଡା ଠାରେ ଲୋଭଲ କମ୍ପାନୀର ଏକ ନୂତନ ସୋରୁମ ଆଜି ଉଦଘାଟିତ ହୋଇଯାଇଛି। ଶୁଭମ କଲ୍ୟାଣ ମଣ୍ଡପ ପରିସରେରେ ରାଜ ଟ୍ରେଡିଙ୍ଗ ଦ୍ୱାରା ଅୟୋଜିତ ଉଦଘାଟନ ଉତ୍ସବେର କମ୍ପାନୀର ମ୍ୟାନେଜିଙ୍ଗ ଡାଇରେକ୍ଟର ଚିନ୍ମୟ କୁମାର ବେହେରା,ଡାଇରେକ୍ଟର ଅତିଶ କୁମାର ପ୍ରଧାନ,ସେଲ୍ସ ମ୍ୟାନେଜର ଲୋଭଲ ଇଣ୍ଡିଆ ଗତିଶ ମିଶ୍ର,କଂଟ୍ରୀ ହେଡ ଲୋଭଲ ଇଣ୍ଡିଆ ସୌରଭ ସୁକୁଲା,ମାକେଟିଂ ମ୍ୟାନେଜର ୱାଙ୍ଗ ହଙ୍ଗୁର,ମା ଗୁଆଙ୍ଗୁରାଇ,କିଶୋର ଶର୍ମା ଜିଆରଡି ସୁଧିର ରାଉତ ପ୍ରମୁଖ ଯୋଗେଦଇ ଏହି କମ୍ପାନୀ ୨୦୦୪ ମସିହାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଲୋକମାନଙ୍କ ବେଶ ବିଶ୍ୱାସ ଭାଜନ ହୋଇପାରିଛି । ଏହି ଅବସରେର ୨୪ଜଣ ପ୍ରଥମ ଗ୍ରାହକମାନଙ୍କୁ ପ୍ରାଇଜ ପ୍ରଦାନ ଓ ଲକି ଡ୍ର ଇଭେଂଟ କରାଯାଇଥିଲା। ଏହି ଲେଭୋଲ କମ୍ପାନୀର କୃଷି ଉପକରଣ ,ଯନ୍ତ୍ରପାତି କୃଷକମାନଙ୍କୁ ରିହାତୀ ମୂଲ୍ୟେର ଓ ମହିଳା ମାନଙ୍କୁ କମ ସୁଧ ହାରେର ଟ୍ରାକ୍ଟର ଓ ହାରେଭଟର ମେସିନ ସେମତ ବିଭିନ୍ନ କୃଷି ଉପକରଣ ଯୋଗାଇ ଦିଆଯିବ ବୋଲି ଇଣ୍ଡିଆ ସେଲ ମ୍ୟାନେଜର ସୁକୁଲା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସୋନାଲି ଦାସ ସଂଯୋଜନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମେର ଶତାଧିକ ଚାଷୀ ଓ ଗ୍ରାହକ ଯୋଗେଦଇଥିଲେ ।



## କ୍ରୀଡ଼ା ସମ୍ପର୍କର ୧୦୦ ବର୍ଷ ପୂର୍ତ୍ତି ଦିନିକିଆ ଲାଗି ନ୍ୟୁଜିଲାଣ୍ଡର ସ୍ୱତନ୍ତ୍ର ଜର୍ସି

ୱେଲିଂଟନ୍ ୧୧/୧୦: ଭାରତ ସହ କ୍ରୀଡ଼ା ସମ୍ପର୍କର ୧୦୦ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ଲାଗି ନ୍ୟୁଜିଲାଣ୍ଡ ଦଳ ଆଗାମୀ ଘରୋଇ ଦିନିକିଆ ଶୃଙ୍ଖଳାରେ ସ୍ୱତନ୍ତ୍ର ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇବ। ନ୍ୟୁଜିଲାଣ୍ଡ କ୍ରିକେଟ୍ ପକ୍ଷରୁ ଏହି ସ୍ୱତନ୍ତ୍ର ଜର୍ସିର ନାମ 'କୋଟାହିଟାଙ୍ଗା ଦିନିକିଆ ଜର୍ସି' ରଖାଯାଇଛି। ଏଥିରେ ଉଭୟ ଦେଶର ସଂସ୍କୃତି, କ୍ରିକେଟ୍ ପ୍ରତି ଭଲପାଇବା, ଐତିହାସିକ ସମ୍ପର୍କ ଓ ପାରସ୍ପରିକ ସମ୍ମାନକୁ ପ୍ରତିଫଳିତ କରାଯାଇଛି। ନ୍ୟୁଜିଲାଣ୍ଡର ଶିଳ୍ପୀ ବେନ୍ ଥୋମାସନ୍‌ଙ୍କ ସହ ଗୁଜରାଟର ଶିଳ୍ପୀ ଶିବ ନାରଣଦାସ ଓ ଜୟ ପଞ୍ଚା ଏହି ଜର୍ସିର ଡିଜାଇନ୍ ପ୍ରସ୍ତୁତି କରିଛନ୍ତି। ଜର୍ସିରେ ମାଓରୀ ସଂସ୍କୃତିର ପାରମ୍ପରିକ ନକ୍ସା ବ୍ୟବହାର କରି ଦୁଇ ଦେଶର ସମ୍ପର୍କ ଗଢ଼ିବାରେ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ମାନ ଜଣାଇଛନ୍ତି ଥୋମାସନ୍। ସେହିପରି ଭାରତୀୟ ସଂସ୍କୃତିର ତିନିଟି ପ୍ରତୀକ ଜାତୀୟ ଫୁଲ ପଦ୍ମ, ଭାରତୀୟ ସ୍ଥାପତ୍ୟକଳାର ନକ୍ସା ଏବଂ ମଣ୍ଡଳକୁ ଜର୍ସିରେ ସ୍ଥାନ ଦେଇଛନ୍ତି ଶିବ ଓ ଜୟ।ଦିନିକିଆ ଜର୍ସି ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଗ୍ଲେନ୍ କ୍ରିଚ୍‌ଲି କହିଛନ୍ତି ଯେ ''ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏକତାର ମୁଖ୍ୟ ଆଧାର ହେଉଛି କ୍ରୀଡ଼ା। ଏହି ଜର୍ସି ଉଭୟ ଦେଶର କ୍ରିକେଟ୍‌ପ୍ରେମୀଙ୍କ ପାଇଁ ବହୁଦିନ ଧରି ସ୍ମରଣୀୟ ହୋଇ ରହିବ।'' ସୂଚନାଯୋଗ୍ୟ ଯେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଅକ୍ଟୋବର ୨୨ରୁ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଆରମ୍ଭ ହେବ। ଏହାପରେ ନଭେମ୍ବର ୪ରୁ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଏବଂ ୧୯ରୁ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳାଯିବ।

## ପିଚ୍‌କୁ ନେଇ ପ୍ରଶ୍ନ
# ୨୪୯ ରନ୍ ସୁରକ୍ଷିତ ରଖି ନପାରିବାରୁ ଗାଭାସ୍କର ଅସନ୍ତୁଷ୍ଟ

ରାଞ୍ଚି ୧୧/୧୦: ରାଞ୍ଚି ଟ୍ୱେଣ୍ଟି-୨୦ରେ ଭାରତର ୨୫୦ ରନ୍ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ୍ ୯ ବଲ୍ ପୂର୍ବରୁ ହାସଲ କରିନେବା ପରେ ପୁଣିଥରେ ପିଚ୍‌କୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଏହା ପୂର୍ବରୁ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ଗୁଆହାଟୀ ଦିନିକିଆରେ ୱେଷ୍ଟଇଣ୍ଡିଜ୍‌ର ୪୦୬ ରନ୍ ଲକ୍ଷ୍ୟକୁ ବି ଭାରତ ୩୯ ବଲ୍ ପୂର୍ବରୁ ହାସଲ କରିନେଇଥିଲା। ତୃତୀୟ ଦିନିକିଆରେ ଭାରତର ୩୫୨ ରନ୍ ଲକ୍ଷ୍ୟକୁ ବି ୱେଷ୍ଟଇଣ୍ଡିଜ୍ ହାସଲ କରିନେଇଥିଲା। ଏଣୁ କେବଳ ବ୍ୟାଟରଙ୍କୁ ସୁହାଉଥିବା ପିଚ୍‌କୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର। ବ୍ୟାଟିଂ ଓ ବୋଲିଂ ମଧ୍ୟରେ ଉତ୍ତମ ସନ୍ତୁଳନ ରହୁ ବୋଲି ସେ ମତ ଦେଇଛନ୍ତି। ରାଞ୍ଚି ଟ୍ୱେଣ୍ଟି-୨୦ ପରେ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ବ୍ୟାଟ୍ ଓ ବଲ୍ ମଧ୍ୟରେ ଭଲ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ସମସ୍ତେ ଚାହାନ୍ତି। କେବଳ ଛକା-ଚୌକା ଦେଖିବା ପରିବର୍ତ୍ତେ ଉଭୟ ବ୍ୟାଟର ଓ ବୋଲରଙ୍କୁ ସମାନ ସୁଯୋଗ ମିଳିବା ଆବଶ୍ୟକ। ବୋଲରମାନେ ମଧ୍ୟ କଠିନ ପରିଶ୍ରମ କରି ଦଳରେ ସ୍ଥାନ ପାଇଛନ୍ତି ଏବଂ ସେମାନଙ୍କ କ୍ୟାରିୟର ମଧ୍ୟ ବାଜିରେ ଲାଗିଛି। ଏଣୁ ଭଲ ପିଚ୍ ତିଆରି ହେଉ ବୋଲି ସେ କହିଛନ୍ତି। ତେବେ ପରାଜୟ ପାଇଁ କେବଳ ପିଚ୍‌କୁ ଦାୟୀ କରିନାହାନ୍ତି ଗମ୍ଭୀର। ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ବିପକ୍ଷରେ ଏଭଳି ପରିସ୍ଥିତିରେ ମଧ୍ୟ ରନ୍ ରୋକିବାର ଉପାୟ ଭାରତକୁ ଖୋଜିବାକୁ ପଡ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି।ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ମଧ୍ୟ ସମତଳ ପିଚ୍‌କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଏପରି ପିଚ୍‌ରେ ବୋଲରଙ୍କ ପାଇଁ କିଛି ନାହିଁ। ସମତଳ ପିଚ୍, ଛୋଟ ବାଉଣ୍ଡରୀ ଯୋଗୁଁ ଟ୍ୱେଣ୍ଟି-୨୦ କ୍ରିକେଟ୍ ବ୍ୟାଟିଂ ଆଡକୁ ଅଧିକ ଢଳିଯାଇଛି। ବୋଲରଙ୍କ ଦକ୍ଷତା ଓ କୌଶଳର କୌଣସି ମୂଲ୍ୟ ନାହିଁ। ଏଣୁ ବୋଲରଙ୍କ ବଦଳରେ ଏକ ବୋଲିଂ ମେସିନ ଲଗାଯାଇ ମ୍ୟାଚ୍ ଖେଳାଯାଉ ବୋଲି ସେ କଟାକ୍ଷ କରିଛନ୍ତି।ରାଞ୍ଚି: ଝାଡ଼ଖଣ୍ଡର ରାଞ୍ଚିରେ ଗୁରୁବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ୨୪୯ ରନ୍‌ର ବଡ଼ ସ୍କୋର କରିବା ସତ୍ତ୍ୱେ ଭାରତୀୟ କ୍ରିକେଟ୍ ଦଳ ପରାଜିତ ହୋଇଥିଲା। ଏପରିକି ୱେଷ୍ଟଇଣ୍ଡିଜ୍ ୯ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହାକୁ ନେଇ ପୂର୍ବତନ ବ୍ୟାଟିଂ କିଂବଦନ୍ତି ସୁନୀଲ ଗାଭାସ୍କର ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି। ବିଶେଷ କରି ଘରୋଇ ଦଳର ବୋଲିଂ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସେ। ଏତେ ବଡ଼ ସ୍କୋର କରିବା ପରେ ମଧ୍ୟ ବୋଲରମାନେ କାହିଁକି ଲକ୍ଷ୍ୟକୁ ସୁରକ୍ଷିତ ରଖିପାରିଲେ ନାହିଁ ବୋଲି ଏକ ସାକ୍ଷାତକାରରେ କ୍ଷୋଭର ସହ କହିଛନ୍ତି ସେ। ଏହି ଅବସରରେ ଗାଭାସ୍କର କହିଛନ୍ତି, ଭାରତ ୨୩୫ରୁ ୨୪୦ ରନ୍ କରିବ ବୋଲି ମୋର ଆଶା ଥିଲା। ବୋଲରମାନେ ଆଶାନୁରୂପ ବୋଲିଂ କରି ନଥିବା ସେ କହିଥିଲେ। ବୋଲିଂ ପ୍ରଶିକ୍ଷକ ଏହି ବୋଲରଙ୍କଠାରୁ କ'ଣ ଆଶା ରଖିଥିଲେ ସେମାନେ ସେହି ଅନୁସାରେ ବୋଲିଂ କରିଥିଲେ କି ଏସବୁ ପ୍ରଶ୍ନ ପଚାରିବା ମଜାଦାର ହେବ ବୋଲି ଗାଭାସ୍କର ମତ ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବତନ ଦ୍ରୁତ ବୋଲର ବରୁଣ ଆରୋନ୍ ପାୱାରପ୍ଲେରେ ଅକ୍ଷର ପଟେଲଙ୍କୁ ବୋଲିଂ ଦେବା ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ତାଙ୍କ ମତରେ, ସାଇ ହୋପ୍ ଓ ରୋଭମାନ୍ ପାୱେଲ୍‌ଙ୍କ ଭଳି ବ୍ୟାଟରମାନେ ନୂଆ ବଲ୍‌ରେ ଅସୁବିଧାରେ ପଡୁଥିବାରୁ ଭାରତ ପ୍ରାରମ୍ଭରେ ଦ୍ରୁତ ବୋଲରଙ୍କୁ ଅଧିକ ସୁଯୋଗ ଦେବା ଉଚିତ ଥିଲା। ତେବେ ମ୍ୟାଚ୍ ପରେ ଭାରତୀୟ ଅଧିନାୟକ ଶ୍ରେୟସ



ଆର୍ୟ କହିଥିଲେ, କାକର ପ୍ରଭାବ ଯୋଗୁଁ ଏଭଳି ପରିସ୍ଥିତିରେ କେତେ ରନ୍‌କୁ ନିରାପଦ ସ୍କୋର କୁହାଯିବ, ତାହା ଆକଳନ କରିବା କଷ୍ଟକର। ୨୪୯ ରନ୍ ମଧ୍ୟ ଦୁଇ ଓଭର ବାକି ଥାଇ ପ୍ରତିପକ୍ଷ ହାସଲ କରିଥିବାରୁ କୌଣସି ନିର୍ଦ୍ଦିଷ୍ଟ ସ୍କୋରକୁ ଲକ୍ଷ୍ୟ ଭାବେ ଧରିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ।

# ରଣଜୀ ଟ୍ରଫିରୁ ଓହରିଲା ଅରୁଣାଚଳ ଫେରିଗଲା ନାଗାଲାଣ୍ଡ

ଅହମଦାବାଦ ୧୧/୧୦: ବିସିସିଆଇ ଘରୋଇ ଋତୁ ଆରମ୍ଭ ହେଉ ହେଉ ବିବାଦ ଦେଖାଯାଇଛି। ୧୭ ବର୍ଷ ପରେ ପ୍ରଥମ ଥର ଏକ ରଣଜୀ ମ୍ୟାଚ୍ ବାତିଲ ହୋଇଛି। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ରବିବାରଠୁ ଖେଳାଯିବାକୁ ଥିବା ଅରୁଣାଚଳପ୍ରଦେଶ ଓ ନାଗାଲାଣ୍ଡ ପ୍ଲେଟ୍ ଗ୍ରୁପ୍ ରଣଜୀ ମ୍ୟାଚ୍ ବାତିଲ ହୋଇଛି। ରାଜ୍ୟ କ୍ରିକେଟ୍ ସଂଘରେ ଆଇନଗତ ବିବାଦ ଯୋଗୁଁ ଅରୁଣାଚଳ ପ୍ରଦେଶ ଚଳିତ ଋତୁର ନିଜର ପ୍ରଥମ ରଣଜୀ ମ୍ୟାଚ୍‌ରୁ ଓହରିଯାଇଛି।ପୂର୍ବରୁ ବିସିସିଆଇ ଏହି ମ୍ୟାଚ୍ ବାତିଲ ହେବା ସୂଚନା ଦେଇଥିବାରୁ ଅହମଦାବାଦ ନରହି ନାଗାଲାଣ୍ଡ ଦଳ ଘରକୁ ଫେରିଯାଇଛି। ଅରୁଣାଚଳପ୍ରଦେଶ କ୍ରିକେଟ୍ ସଂଘ (ଏସିଏ)ରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଥିବାରୁ ଦଳ ଚୟନ କିମ୍ବା ଘରୋଇ



ପ୍ରତିଯୋଗିତା ଲାଗି ପ୍ରସ୍ତୁତି ମଧ୍ୟ ହୋଇପାରୁନି। ଏସିଏ ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ୬ଟି ଜିଲ୍ଲା ସଂଘ ଲୋୟର ସିଆଙ୍ଗ, ଅପର ସୁବନସିରି, କାମ୍‌ଲେ, ତୱାଙ୍ଗ, ୱେଷ୍ଟ ସିଆଙ୍ଗ ଓ ପପୁମ ପାରେ ଅଭିଯୋଗ କରିବା ସହ ପୁନଃ ନିର୍ବାଚନ ଲାଗି ଆଡ଼ି ବସିଛନ୍ତି। ଫଳରେ ଏହି ମାମଲାର ଶୁଣାଣି ସଂପ୍ରତି ଗୁଆହାଟୀ ହାଇକୋର୍ଟ ଇଟାନଗର ବେଞ୍ଚରେ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବିବାଦୀୟ ହୋଇପଡ଼ିଥିବା ବିହାର, ରାଜସ୍ଥାନ, ଜମ୍ମୁ କାଶ୍ମୀର ସଂଘ ପରିଚାଳନା ଲାଗି ବିସିସିଆଇ କମିଟି ଗଠନ କରିଛି। ହେଲେ ଅରୁଣାଚଳପ୍ରଦେଶ ମାମଲା କୋର୍ଟରେ ଥିବାରୁ ବିସିସିଆଇ କେଣସି ହସ୍ତକ୍ଷେପ କରିପାରିନି। ଯଦି ଏସିଏର ବିବାଦ ଶୀଘ୍ର ସମାଧାନ ନ ହୁଏ ତେବେ ଆସନ୍ତା ସପ୍ତାହରେ ହେବାକୁଥିବା ହିମାଚଳପ୍ରଦେଶ-ସିକିମ ମ୍ୟାଚ୍ ମଧ୍ୟ ବାତିଲ ହୋଇପାରେ।

## ଏସୀୟ ରଗ୍‌ବି ସେଭେନ୍ସ ସରିଜ୍ ଶ୍ରୀଲଙ୍କା ଲେଗ୍-୨
# ଭାରତୀୟ ଦଳରେ ଓଡ଼ିଶାରୁ ୮




ଭୁବନେଶ୍ୱର ୧୧/୧୦ : ଏସୀର ରଗ୍‌ବି ଏମିରେଟ୍‌ସ ସେଭେନ୍ସ ସିରିଜ୍ ଫାଇନାଲ୍ ରାଉଣ୍ଡ (ଲେଗ୍-୨) ଲାଗି ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଦଳରେ ଓଡ଼ିଶାରୁ ୮ (୩ ପୁରୁଷ, ୫ ମହିଳା) ଜଣ ଖେଳାଳି ରହିଛନ୍ତି। ୧୨ ଜଣିଆ ପୁରୁଷ ଦଳରେ ଗଣେଶ ଧଙ୍ଗଡ଼ା ମାଝୀ, ଜୁଗଳ କିଶୋର ମାଝୀ ଓ ଆଶିଷ ସବର ରହିଥିଲା ବେଳେ ମହିଳା ଦଳରେ ଡୁମୁନି ମାର୍ଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାଏକ, ଆରତି ମୁର୍ମୁ ଓ ପାର୍ବତୀ ହାଁସ୍‌ଦା ରହିଛନ୍ତି। ଓଡ଼ିଶାରୁ ୮ ଖେଳାଳି ଚଳିତ ମାସ ୧୭ ଓ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇଦିନିଆ ପ୍ରତିଯୋଗିତା ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୨୪ (୧୨ ଲେଖାଏଁ ପୁରୁଷ ଓ ମହିଳା) ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନ ପୁଲ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିଲା ବେଳେ ଦ୍ୱିତୀୟ ଦିନ ନକ୍‌ଆଉଟ୍ ସହ ଫାଇନାଲ୍ ମ୍ୟାଚ୍ ଖେଳାଯିବ।

## ରୋନାଲ୍‌ଡୋ ନିଲମ୍ବିତ

ଲିସ୍‌ବନ ୧୧/୧୦: କିଂବଦନ୍ତି ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କୁ ନିଲମ୍ବିତ କରିଛି ପର୍ତ୍ତୁଗାଲ ଫୁଟବଲ ମହାସଂଘ। ଏହା ସହିତ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଡେନମାର୍କ ବିପକ୍ଷ ମ୍ୟାଚ୍ ପୂର୍ବରୁ ଦଳୀୟ ଶିବିର ଛାଡ଼ି ଚାଲିଯାଇଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ନରୱେ ବିପକ୍ଷ ନେସନ୍ସ ଲିଗ୍ ମ୍ୟାଚ୍‌ରେ ତାଙ୍କୁ ୩୦ ମିନିଟ୍ ଖେଳାଯିବାକୁ କୁହାଯାଇଥିଲା, ସେଥିପାଇଁ ସେ ୱାର୍ମଅପ୍ ବି କରିଥିଲେ, କିନ୍ତୁ ଖେଳାଯାଇ ନଥିଲା। ଏଥିରେ କ୍ଷୁବ୍ଧ ହୋଇ ସେ ଦଳୀୟ ଶିବିର ଛାଡ଼ି ଚାଲିଯାଇଥିଲେ।ତେବେ ପରେ ରୋନାଲ୍‌ଡୋ ଦଳର ପ୍ରଶିକ୍ଷକ ଜର୍ଜ ଜେସୁସଙ୍କୁ ସମାଲୋଚନା କରିବା ସହ ଦଳର ସମର୍ଥକମାନଙ୍କୁ ନିଜ ଆଚରଣ ପାଇଁ କ୍ଷମା ମାଗିଥିଲେ।

## ଟେଷ୍ଟରେ ହ୍ୟାଟ୍ରିକ୍
## ମହମୁଦ ପ୍ରଥମ ବାଂଲାଦେଶ ଦ୍ରୁତ ବୋଲର

ଆବୁଧାବି ୧୧/୧୦: ବାଂଲାଦେଶ ଦ୍ରୁତ ବୋଲର ହାସନ ମହମୁଦ ରବିବାର ଇତିହାସ ରଚିଛନ୍ତି। ସେ ପ୍ରଥମ ବାଂଲାଦେଶ ଦ୍ରୁତ ବୋଲର ଭାବେ ଟେଷ୍ଟ୍ କ୍ରିକେଟ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ଆବୁଧାବିରେ ଚାଲିଥିବା ଆଫଗାନିସ୍ତାନ ବିପକ୍ଷ ଏକ ମାତ୍ର ଟେଷ୍ଟ୍‌ର ତୃତୀୟ ଦିନରେ ସେ ଏହି ସଫଳତା ପାଇଛନ୍ତି। ଆଫଗାନିସ୍ତାନ ପାଳିର ୮୩ତମ ଓଭରର ଲଗାତାର ୩ ବଲ୍‌ରେ ଆଫଗାନିସ୍ତାନ ବ୍ୟାଟର ଇସ୍‌ମତ ଆଲାମ, କ୍ୱାଇସ ଅହମଦ ଓ ଲିଟନ ଦାସଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ।କ୍ରିକେଟ୍‌ରେ ହ୍ୟାଟ୍ରିକ୍ ଅର୍ଜନ ଏହି ହ୍ୟାଟ୍ରିକ୍ ସହ ୨୬ ବର୍ଷୀୟ ମହମୁଦଙ୍କ ୫/୫୫ ବୋଲିଂ ସଫଳତା ବଳରେ ଆଫଗାନିସ୍ତାନର ପ୍ରଥମ ପାଳି ୨୪୦ରେ ଅଟକି ଯାଇଥିଲା ଏବଂ ବାଂଲାଦେଶ ୧୦୬ ରନ୍‌ର ଅଗ୍ରଣୀ ନେଇଥିଲା। ପୂର୍ବରୁ ବାଂଲାଦେଶ ପ୍ରଥମ ପାଳିରେ ୩୪୬ ରନ୍



କରିଥିଲା। ମହମୁଦ ତୃତୀୟ ବାଂଲାଦେଶ ବୋଲର ଭାବେ ଟେଷ୍ଟ୍ କ୍ରିକେଟ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ଦୁଇ ସ୍ପିନର ଆଲୋକ କପାଳି (ପାକିସ୍ତାନ ବିପକ୍ଷ, ୨୦୦୩) ଓ ସୋହାଗ ଗାଜି (ନ୍ୟୁଜିଲାଣ୍ଡ ବିପକ୍ଷ, ୨୦୧୩)ରେ ହ୍ୟାଟ୍ରିକ୍ ସଫଳତା ପାଇଥିଲେ।

## ଅବକାରୀ ଚଢଉ ୧୨ ଲକ୍ଷ ଟଙ୍କାର ୧୨୦ କିଲୋ ଗଞ୍ଜେଇ ଜବତ

ଆଠଗଡ଼, ୧୧/୧୦(ଅକ୍ଷର ଓଡ଼ିଶା)କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପ ଅଧୀକ୍ଷକ ସିଏଚ୍ ତିରୁପତି ଏବଂ ଆଠଗଡ ଅବକାରୀ ନିରୀକ୍ଷକରବିନାରାୟଣ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଗୋଟି ଟିମ୍ ଗଠନ କରାଯାଇ ତିଗିରିଆ ଥାନା ଅନ୍ତର୍ଗତ ନୁଆସଡକ ଛକରେ ଆଠଗଡ ଅବକାରୀ ଥାନା ଏବଂ ବାଙ୍କୀ ଅବକାରୀ ଥାନା ସହିତ ଏକ ମିଳିତ ଚଢ଼ଉ କରାଯାଇଥିଲା।ସେହି ସମୟରେ ବିଶେଷ ସୂତ୍ରରୁ ଖବର ପାଇ ତିଗିରିଆ ଆଡୁ ଆସୁଥିବା ଏକ ଗଞ୍ଜେଇ ବୋଝେଇ ଥିବା ମାରୁତି ସୁଜୁକି ସ୍ୱିଫ୍ଟ ଯାହାର ରେଜିଷ୍ଟ୍ରେସନ ନମ୍ବର ଓଡ଼ି -୦୨ - ଆର-୮୮୧୧ କୁ ଅଟକାଇବାରୁ ଅବକାରୀ ଗାଡ଼ିକୁ ଧକ୍କା ଦେଇ ଦ୍ରୁତ ଗତିରେ ଆଠଗଡ ଆଡ଼କୁ ଅଗ୍ରସର ହେବାରେ ଉକ୍ତ ଗାଡ଼ିକୁ ପିଛା କରିବାରେ ମାରୁଗୋଠ ଛକ ନିକଟରେ ରୋଡ କରିଡରରେ ଧକ୍କା ଦେଇଥିଲା। ଅନ୍ଧାରର ସୁଯୋଗ ନେଇ ଆସାମୀ ଓ ତାର ସହଯୋଗୀ ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ଉକ୍ତ




ଚଢ଼ଉରେ ସର୍ବମୋଟ ୧୨୦ କିଲୋ ଗଞ୍ଜେଇ ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ୍ୟ ସହିତ ବ୍ୟବହୃତ ଗାଡିଟିକୁ ଜବତ କରି ଏକ ମାମଲା ରୁଜୁ କରାଯାଇଛି। ଖବର ପାଇ ଘଟଣା ସ୍ଥଳରେ ଆଠଗଡ ଉପଖଣ୍ଡ ଏସଡିପିଓ ବିଶ୍ୱଜିତ୍ ମହାନ୍ତିଙ୍କ ସମେତ ଆଠଗଡ ଥାନାର ସମସ୍ତ ସହକର୍ମୀ ଓ ଆଠଗଡ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ପହଞ୍ଚି କାର୍ଯ୍ୟ ତୁଲାଇବାରେ ସହଯୋଗ କରିଥିଲେ ।

## ପ୍ରଫେସର ମହେଶ୍ୱର ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

କଣ୍ଟିଲୋ ୧୧/୧୦(ଅକ୍ଷର ଓଡ଼ିଶା): ଶରଣକୁଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମହେଶ୍ୱର ମହାପାତ୍ରଙ୍କ ଆକସ୍ମିକ ବିୟୋଗରେ ସ୍ତବ୍ଧ ହୋଇପଡିଛି ଛାତ୍ର ସମାଜ।ବିଶିଷ୍ଟ ଶିକ୍ଷାବିତ୍, ଛାତ୍ରବତ୍ସଳ ଓ ଜଣେ ମହାନ୍ ବ୍ୟକ୍ତିତ୍ୱ ସ୍ୱର୍ଗତ ମହେଶ୍ୱର ମହାପାତ୍ରଙ୍କ ଅକାଳ ବିୟୋଗ ଘଟିଥିବା ଖବର ନିଜ ଜନ୍ମିତ ଗ୍ରାମରେ ତଥା ଅଧ୍ୟାପନା ଆରମ୍ଭ କରିଥିବା ନୀଳମାଧ୍ୱ କଲେଜ ପୁରାତନ ଛାତ୍ର, ସହକର୍ମୀ ଙ୍କୁ ସ୍ତବ୍ଧ ଓ ମର୍ମାହତ କରିଛି।ଆଜି ନୀଳମାଧ୍ୱ ମହାବିଦ୍ୟାଳୟ ଓ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପୃଥକ ଭାବେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ଡ଼ ନନ୍ଦିତା ବାରିକଙ୍କ ପୌରାହିତ୍ୟରେ ସ୍ୱର୍ଗତ ମହେଶ୍ୱର ସାରଙ୍କ ସୁଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।ସେହିପରି ସ୍ଥାନୀୟ ପୂର୍ତ୍ତ ଡାକ ବଙ୍ଗଳା ପରିସରରେ ପ୍ରାକ୍ତନ ଛାତ୍ର, ଶୁଭେଚ୍ଛୁ ମାନେ ଶ୍ରଦ୍ଧାଞ୍ଜଳି ସଭା କରିଥିଲେ।ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଓ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ସ୍ନେହ, ସହାନୁଭୂତି ଓ ଆତ୍ମୀୟତା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ କେବଳ ଜଣେ ଅଧ୍ୟକ୍ଷ ନଥିଲେ; ଛାତ୍ରଛାତ୍ରୀଙ୍କ ପାଇଁ ସେ ଥିଲେ ଜଣେ



ଅଭିଭାବକ, ପଥପ୍ରଦର୍ଶକ ଓ ପ୍ରେରଣାର ଉତ୍ସ।ସରଳ ଜୀବନଯାପନ, ଉଚ୍ଚ ଚିନ୍ତାଧାରା, ମାନବିକତା ଏବଂ ସମାଜ ପ୍ରତି ତାଙ୍କର ଦାୟିତ୍ୱବୋଧ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ମହାନ କରିଥିଲା। ଶ୍ରଦ୍ଧାଞ୍ଜଳି ସଭା ରେ ନୀଳମାଧ୍ୱ କଲେଜ ର ସ୍ୱର୍ଗତ ମହେଶ୍ୱର ସାରଙ୍କ ସହକର୍ମୀ ପ୍ରଧ୍ୟାପକ ସୁଜଳ ମହାରଣା, ଓମ ପ୍ରକାଶ ସାହୁ, ରାଜୀବ ଲୋଚନ ମିଶ୍ର,ହୃଷିକେଶ ମିଶ୍ର,ଅଭିମନ୍ୟୁ ଜେନା,ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି,ରାମେଶ୍ୱର ଶତପଥୀ,ସରୋଜ ସାହୁ,ଶ୍ରୀପତି ମହାରଣା, ଅକ୍ଷୟ ମହାରଣା,ତପନ ମହାପାତ୍ର, ଶୁଭ୍ରାଂଶୁ ମହାରଣା, ବାଳକୃଷ୍ଣ ରାଉତ, ରାଜେଶ ସାହୁ,ରାଜେଶ ମହାରଣା, ଚିନ୍ମୟ ଚୌଧୁରୀ , ଜଗନ ମୋହନ ବେହେରା,ଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଶୁଭେଚ୍ଛୁ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସୁକାନ୍ତ ମିଶ୍ର ।

## ନୂତନ ଜିଲ୍ଲାପାଳ ଭାବେ ଅନ୍ୟା ଦାସଙ୍କ ଦାୟିତ୍ୱ ଗ୍ରହଣ

ନୂଆପଡ଼ା୧୧/୧୦ (ଅକ୍ଷର ଓଡ଼ିଶା): ଶ୍ରୀମତୀ ଅନ୍ୟା ଦାସ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଆଜି ନୂଆପଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।ତାଙ୍କର ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲାର ପ୍ରଶାସନିକ କାର୍ଯ୍ୟକଳାପକୁ ନେଇ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଜିଲ୍ଲାର ବିକାଶମୂଳକ କାର୍ଯ୍ୟ, ଜନସାଧାରଣଙ୍କ ସମସ୍ୟାର ସମାଧାନ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଜିଲ୍ଲାବାସୀଙ୍କ ନଜର ରହିଛି।



## ମୁଣ୍ଡ ଉପରେ ପାର୍ବଣ,ଅଞ୍ଚଳ ଅନ୍ଧକାରାଚ୍ଛନ୍ନ

ନିଶ୍ଚିନ୍ତକୋଇଲି ୧୧/୧୦(ଅକ୍ଷର ଓଡ଼ିଶା)-ମୁଣ୍ଡ ଉପରେ ପବିତ୍ର ଶାରଦୀୟ ପୂଜା ଓ ଦଶହରା ପର୍ବ ରହିଛି। ଏପରିସ୍ଥଳେ ସମଗ୍ର ନିଶ୍ଚିନ୍ତକୋଇଲି ବଜାର ଓ ସାପ୍ତାହିକ ହାଟ ଅନ୍ଧକାରାଚ୍ଛନ୍ନ ରହିଥିବାରୁ ସାଧାରଣରେ ଗଭୀରଅସନ୍ତୋଷ ପ୍ରକାଶ ପାଇଛି। ଏଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଆଗାମୀ ଦିନରେ ଏହି ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଙ୍ଘ କଟକ ଜିଲ୍ଲାର ଗୋଟିଏ ଶୃଙ୍ଖଳିତ ସଙ୍ଘ ରୂପେ ସୁନାମ ଅର୍ଜନ କରିଛି। ପ୍ରତିବର୍ଷ ଏହି ବଜାରରେ ୮-୧୦ ଦିନ ଧରି ଶାରଦୀୟ ପୂଜାଉତ୍ସବ ଓ ଦଶହରା ପର୍ବ ଆଡମ୍ବର ସହକାରେ ପାଳନ କରାଯାଇ ଥାଏ। ସ୍ଥାନୀୟ ଅଚଂଳର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଭକ୍ତ ଓ ଦର୍ଶକ ଏହି ବଜାରକୁ ମାଙ୍କ ଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଆସିଥାନ୍ତି। ବିଗତ ନବୀନ ସରକାରଙ୍କ ଶାସନ କାଳ ମଧ୍ୟରେ ଏହି ବଜାର ଓ ହାଟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଜ୍ଜଳ ଆଲୋକିକରଣ କରାଯାଇଥିଲା। ସରକାର ପରିବର୍ତ୍ତନ ହୋଇଯିବା ପରେ ଏହି ଉଜ୍ଜଳୀ ଆଲୋକୀକରଣ ଯୋଜନା ଠପ ହୋଇଯାଇଛି। ଫଳରେ ନିଶ୍ଚିନ୍ତକୋଇଲି ବଜାର ଓ ସାପ୍ତାହିକ ହାଟ ଅନ୍ଧାର ଘେରରେ ରହିଛି। ମୁଣ୍ଡ ଉପରେ ପାର୍ବଣ ଥିଲା ବେଳେ ଏହି ଉଜ୍ଜଳୀ ଆଲୋକୀକରଣକୁ ମରାମତି କରାଯିବା ଦିଗରେ ପ୍ରଶାସନ ତରଫରୁ କୌଣସି ଆନ୍ତରିକତା ପ୍ରକାଶ ପାଉନାହିଁ। ଫଳରେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବାକୁ ଯାଉଛି। ଅପରପକ୍ଷରେ ସମଗ୍ର ଅଂଚଳ ଅନ୍ଧକାରାଚ୍ଛନ୍ନ ରହିଥିବା କାରଣରୁ ବଜାରରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ହିଞ୍ଜିଳିକାଟୁ ବ୍ଲକ୍ ଚମ୍ପିୟାନ୍

ହିଞ୍ଜିଳିକାଟୁ, ୧୧/୧୦: (ଅବନି କାନ୍ତ ପଟ୍ଟନାୟକ)୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ବର୍ଗରେ ହିଞ୍ଜିଳିକାଟୁ ବ୍ଲକ୍ ଚମ୍ପିୟାନ୍ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ କୁକୁଡ଼ାଖଣ୍ଡି ବ୍ଲକ୍‌କୁ ପରାସ୍ତ କରି ହିଞ୍ଜିଳିକାଟୁ ବ୍ଲକ୍ ଏହି ଗୌରବମୟ ସଫଳତା ହାସଲ କରିଛି। ଗଞ୍ଜାମ ଜିଲ୍ଲାର ବେଗୁନିଆପଡ଼ା ସ୍ଥିତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବମୋଟ ୫୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ଲକ୍‌ର ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିବାବେଳେ ହିଞ୍ଜିଳିକାଟୁ ବ୍ଲକ୍‌ର ଖେଳାଳିମାନେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଚମ୍ପିୟାନ୍ ହେବାର ଗୌରବ ଅର୍ଜନ କରିଛନ୍ତି।ଏହି ସଫଳତା ହିଞ୍ଜିଳିକାଟୁ ବ୍ଲକ୍‌ର କ୍ରୀଡ଼ା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉପଲବ୍ଧି।




ଖେଳାଳିମାନଙ୍କ ଏହି ବିଜୟକୁ ନେଇ କ୍ରୀଡ଼ାପ୍ରେମୀ,ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।ବିଜୟୀ ଖେଳାଳିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera